Digitized by srujanika@gmail.com

ମରୀଚିକା : କେତୋଟି ମୁହୂର୍ତ୍ତର

ଶ୍ରୀମତୀ ବୀଣା ଦେବୀ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ମରୀଚିକା :
କେତୋଟି ମୁହୂର୍ତ୍ତର

ଲେଖିକା :
ଶ୍ରୀମତୀ ବୀଣା ଦେବୀ
କେନ୍ଦ୍ର ନିର୍ଦ୍ଦେଶିକା
ଆକାଶବାଣୀ, ଜୟପୁର

ପ୍ରଥମ ପ୍ରକାଶ—ମଇ : ୧୯୭୯

ମୁଦ୍ରଣ :
କେଶବ ଚରଣ ରଥ
ପ୍ରକାଶ ପ୍ରିଣ୍ଟର୍ସ
ବାମ୍ଫୀସାହି, କଟକ-୯

ପ୍ରକାଶକ :
ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨

ମୂଲ୍ୟ : ଆଠ ଟଙ୍କା ମାତ୍ର
ଶୋଭନ : ଦଶ ଟଙ୍କା

MARICHIKA :
KETOTI MUHURTARA

Written by
Srimati Bina Devi
Station Director
All India Radio
Jeypore

First Publication
May-1979

Printed by
Keshab Charan Rath
Prakash Printers
Bamphi Sahi
Cuttack-9

Published by
Govind Charan Patra
Orissa Book Store
Binod Bihari
Cuttack-2

Rs. 10/- only

Digitized by srujanika@gmail.com

ଆମନ୍ତ୍ରଣ :

- ବିକ୍ଷିପ୍ତ ସମୟର ଅସରନ୍ତି ଶବ୍ଦ ତରଙ୍ଗର ସଫଳ ସ୍ମାରକୀ ମଣିଚକା : କେତୋଟି ମୁହୂର୍ତ୍ତର ।

- ନିଜସ୍ୱ ଶୈଳୀ ଏବଂ ଭାଷାରେ ବଳିଷ୍ଠ ଏହି ମୁହୂର୍ତ୍ତର ମଣିଚକା ।

- କିଞ୍ଚିତ୍ ବୋଧ-ଅବୋଧ ସ୍ପନ୍ଦନରେ······ସହଜ କଥନ—ଭଙ୍ଗୀ ଓ ଭାଷାରେ ଚମତ୍କାର ଅଙ୍ଗସଜ୍ଜା ସହ ଏସବୁ ମୁହୂର୍ତ୍ତ ଗୁଡ଼ିକର ଆତ୍ମପ୍ରକାଶ ।

- ଜଣେ ମୁଗ୍ଧ ପାଠକ ଭାବରେ ମୁଁ ଆମନ୍ତ୍ରଣ କରୁଛି ଆପଣଙ୍କୁ—ଏ ମଣିଚକା ପଛରେ ଅନ୍ତତଃ କେତୋଟି ମୁହୂର୍ତ୍ତ ଦୌଡ଼ିବା ଲାଗି···ଓଡ଼ିଆ ପ୍ରକାଶନ ମରୁ ତୀର୍ଥରେ—ଏ ଓଏସିସ୍‌ରେ ସ୍ନାନ ପାଇଁ ।

ଆମନ୍ତ୍ରଣକାରୀ

ଆପଣମାନଙ୍କର ଗୁଣମୁଗ୍ଧ

ବ୍ରଜମୋହନ ମହାନ୍ତି

Digitized by srujanika@gmail.com

ଶବ୍ଦ ତରଙ୍ଗର ସ୍ୱାକ୍ଷରରେ

- ଗୋଟିଏ ଅମୃତ ଦେହର ଆବିଷ୍କାର ପରେ ... ୧
- ନକ୍ଷତ୍ରର ଅଭିଶାପ ... ୧୫
- ବନ୍ଧୁର ସଙ୍କେତ ... ୨୧
- ଦୁଇଟି ମୃତ୍ୟୁ ... ୨୭
- ମଣ୍ଡଚକା : କେତୋଟି ମୁହୂର୍ତ୍ତର ... ୩୪
- ଆକସ୍ମିକ ... ୪୪
- ମନର ଆଖିରେ ... ୫୩
- କାଠ ଘୋଡ଼ା ... ୬୭
- ଗୋଟିଏ ପରଜନ୍ମର କାହାଣୀ ... ୭୧
- ଗୋଟିଏ ଅଲୌକିକ ଘଟଣା ସମ୍ପର୍କରେ ... ୮୧
- ଝରକା ... ୯୧
- ନୀଡ଼ ... ୯୭
- ସ୍ୱପ୍ନ ଗୋଟିଏ କାମନାର ... ୧୦୭
- ସୀମାନ୍ତ ... ୧୧୭

Digitized by srujanika@gmail.com

ଗୋଟିଏ ମୃତ ଦେହର ଆବିଷ୍କାର ପରେ

ଆମେ ତାକୁ ହତ୍ୟା କଲୁ ।

ଆମେ—ଯେଉଁମାନେ କେତେ ମିନିଟ୍‌ର ଶାରୀରିକ ସୁଖର ସନ୍ଧାନରେ—ତା'ର ଉତ୍ପତ୍ତି, ତା'ର ସୃଜନକୁ ସମ୍ଭବ କଲୁ । ଆମେ—ଯେଉଁମାନେ ନିଜର ପାଶବିକ ପ୍ରବୃତ୍ତିକୁ ଚରିତାର୍ଥ କରିବାକୁ—ଉତ୍ତେଜନାରେ, କାମନାରେ ଅନ୍ଧ ହୋଇ କେବଳ ନିଜର ତୃପ୍ତି, ନିଜର ଜୀବସୁଲଭ କଥା ଭାବିଲୁ—ଆଜି ତା'ର ଭିତରେ ଭୁଲିଗଲୁ ତାକୁ; ଯେ ନିଜର ଅଜାଣତରେ, ନିଜର କୌଣସି ପରୋକ୍ଷ ବା ପ୍ରତ୍ୟକ୍ଷ ସହଯୋଗ ବିନା—ହୁଏତ ବା ନିଜର ଅନିଚ୍ଛାରେ ଜନ୍ମ ନେଲା । ଦେହର ମିଳନ ମନର ମିଳନକୁ ସମ୍ଭବ କଲା କି ନ କଲା ତା'ର କୌଣସି ପ୍ରମାଣ ନ ରହିଲେ ବି ଦେହର ମିଳନ ଯେ ସମ୍ପୂର୍ଣ୍ଣ ସଫଳ ହେଲା ତା'ର ଜୀବନ୍ତ ପ୍ରମାଣ ହୋଇ ସେ ରହିଲା, ବଢ଼ିଲା । ଆଉ ଧିରେ ଜନ୍ମ ବି ନେଲା ।

ସେଇ ହେଲା ତା'ର ଅପରାଧ ।

ତା'ର ଅପରାଧ—ସେ ରହିଗଲା, ବଞ୍ଚିଗଲା ଆଉ ଆସିଲା ଲୋକ ଲୋଚନକୁ । ତା'ର ଏଇ ଘୋର ଅପରାଧର ଶାସ୍ତି ଆମେ ତା'କୁ ଦେଲୁ—ଆମେ ତା'କୁ ହତ୍ୟା କଲୁ । କିନ୍ତୁ ତା'ର ଜନ୍ମରେ, ତା'ର ସୃଷ୍ଟିରେ ଲାଗି—ସବୁଠାରୁ ବେଶି ସମ୍ପର୍କହୀନ ଯଦି କେହି ଥାଏ ତେବେ ସେ ହେଲା ସେଇ ଜଣକ । କାହିଁ ?

ସେ କଥା ଆମର ମନେ ରହିଲାନି ତ ?

Digitized by srujanika@gmail.com

ଯଦି କେହି ସବୁଠାରୁ ଅଧିକ ନିର୍ଦ୍ଦୋଷ ହୋଇଥାଏ—ତା'ର ସୃଷ୍ଟିର, ଜନ୍ମର ଅପରାଧ ଲାଗି—ତାହେଲେ ସେ କ'ଣ ସେଇ ଜଣକ ନୁହେଁ ? ଅଥଚ ··ଯେଉଁ ଅପରାଧ ସେ କରିନ, ଯାହା ସେ କରିବା ସମ୍ଭବ ନୁହେଁ—ଆମେ ତା'କୁ ଦୋଷୀ କଲୁ—ସେଇ ଅପରାଧ ଲାଗି ଏବଂ ସେ ଦୋଷର ବିଗ୍ରହ କରି ଅନନ୍ତ କାଳମ୍ବେ, ଆମେ ତାକୁ ଦଣ୍ଡଦେଲୁ—ପ୍ରାଣଦଣ୍ଡ !

ଯେଉଁମାନେ ଦାୟୀ—ତା'ର ସୃଷ୍ଟି ଲାଗି, ଯେଉଁମାନେ ଦାୟୀ—ତା'ର ସୃଷ୍ଟିକର୍ତ୍ତା ହାତରେ ଏମିତି ତା'ର ନିହତ ହେବା ଲାଗି, ଆଉ ଯେଉଁମାନେ ଦାୟୀ--ତା'ର ବଞ୍ଚିବାର ଅଧିକାର ଏମିତି ନିର୍ମମ ଭାବରେ ଅପହରଣ କରି ନେଇଥିବା ଲାଗି—ସେମାନେ ସମସ୍ତେ ହେଲେ—ସାଧୁ, ସଚ୍ଚୋଟ, ଆଉ ଭଲ ମଣିଷ ! ଆଉ ସେ ?

ସେ ହେଲା ଦୋଷୀ—ନିଜର ସୃଷ୍ଟି ଲାଗି; ଯାହା ସେ କରିନ । ସେ ହେଲା ଦାୟୀ--ବଞ୍ଚି ରହିବା, ବଢ଼ିବା ଲାଗି, ଯାହା ତା'ର ଇଚ୍ଛା ଅନିଚ୍ଛାରୁ ଦୂରରେ ।

ସେ ହେଲା 'ଅପରାଧୀ—ଜନ୍ମ ନେଇଥିବାରୁ—ଯାହା ତା'ର ସହଯୋଗ, ତା'ର ଜ୍ଞାତବ୍ୟରୁ ବାହାରେ ।

ଠିକ୍ ଯେତିକି ନୀରବରେ, ନିର୍ବିକାର ସେ ଥିଲା—ନିଜର ସୃଷ୍ଟି, ସ୍ଥିତି ଓ ବିନାଶ ଲାଗି ଠିକ୍ ସେତିକି ନିର୍ବିକଳ୍ପ ସେ ଥିଲା—ନିଜର ମୃତ୍ୟୁ ବିଷୟରେ । ତଥାପି ସେ କ'ଣ କାନ୍ଦି ନ ଥିଲା ? ସ୍ୱାର୍ଥପର, ଅପରିଣାମଦର୍ଶୀ ମଣିଷର ଏକ ଜଘନ୍ୟ ପାପ ଲାଗି ଦୁଃଖରେ, ଲଜ୍ଜାରେ, ଅପମାନରେ ସେ କ'ଣ କାନ୍ଦି ନ ଥିବ ?

ଅବା ସେ କାନ୍ଦି ଥିବ—ନୂଆ କରି କେତେ ସମୟ ଲାଗି, ସେ ନିଜର ଛୋଟ ବୁକୁ ଭରିଥିଲା ଯେଉଁ ପବନରେ; ଜୋର୍ କରି ତା'ର ଦମ୍ ବନ୍ଦ କରିବାକୁ ଗଲାବେଳେ ସେଇ ପବନରେ ନିଃଶ୍ୱାସ ନେବାକୁ ନ ଦେବାରୁ ? କିମ୍ବା କାନ୍ଦିଥିବ—ଯାହାର ଦେହରେ ତା' ସୃଷ୍ଟି, ଜନ୍ମ ଯାହା ଦେହରୁ ତା'ର କୋଳର ସ୍ନେହର ସ୍ପର୍ଶ ବଦଳରେ—

Digitized by srujanika@gmail.com

ତା'ର ହାତର ହିଂସ୍ର, କଠୋର ସ୍ପର୍ଶରେ ଦମ୍ ବନ୍ଦ ହୋଇ, ଜୀବନ ଦେବାକୁ ପଡ଼ିଥିବାରୁ ?

କମ୍ପା—ସେ ହସି ଥିଲା ?

ହସିଥିଲା—ଯେତେବେଳେ ସେ ବୁଝିଲା କେଡ଼େ ସ୍ରେଷ୍ଠ, କେଡ଼େ ନିର୍ବୋଧ ଏ ମଣିଷମାନେ ? ନିଜର ସ୍ୱାର୍ଥ ଲାଗି ସେମାନେ ଅଭିନୟ କରନ୍ତି—କେତେ ସ୍ନେହ, କେତେ ବାତ୍ସଲ୍ୟ ଆଉ ମମତାର ? ପୁଣି ନିଜର ସ୍ୱାର୍ଥହାନୀ ହେବାର ଆଶଙ୍କା ଦେଖିଲେ—କେମିତି ସେମାନେ ହୋଇ ଉଠନ୍ତି—ହିଂସ୍ର, ନିର୍ମମ, ଭୟଙ୍କର !

ଯାହାର ହାତ ଏତେ ଆଦର କରିପାରେ, ଯେ ବାହାନା କରିପାରେ ଏତେ କଲ୍ୟାଣ ଆଉ ଆଶିଷର—ସେଇ ଗଳା ଚିପି ଦମ୍ ବନ୍ଦକରି ଜୀବନ ବି ନେଇପାରେ । ସେ ହସିଥିଲା ଏଇଆ ଭାବି କୋଉଟା ସତ ? କୋଉଟା ପ୍ରକୃତ ଚେହେରା, କୋଉଟା ପ୍ରକୃତ ରୂପ ଏ ମଣିଷର ?

ସେ ସେତେବେଳେ କାନ୍ଦିଥିଲା, ନା ହସିଥିଲା ଜାଣିବା ସମ୍ଭବ ନ ହେଲେ ବି ଏଇକ୍ଷଣି, ଏଇ ମୁହୂର୍ତ୍ତରେ ସେ କାନ୍ଦୁନ ଥିଲା, କି ହସୁ ବି ନ ଥିଲା । ସେ ଶୋଇ ରହିଥିଲା—ବାଁ ପଟକୁ ଅଣେଇ ହୋଇ । କେତେ ସମୟ ପୂର୍ବରୁ ଜୀବନର ଶେଷ ମୁହୂର୍ତ୍ତରେ ଯେମିତି ସେ ଶୋଇଥିଲା, ଏବେ ବି ଠିକ୍ ସେମିତି ଶୋଇ ରହିଛି ସେ । ପଥରରେ ତିଆରି ମୂର୍ତ୍ତି ଭଳି, ସ୍ଥିର ନିଶ୍ଚଳ ନିସ୍ତବ୍ଧ । ଦୁଇ ବାହୁ ତା'ର ଦୁଇ କାନ ଉପରେ ଯୁପି ହୋଇ ରହିଥିଲା । ଗୋଡ଼ ଦୁଇଟି ଜାକହୋଇ ରହିଥିଲା—ପେଟ ପାଖରେ । ଆଖି ତା'ର ବନ୍ଦ ହୋଇ ରହିଥିଲା ।

ହୁଏତ ସେ କିଛି ଦେଖିବାକୁ ବା ଶୁଣିବାକୁ ଚାହୁଁ ନ ଥିଲା । କାରଣ ଯଦି ସେ ଆଖି ଖୋଲିବ, କ'ଣ ସେ ଦେଖିବ ?

ଆଖି ଖୋଲିଲେ, ଯାହା ସେ ଦେଖିବ, ଯାହା ସେ ଦେଖିଥାନ୍ତା—ସେତ ମଣିଷ ମନର ଜଘନ୍ୟ ରୂପ, ପାପ ତା'ର କମୁଡକମାକାର ମନର !

Digitized by srujanika@gmail.com

ଆଜ ଯଦି ସେ ଶୁଣିଥାନ୍ତା—କ'ଣ ତାକୁ ଶୁଣିବାକୁ ହେଇଥାନ୍ତା ? ଯେଉଁ ମଧୁର କଣ୍ଠରେ କଅଁଳ ନାନାବାୟା ଗୀତ ସାଙ୍ଗ ଦୁନିଆର ଅଗଣିତ ଶିଶୁଙ୍କୁ ବୋଧ ଦେଇଥାଏ, ସେଇ କଣ୍ଠରୁ ନିର୍ମମ, ନିଷ୍ଠୁର, ଅମାନୁଷିକ ଆଦେଶ ।

—"ତାକୁ ମରିବାକୁ ହେବ । ହଁ, ମରିବାକୁ ହେବ ତାକୁ । କାରଣ ତା'ର ମରିବାରେଇ ମୁଁ ବଞ୍ଚିବି । ଯଦି ସେ ବଞ୍ଚିବ—ତେବେ ମତେ ମରିବାକୁ ହେବ । ଆଜି ମୁଁ ମରିବାକୁ ଚାହେଁନି, ନାଁ ମୁଁ ମରିବାକୁ ଚାହେଁନି । ମୁଁ ଚାହେଁ ବଞ୍ଚିବାକୁ । ଦୁନିଆରୁ ଅନେକ କିଛି ପାଇବାର ବାକି ଅଛି ମୋର । ବାକି ଅଛି—ଜୀବନର ଅନେକ ସୁଖ । ମୁଁ ସେଇଥିପାଇଁ ବଞ୍ଚିବାକୁ ଚାହେଁ ଆଉ ସେଇଥିପାଇଁ ତାକୁ ମରିବାକୁ ପଡ଼ିବ । ମୁଁ ତାକୁ ମାରିଦେବି—ସେଇ ହେଲା ମୋର ବଞ୍ଚିବାର ଏକମାତ୍ର ଉପାୟ ।"

ନାଁ, ସେ ଶୁଣିବାକୁ ଚାହିଁନି—ଚାହିଁନି ନିଜ କାନରେ ଶୁଣିବାକୁ—ନିଜର ପ୍ରାଣଦଣ୍ଡାଦେଶ । ତଥାପି—ରକ୍ଷା ସେ ପାଇନି । ଯେଉଁକଥା ଶୁଣିବନି ବୋଲି, ନିଜର ଛୋଟ ଛୋଟ ଦୁଇ ହାତରେ, ସେ ତାଙ୍କି ରଖିଥିଲା—ନିଜର ଦୁଇ କାନକୁ, ତା'ର ସ୍ୱାକ୍ଷର ଦୁଇଟି ନାଲି ଦାଗ ଗଳାର ଦୁଇ ପଟେ ବନ୍ଧନ କରି ସେ ମରି ଯାଇଛି । ମରି ଯାଇଛି ସେ ବଞ୍ଚିବାର ସ୍ୱାଦ ଅନୁଭବ କରିବା ପୂର୍ବରୁ । ଜୀବନ କ'ଣ ? ଜାଣିବା ପୂର୍ବରୁ ସେ ଅନ୍ତତଃ ଜାଣି ପାରିଛି ମରଣ କ'ଣ ? ସେଇ ସମ୍ପର୍କରେ ।

ରାସ୍ତା'ର ନାଳ ଧାରରେ ତା'ର ଗୋରା ଟକ୍ ଟକ୍ ଛୋଟ, ସୁନ୍ଦର ଦେହଟାରେ ମାଛି, ଜନ୍ଦା ଆଉ ପିମ୍ପୁଡ଼ିଙ୍କର ଯେତିକି ଭିଡ଼ ତା'ଠାରୁ ବେଶି ଭିଡ଼ କୌତୂହଳୀ, ତାମସାଦେଖାଳୀଙ୍କର, ଦେଖଣାହାରୀଙ୍କର—ତା'ର ଶବ ପାଖରେ । ତା'ର ସେଇ ନିର୍ବିକାର, ନିର୍ବିରୋଧ ମୃତ୍ୟୁ ସେମାନଙ୍କୁ ହତୋତ୍ସାହିତ କରିବା ପରିବର୍ତ୍ତେ, କରିଛି ଆହୁରି ଆଗ୍ରହୀ ମଜା ଦେଖିବାକୁ । ଜୀବନର ବହୁ ରଙ୍ଗ ମଧ୍ୟରୁ, ଇଏ ବି ଗୋଟିଏ ରଙ୍ଗ । ଯେତେବେଳେ ପର୍ଯ୍ୟନ୍ତ ନିଜେ ବିପଦରେ ପଡ଼ିବାର ଆଶଙ୍କା ନାହିଁ ଟିକେ ନିର୍ଦ୍ଦୋଷ ଆମୋଦ, ଅଳ୍ପ କୌତୁକ ମିଳିଲେ କ୍ଷତି କ'ଣ ?

Digitized by srujanika@gmail.com

ଲୋକଗହଳ ଦେଖି ଅଟକି, ଭିଡ଼ ଠେଲି ଘଟଣା କ'ଣ ଜାଣି ଯେଉଁମାନେ ସର୍ବ ପ୍ରଥମେ ସ୍ଥାନ ତ୍ୟାଗ କଲେ, ସେମାନେ ବାଧ୍ୟ ହେଲେ ପ୍ରାୟ ଦୁଇ ଗୁଣ ଜୋର୍‌ରେ ସାଇକେଲ୍ ଚଳାଇ ଯିବାକୁ । ଅଫିସ୍ ବେଳ ହୋଇ ଯାଉଛି ଡେରି ହୋଇ ଯାଇପାରେ ।

"ଯେ ହା ସାଲୁବାଲୁ ହଉଥାଉଡ଼େ ହଉଚନ୍ତି—ଏ ଛୁଆପିଲାଗୁଡ଼ାକ ଗୋଟେ ଅଧେ ଏମିତି ମଲେ କ୍ଷତି କ'ଣ ?"

କଥାଟା କହିବା ଭିତରେ ଅନ୍ୟ ସବୁ ଭୁଲି, ସେ କ'ଣ ମନେ ପକାଉ ନ ଥିଲେ କେବଳ ନିଜ ଘର କଥା ? ଅଢ଼େଇଶ ଟଙ୍କା ଦରମାରେ— ପଞ୍ଚ ପ୍ରାଣୀ କୁଟୁମ୍ବ ! ସସ୍ତାର ଦରମଶ୍ୱ କୁକୁରଙ୍କ ଭିତରେ, ଘମାଘୋଟ ଲଢ଼େଇ ଲାଗିଲା ଭଳି ପିଲାଙ୍କ ଭିତରେ ଖାଇବା ସମୟର ସେ ମାଡ଼ଗୋଳ !

ଆଉ ଅନ୍ୟ ଜଣକ ?

ସେ ହୁଏତ ମନେ ପକାଉ ଥିଲେ—ଏମିତି କରିବାର ପରାମର୍ଶ, ଦିନେ ଜଣକୁ ଦେବାକୁ ସେ ବାଧ୍ୟ ହୋଇଥିଲେ । ଏମିତି ଗୋଟିଏ ଜୀବନ ଆରମ୍ଭ ହେବା ପୂର୍ବରୁ ତାକୁ ଶେଷ କରି ଦେବାକୁ । ସେ ଦିନ ନିଜର ଇଚ୍ଛା ବିରୁଦ୍ଧରେ ତାଙ୍କୁ ସେଇଆ କରିବାକୁ ହୋଇଥିଲା ।

ଉପାୟ କ'ଣ ?

କେତେ ସମୟ—ମାତ୍ର କେତୋଟି ମିନିଟ୍‌ର ସେ ଦୁର୍ବଳତା— ତା'ରି ଫଳାଫଳ ସ୍ୱରୂପ, ସେ ନିଜର ଜୀବନ ନଷ୍ଟ କରିବାକୁ କେମିତି ବା ଦେଇ ପାରିଥାନ୍ତେ ? ବରଂ ସହଜତର ଥିଲା ଯେଉଁ ଜୀବନ ଆରମ୍ଭ ହୋଇନି—ତାକୁ ଶେଷ କରି ଦେବା । ବହୁ ସମ୍ଭାବନାର, ବହୁ କଳ୍ପନା ଆଉ କାମନାର ଏ ଜୀବନକୁ ଶେଷକରି ଦେବା ସେ କ'ଣ ନିର୍ବୋଧତା ହୋଇ ନ ଥାନ୍ତା ? ଗୋଟିଏ ଜୀବନ ବଦଳରେ ଅନ୍ୟ ଗୋଟିଏ ଜୀବନ । ସେଇଆ କଲେ ସେ ।

"ଆହା ବିଚାରି କାହାକୁ ଦେଇ ଦେଇଥିଲେ ଗରିବ ହୋଇ, ଶାଗ ଭାତ ଖାଡ ଖାଇ ପଛେ ସେ ବଞ୍ଚି ରହିଥାନ୍ତା । କେମିତି

Digitized by srujanika@gmail.com

ହାତ ଗଲା— ନିଜ ପେଟରୁ ଜନ୍ମକରି ନିଜ ହାତରେ ଗଳା ଚିପି··· !

ତାଙ୍କୁ ହୁଏତ ଧର୍ମୀ କହି ହେବନି ଯାହା କଣ୍ଠରେ ଶୁଣାଗଲା ଏ କଥା କେତେଟା । ହୁଏତ ସେ ବି ବହୁ ସନ୍ତାନର ଜନନୀ । ଆଉ ଗରିବ ବୋଲି ସମାଜର ଅନେକ ତଳେ ତାଙ୍କର ସ୍ଥିତି ନେଇ କଥାକଥିତ ଧର୍ମୀ, ସମ୍ଭ୍ରାନ୍ତ, ଶିକ୍ଷିତ ଲୋକଙ୍କର ମର୍ଜି, ଖେୟାଲ ଆଉ ତା'ର ଶିକାର ହେବାର ସେ ଅବସ୍ଥା କଥା ସେ ମଧ୍ୟ ତାଙ୍କର ଅଜଣା ନ ଥିବ । ଏମିତି ବି ହୋଇ ପାରେ, ତାଙ୍କର ଠିକ୍ ସେତିକବେଳେ ମନେ ପଡ଼ିଗଲା ତାଙ୍କର ସେ ଚତୁର୍ଥ ଅବା ପଞ୍ଚମ ସନ୍ତାନ କଥା ।

ଘରୁ କେତେ ବର୍ଷର ଅନୁପସ୍ଥିତି ପରେ ଫେରି ଆସି ତାଙ୍କ ସ୍ୱାମୀ ଯାହାକୁ ଦେଖି ଖୁବ୍ ଖୁସି ହୋଇଥିଲେ ? ଆଜି ମନେ ପଡ଼ିଗଲା— ପିଲାଟିର ବାପା କିଏ ଜାଣିବା ସମ୍ଭବ ନୁହେଁ ବୋଲି !

ଗାଡ଼ିରେ ସେଇ ବାଟେ ଚାଲି ଯାଉ ଯାଉ, ଚକୋଲେଟ୍ ଖାଇ, ଜରିକାଗଜଟା ଫିଙ୍ଗିବା ଲାଗି ଯେ ବାହାରକୁ ଚାହିଁଲେ, ତାଙ୍କ ଆଖିରେ ରାସ୍ତାର ସେ ଦୃଶ୍ୟ ପଡ଼ିଲା କି ନାହିଁ ଜାଣିବା ସହଜ ନ ଥିଲା । ସତରେ କ'ଣ ତାଙ୍କର ବି ମନେ ପଡ଼ିଗଲା ?

ହଁ—ମନେ ପଡ଼ିଲା ।

ତାଙ୍କର ବି ମନେ ପଡ଼ିଲା । ମନେ ପଡ଼ିଲା ବହୁ ବର୍ଷର ବ୍ୟବଧାନ ପରେ ଯେଉଁଦିନ ସେ ଜାଣିଲେ ଯେ, ସେ ପୁଣି ମା' ହେବାକୁ ଯାଉଛନ୍ତି ! ସେଦିନ ସବୁରିଠାରୁ, ଏପରିକି ନିଜଠାରୁ ବି ନିଜ ଅବସ୍ଥା କଥା ଲୁଚାଇବାକୁ ଚାହିଁଥିଲେ ସେ ।

ପଚିଶ ବର୍ଷର ବଡ଼ ପୁଅ ବାହାଘରର ବର୍ଷେ ପରେ, ତା'ର ସ୍ତ୍ରୀର ଏବେ ପିଲାପିଲି ହେବାର ଅଛି । ଆଉ ତିନି ବର୍ଷ ତଳେ ବାହା ହୋଇଥିଲା ବଡ଼ ଝିଅ—ଯାହାର ଝିଅଟି ଏବେ ଠିଆ ହେଲାଣି । ସାନ ପୁଅ କଲେଜର ଛାତ୍ର ଆଉ ସାନ ଝିଅ ସ୍କୁଲ ଛାତ୍ରୀ ।

ଅନେକ ଭାବିଚିନ୍ତି ସେ—ନାଁ, ଉପାୟ ନାହିଁ । ମନକୁ ସେଇ ଗୋଟିଏ କଥା ବାରମ୍ବାର ଆସିଥିଲା—ନାଁ, ଏ ସନ୍ତାନ ଅବାଞ୍ଛିତ,

Digitized by srujanika@gmail.com

ଅନାଦୃତ । ଏହାକୁ ବଞ୍ଚାଇ ରଖିବାର କଷ୍ଟ ମାନେ ତ୍ରୁଏନା । ସେଥିରେ ଅଛି ଅନେକ ବିରକ୍ତି, ଅପମାନ, ଅନେକ ଲଜ୍ଜା । ଶେଷ କରିବାକୁ ହେବ—ଏ ସନ୍ତାନକୁ ଶେଷ କରିବେ ସେ । ଆଜ୍ଞ ଶେଷ କରିବାକୁ ହେବ—ଅନ୍ୟ ସବୁରି ଅଜାଣତରେ । ହୁଏତ ତା'ପରେ ସେ ପୁଣି ତାଙ୍କ ଜୀବନ ଚଳାଇବେ ପୂର୍ବପରି ନିଜ ପରିକଳ୍ପିତ ପଥରେ । କୌଣସିଠାରେ କିଛି ପରିବର୍ତ୍ତନ ହେବନି, ସବୁ ରହିବ ଠିକ୍ ପୂର୍ବପରି !

ତା'ପରେ ଡାକ୍ତର, ଡାକ୍ତରଖାନା ଭିତରେ ଅସୁସ୍ଥ ସେ କେତୋଟି ଦିନ । ତା'ପରେ ପୁଣି ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବର ସେ କେତୋଟି ଦିନ ! ପ୍ରତି ମୁହୂର୍ତ୍ତରେ ସେ କାନ ଡେରିଛନ୍ତି ସ୍ତବ୍ଧଭାବରେ ଅପେକ୍ଷା କରିଛନ୍ତି ।

ଇଏ ତା'ର ସ୍ୱର ନୁହେଁ ?

ହେଇ ତ ପରିଷ୍କାର ଶୁଣିଲେ ସେ ?

କାନ୍ଦୁଛି ସେ—ହଁ, ସେ କାନ୍ଦୁଛି !

—"ମାଡ଼ ଡର ! ଏ ମଶାଣିରେ ମତେ ଏକା ଛାଡ଼ିଗଲ, ମତେ ଭାରି ଡର ଲାଗୁଛି । ମତେ ନେଇଯାଅ, ନେଇଯାଅ ମତେ ନେଇଯାଅ !"

ହଁ ପରିଷ୍କାର ଶୁଣିଲେ ସେ, ଆଉ ଦିନାକେତେ ଦିନର ବିଭିନ୍ନ ସମୟରେ ଘରର ସବୁଆଡ଼େ ଘୁରି ଖଟ ତଳ, ଭଣ୍ଡାର ଘର ସେ ଖୋଜି ବୁଲିଥିଲେ ।

କାହିଁ ?

କୋଉଠି ପାଇବେ ତାକୁ ?

ନିଜ ହାତରେ, ସମ୍ପୂର୍ଣ୍ଣ ସ୍ୱଇଚ୍ଛାରେ ଯାହାକୁ ଦୂରେଇ ଦେଇଥିଲେ ସେ ଚିରଦିନ ଲାଗି, କାହିଁକି ତାକୁ ଖୋଜି ଥିଲେ ସେ ? ପାଇବେନି ବୋଲି ଜାଣିଥିଲେ ବି ବାରମ୍ବାର ବାରମ୍ବାର ସେ ତାକୁ ଖୋଜୁଥିଲେ କାହିଁକି ?

Digitized by srujanika@gmail.com

ଆଜି—ଚିକ୍‌କଣ ସିଲ୍‌କ ପଞ୍ଜାବୀ ପକେଟ୍‌ର ସୁନା ସିଗାରେଟ କେସ୍‌ରୁ—ଗୋଟିଏ ହାତରେ ସିଗାରେଟ୍ କାଢ଼ି ଲଗାଇବା ଭିତରେ, ଆଉ ଗୋଟିଏ ହାତରେ ଗାଡ଼ି ଚଳାଇବାକୁ ଯାଇ—ରାସ୍ତାର ଭିଡ଼ ଯୋଗୁଁ ଅଟକିବାକୁ ପଡ଼ିବାରୁ ଯେଉଁ ଭଦ୍ରଲୋକ ବିରକ୍ତ ହୋଇ ପଚାରିଲେ—

—"କ'ଣ ହୋଇଛି ?"

ସେ କ'ଣ ପ୍ରକୃତରେ ସେ ପ୍ରଶ୍ନର ଉତ୍ତର ଶୁଣିବାକୁ ଚାହୁଁଥିଲେ ? କ'ଣ ହୋଇଛି ? କ'ଣ ହୋଇଥିଲା ?

ସୁନ୍ଦର ବୋଲି ତାଙ୍କୁ ଅଧିକାର କରିବାର କାମନା ନେଇ—ଦିନେ ଜୋର୍ କରି ଯାହାକୁ ସେ ଅଧିକାର କରିଥିଲେ, ସେ ଦିନ ତାଙ୍କୁଇ ପଚାରିଥିଲେ ସେ। ଠିକ୍ ଏଇ ପ୍ରଶ୍ନ।

"କ'ଣ ହୋଇଛି ?"

ଆଜି କି ଉତ୍ତର ସେ ପାଇଥିଲେ ?

ଛଳ ଛଳ ଆଖିର ସେ ଦୃଷ୍ଟିରେ, ସେଇ କେତୋଟି ମୁହୂର୍ତ୍ତ ଭିତରେ—ସେ କ'ଣ ପ୍ରକୃତରେ ସବୁ ଦେଖି ପାରିଥିଲେ ?

ଫୁଲଟିକୁ ସୁନ୍ଦର କହି ସନ୍ତୁଷ୍ଟ ନ ରହି ଯାହାକୁ ସେ ତୋଳି ଆଣିଥିଲେ—ସେ ଫୁଲଟି ଝଡ଼ି ଯାଇଛି। ଆଜି ଆଶ୍ଚର୍ଯ୍ୟ ! ସେଇ ଝଡ଼ାଫୁଲ ଭିତରୁ ଜନ୍ମ ନେଇଛି ବିଷଫଳ—ତାଙ୍କର ନିଜର ସୃଷ୍ଟି।

ଯେମିତି ତାଙ୍କର ସୃଷ୍ଟି ଏ ହୋଇଅଛି—ଠିକ୍ ସେମିତି ! ମୁମୂର୍ଷୁ ପତ୍ନୀଙ୍କୁ ଆଶ୍ୱାସନା ଦେବାକୁ ଯାଇ, ତାଙ୍କ ପାଖରେ ଯାହାର ସୁରକ୍ଷା କରିବାର ଶପଥ ସେ ନେଇଥିଲେ, ପୁଣି ଯାହାର କଅଁଳ ଦେହର ଆକର୍ଷଣ ଦିନେ ତାଙ୍କୁ ହିତାହିତ ଜ୍ଞାନଶୂନ୍ୟ ପାଗଳ କରିଥିଲା—ଆଜି ତାଙ୍କର କାମନାର ଶିକାର ହୋଇ ତା'ର ଏ ଅବସ୍ଥା। ସେ ମୁକ୍ତି ଚାହିଁଥିଲେ···ନିଜର ପାପରୁ, ନିଜର କୃତକର୍ମର ଫଳାଫଳରୁ। ତା' ଆଉ ହେଲା କୋଉଠି ?

ତାଙ୍କ କାମରେ ବାଧା ସେଇ ଦେଇଥିଲା—ନିଜକୁ ସେ ରକ୍ଷା କରି ପାରିନି; କିନ୍ତୁ ନିଜର ଗର୍ଭର ସନ୍ତାନକୁ ମରିବାକୁ ଦେବନି ସେ। ତାଙ୍କ

Digitized by srujanika@gmail.com

କାମରେ ବାଧାଦେଲା ସେ—ଆଜି ଉତ୍ୟକ୍ତ, ବିପର୍ଯ୍ୟସ୍ତ ମନ ନେଇ ସେ ଚିରଦିନ ଲଗି ଅପସରି ଗଲା । ସ୍ୱାଭାବିକ ମଣିଷର ନିତିଦିନିଆ ଭଲ-ମନ୍ଦର ଦୁନିଆରୁ ଅପସରି ଯାଇ ସେ ଆଶ୍ରୟ ନେଲା—ନିଜ ମନର ଅଧା ଅନ୍ଧାର, ଅର୍ଦ୍ଧ ସ୍ପଷ୍ଟ, ବିକାରଗ୍ରସ୍ତ ଦୁନିଆରେ । ନିସ୍ତବ୍ଧ, ନିର୍ବାକ୍, ନିର୍ଲିପ୍ତ ତା'ର ସେ ଅବାସ୍ତବ ଜୀବନ ଭିତରେ ହୁଏତ ସେ ଚାହୁଁଥିଲା—ଅନ୍ତତଃ ନିଜ ରକ୍ତ ମାଂସରୁ ଗଢ଼ା ସେଇ ଜଣକୁ ତା'ର ନିଜର କରି ରଖିବ । ହୁଏତ ତା'ର ବିକୃତ ମସ୍ତିଷ୍କ, ବିକାରଗ୍ରସ୍ତ ମନ ତାକୁଇ ମନେ କରିଥିଲା ଏକମାତ୍ର ଅବଲମ୍ବନ ବୋଲି ।

ଆଉ ସେଇଥିଲଗି ରାତିର ଅନ୍ଧାରରେ ତସ୍କର ଭଳି ସେ ନିଜେ ଦିନେ ଛଡ଼ାଇ ନେଇଥିଲେ ତା'ର ସେ ଅବଲମ୍ବନ । ସେତେବେଳେ ମଧ୍ୟ ତାଙ୍କ ମନରେ ଥିଲା ସେଇ ଗୋଟିଏ ଚିନ୍ତା—ଆତ୍ମରକ୍ଷାର ଚିନ୍ତା । ସେଇଥିପାଇଁ ନିଜ ପାପର କୌଣସି ପ୍ରମାଣ ସେ ରଖିବାକୁ ଚାହିଁ ନ ଥିଲେ । ଯଦି କେବେ ପ୍ରକାଶିତ ହୁଏ କିଏ ଦାୟୀ ତା'ର ଏ ଦୁର୍ଦ୍ଦଶା ଲଗି, ତା'ର ଜୀବନକୁ ବାସି ଫୁଲ ଭଳି ଠିକ୍ ଠିକ୍ କରି ଛିଣ୍ଡାଇ, ଏମିତି ନଷ୍ଟ ଭ୍ରଷ୍ଟ କରି ଦେଇଥିବା ଲଗି ।

ସେ ଦିନ ସେଇଥି ପାଇଁ ଏମିତି ଗୋଟିଏ ମୃତ୍ୟୁ ଘଟିଗଲା । ଏମିତି ଶେଷ ହୋଇଥିଲା ଗୋଟିଏ ଜୀବନ ଆରମ୍ଭ ହେବା ପୂର୍ବରୁ ।

ଯେ କାନ୍ଦିଥିଲା, ତଳେ ଗଡ଼ି ହାତ ଗୋଡ଼ ଛାଟିଥିଲା, ଅନ୍ୟମାନଙ୍କୁ ରାମ୍ପୁଡ଼ି, କାମୁଡ଼ି କ୍ଷତବିକ୍ଷତ କରିବାକୁ ଚାହିଁ, ପାରି ନ ଥିଲା ବୋଲି ଯେ ନିଜକୁ ଉତ୍ୟକ୍ତ କରିଥିଲା—ମୂକ, ନିର୍ବାକ ପଶୁ ଭଳି ତା'ର ସେ ଯନ୍ତ୍ରଣାର ଗର୍ଜନର ମର୍ମ କେହି ବୁଝିଲେନି, ବୁଝି ପାରିଲେନି । ଆଉ ସେଥିପାଇଁ ସମସ୍ତ ଅସୁବିଧାରୁ, ଅପମାନରୁ ସେଦିନ ରକ୍ଷା ପାଇଥିଲେ ସେ ଯେ ଥିଲେ ସେ ସମସ୍ତର କେନ୍ଦ୍ରବିନ୍ଦୁ ।

ନାଁ—କୌଣସି ଦାଗ ଲଗିବନି ତାଙ୍କ ସୁନାମରେ, ଜୀବନ ତାଙ୍କର ପୂର୍ବଭଳି ବହି ଚାଲିଲା । ବରଂ ଅନେକ ସହାନୁଭୂତି, ଅନେକ କରୁଣା ମିଳିଲା ତାଙ୍କୁ । ବିସ୍ମୟ ! ନିଜର ସ୍ତ୍ରୀଙ୍କ ସ୍ମୃତିକୁ ଚିରଜୀବିତ

Digitized by srujanika@gmail.com

କରି ରଖିବାକୁ ସେ ଆଜି ବିବାହ କରି ନାହାନ୍ତି—ଅଥଚ ସେ ରହି-ଥିଲେ ଯେଉଁ ଝିଅଟିର ମୁହଁକୁ ଚାହିଁ, ଯାହାକୁ ମଣିଷ କରିବାକୁ ଏତେ ତାଙ୍କର ପ୍ରଚେଷ୍ଟା—ସେଇ ଶେଷ ପର୍ଯ୍ୟନ୍ତ ଯିଏ ଏତେ ବିପଦରେ ପକାଇଲା ତାଙ୍କୁ !

ଭିଡ଼ ଅତିକ୍ରମ କରି ଚାଲି ଯାଇ ଯାଇ ସେ ଚମକି ପଡ଼ିଲେ । ଯଦି କେହି ଜାଣନ୍ତି ? ତାଙ୍କର ଏ ସୁନାମ ଆଡ଼ୁଆଳରେ, ପ୍ରତିଷ୍ଠା, ପ୍ରତିପତ୍ତି ପଛରେ ରହିଛି ସେଇ ଯେଉଁ ଅପକର୍ମ କଥା ? ସତରେ କ'ଣ ତାଙ୍କୁ ସେମାନେ କ୍ଷମା କରନ୍ତେ ?

ନିଜର ସନ୍ତାନକୁ ନିଜର କାମନାର ଶିକାର କରିବାର ସେ ପାପ ? ସେ ଗାଡ଼ିର ସ୍ପିଡ଼ ବଢ଼ାଇ ଦେଲେ । ଆହୁରି ଜୋର୍‌ରେ—ଆହୁରି ଜୋର୍‌ରେ ସେ ଗାଡ଼ି ଚଳାଇ ପାରନ୍ତେ ? ଏତେ ଲୋକଙ୍କର ଏ ଭିଡ଼ରୁ ଅନେକ ଦୂରକୁ ଯାଇଁ ପାରନ୍ତେ ସେ !

କିନ୍ତୁ କୁଆଡ଼େ ଯିବେ ସେ ?

ନିଜ ମନର କାମନା, ଦେହର କ୍ଷୁଧା ଆଜି ତାଙ୍କୁ ଶାନ୍ତ କରିବା ଲାଗି ତାଙ୍କର ଅଗଣିତ ସେ ପାପ ! ତାକୁ କ'ଣ ସତରେ ପଛରେ ରଖି ଯାଇହେବ ?

ଭିଡ଼ ଆଜି ଟିକେ ପାତଳା ହୋଇ ଆସିଥିଲା । ମଜା ଦେଖିବା ଦେଖଣାହାରୀମାନେ ଗଲେଣି ଯେ ଯାହା ବାଟରେ । ରହିଥିଲେ କେବଳ ସେଇ କେତେ ଜଣ—ଯୋଉମାନେ ଯିବା ଅବସ୍ଥାରେ ନ ଥିଲେ ।

ଜଣେ ହେଲା ସେ—ଯେ ଥିଲା ଏ ସମସ୍ତର କେନ୍ଦ୍ରବିନ୍ଦୁ । ଧଳା, ଶେତା ସେ ଦେହଟା କେମିତି ବିବର୍ଣ୍ଣ, ଅସୁନ୍ଦର ଦିଶୁଥିଲା—ଦିଶୁଥିଲା ଭଙ୍ଗା କୁଣ୍ଢେଇ ଭଳି । ମଝିରେ ମଝିରେ ଯେଉଁ ଅଂଶଗୁଡ଼ାକର କଳା ରଙ୍ଗ କ୍ରମଶଃ ବଢ଼ି ବଢ଼ି ଗଲାଭଳି ଦିଶୁଥିଲା—ସେ ହେଲା ଜରା-ପିମ୍ପୁଡ଼ିଙ୍କର ନିରବଚ୍ଛିନ୍ନ ଆକ୍ରମଣ । ଏବେ ଆଜି ତାକୁ ଦେଖି ହଠାତ୍ ମନେ କରିବା ସହଜ ହୁଅନ୍ତାନି ଯେ କେତେ ସମୟ ଆଗରୁ ସେ ଥିଲା ଯୌବନରେ ଚଞ୍ଚଳ, ଜନ୍ମ ହେବାର ଆଗ୍ରହରେ ଗତିଶୀଳ । ମନେ ହୁଅନ୍ତାନି

Digitized by srujanika@gmail.com

ଯେ ହାତ ଗୋଡ଼ ଲଟି ହୋଇ ଏଇ ଯୋଉଁଠା ପଡ଼ିଛି—ସେ ଥିଲା ଗୋଟିଏ ମଣିଷ ଶିଶୁ ।

ବରଂ ମନେ ହୁଅନ୍ତା ଅଦରକାରୀ ଗୋଟାଏ ଛେଂଡ଼ା କମ୍ବଳ ସେ । ରଙ୍ଗଛଡ଼ା, ବେକମୋଡ଼ା ହୋଇ ଯାଇଥିବା ଛନ୍ଦା ଚଦରକୁ ବା ଡ୍ରେନ୍ କଡ଼କୁ । ବହୁ ଆକାଂକ୍ଷିତ ଏକ ଉଦରରୁ ଜନ୍ମନେଇ ହେଲେ ଶେଷ ପର୍ଯ୍ୟନ୍ତ ହୋଇ ସାରିଥିଲା, ସବୁଠାରୁ ଅବାଞ୍ଛିତ ସବୁଠୁ ଅଦରକାରୀ ।

ଆଉ ଯାଇ ପାରି ନ ଥିଲେ ଦୁଇଟି କୁକୁର—ନଜର ଖେଳ କୌତୁକ ମଧ୍ୟରେ, ଯୋଉ ଦୁହେଁ ହଠାତ୍ ଅଟକି ଯାଇଥିଲେ । ଖେଳ କୌତୁକ, ପ୍ରେମ ଭଲ ପାଇବା, ଏସବୁ ଅପେକ୍ଷା କରିପାରେ । କିନ୍ତୁ ପଶୁ ହେଲେ ବି, ସେମାନେ ଠିକ୍ ଜାଣି ପାରିଥିଲେ ଖାଇବା ଲାଗି ଖାଦ୍ୟ ସଂଗ୍ରହ ଗୋଟାଏ ଏଭଳି ଆବଶ୍ୟକତା ଯାହା ଅପେକ୍ଷା କରେନା, ସମୟ ବୁଝେନା, ପୁଣି ସେଇ ଏକ ସୁବିଧା ଦୁଇ ଥର ବି ଆସେନା ।

ଫଳରେ ନିରାପଦ ଦୂରତ୍ୱ ବଜାୟ ରଖି ସେମାନେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲେ ସେଇ ସମୟକୁ । ସେତେବେଳେ ଯାହା ଅନ୍ୟ ସବୁରି ଲାଗି ଅଦରକାରୀ, ସେମାନେ ତାକୁ କାମରେ ଲଗାଇ ପାରିବେ । କିଏ ଜାଣେ ? କେତେ ସମୟ ଅପେକ୍ଷା କରିବାକୁ ହେବ ? ଦରକାର ଧୈର୍ଯ୍ୟ !

ଆଉ ଯାଇପାରି ନ ଥିଲେ—କର୍ତ୍ତବ୍ୟ ପରାୟଣ ସେଇ ପୁଲିସ୍ କର୍ମଚାରୀଜଣକ । ମୁସ୍କିଲ କଥା—ଥାନାକୁ ଜଣାଇଲା ପରେ, ହୁକୁମ୍ ମିଳିଥିଲା ।

—"ସେଇଠି ଅପେକ୍ଷା କର । ଲୋକ ପଠଉଚୁ । ଲାସ୍ ଡାକ୍ତରଖାନାକୁ ନବାକୁ ହବ ।"

ସେ ଅପେକ୍ଷା କରିଚନ୍ତି ।

ସକାଳ ଆଠଟାରୁ ହୋଇଛି ପାଖ ଢୋଲ୍ ଘଣ୍ଟାରେ, ଅଳ୍ପ ଆଗରୁ ବାରଟା ବାଜିଗଲା । କାହିଁ ଲୋକ ?

Digitized by srujanika@gmail.com

ଅଥଚ ଲସ୍ ଗୁଡ଼ଦେଇ ଯାଇପାରୁ ନାହାନ୍ତି ସେ । ଆଖି ଆଗରେ ଦେଖୁଚନ୍ତି ବେଶ୍ ଟାଣୁଆ ମୋଟାସୋଟା ଦି'ଟା କୁକୁର । ଟିକେ ଆଡ଼ହେଲେ ଆଖି ପିଛୁଳାକେ, ସେମାନେ ନେଇ ଗୁଳିଯିବେ । ଆଉ ଲସ୍ କୋଉଠି ଥିବ ଯେ ? ଭଲ କାମ କରଚନ୍ତି ବୋଲି 'ବାହବା' ମିଳିବ ? ତା'ପରେ ହେଇଗଲା ତ ଚାକିରି କରିବାର ତିରିଶ ବର୍ଷ । ଅନ୍ତତଃ ଗୋଟାଏ ପାହାଚ ତ ଉଠି ପାରନ୍ତେ ସେ ? ତା' ନ ହେଲେ ଆରମ୍ଭ ଯୋଉଠୁ, ଶେଷ ବି ହେବ ଠିକ୍ ସେଇଠି !

ହେଲେ ଛୁଆଟା ଏଠିକି ଆସିଲା କେମିତି ?

କେହି ଆଣି ପକେଇ ଦେଇ ଯାଇଚି ।

କାହାର ଛୁଆ ?

ଯେ ଏଠି ପକେଇ ଦେଇ ଯାଇଚି—ଯାହା ଲାଗି କୌଣସି ଦରକାର ନ ଥିଲା ଏ ଛୁଆ ।

ଖୁବ୍ ଦୂରରୁ କ'ଣ ଏଠିକି ଆଣି ହେଇଥିବ ?

କଟକ ସହରରେ ତ ଆଉ ଡ୍ରେନ୍‌ର ଅଭାବ ନାହିଁ ?

ଫିଙ୍ଗିବାକୁ ହେଲେ ଘର ପାଖର ଡ୍ରେନ୍‌ରେ ଫିଙ୍ଗିବା କଥା ।

ମାନେ ?

ସେ ପାଖଆଖର ଘରଗୁଡ଼ାକ ଉପରେ ଆଖି ବୁଲଉ ଥିଲେ । ଏଇଠି କୋଉଠି ଏଇ ବଡ଼ ବଡ଼ ଦି'ଚାଳ ତିନି ଚାଳ ଘରମାନଙ୍କ ଭିତରୁ କାହା ଘରେ ସେ ଅଛି ଯେ ଜନ୍ମ ଦେଇଚି ଏ ପିଲାକୁ । ସେ ମା' ପିଲାଟିକୁ ଜନ୍ମ ଦେବାକୁ ନ ଚାହିଁଲେ ବି । ହୁଏତ ତା'ର ଏ ଦୁରବସ୍ଥା ନିଜର ଇଚ୍ଛା ବିରୁଦ୍ଧରେ, ନିଜର ଅନିଚ୍ଛା ସତ୍ତ୍ୱେ, ବାଧା ଦେବାର ବହୁ ଚେଷ୍ଟା ସତ୍ତ୍ୱେ ।

ନାଁ—ସେ ହେଲେ ସିପାହି ।

ଚିନ୍ତା କରିବା—ଆସାମୀକୁ ଧରିବା ତାଙ୍କର କାମ ନୁହେଁ । ସେଥି-ଲାଗି ଅଛନ୍ତି କେତେ ବଡ଼ ବଡ଼ ଅଫିସର୍ । ସେ ହୁକୁମ୍‌ର ଚାକର ମାତ୍ର । ହୁକୁମ ପାଇଲେ, ସେଇ ଅନୁସାରେ କାମ କଲେ ତାଙ୍କର ଛୁଟି ।

Digitized by srujanika@gmail.com

ମନଟା କେମିତି ଆର୍ଦ୍ରିଳା ହେଲା । ଗତ ବାହାଘର ତିଥିରେ ବଡ଼ ଝିଅଟାକୁ ଉଠେଇ ଦେଇଥିଲେ, ଭଲ ହୋଇ ଥାଆନ୍ତା । କିଏ ଜାଣେ ? ଆଜି କାଲିକା ପିଲା !

ହୁଁ—ସେ ଯେତେ ଯାହା କହିଲେ କ'ଣ ହବ ? ତା' ମା'ର ସେଇ ଏକା ଜିଦ୍—ଝିଅ ପାଠ ପଢ଼ିବ, ମାଟ୍ରିକ୍ ପାଶ୍ କଲା ପରେ ଯାଇ ତା'ର ବାହାଘର ହବ ! ଆଉ ତା' ଆଗରୁ ଯଦି ଏମିତି— !

ଆଉ ଯାଇପାରି ନ ଥିଲା ଶ୍ରୀମନ୍ତ ବାପୁଣୀ । ଶ୍ରୀମନ୍ତ ଅଳ୍ପ ଦିନ ଆଗରୁ ଜେଲ୍‌ରୁ ଖଲାସ୍ ହୋଇ, ଯେ ନିଜର ବୋଲି କାହାକୁ ସାରା ଦୁନିଆରେ ଖୋଜି ପାଇ ନ ଥିଲା । ସେଇଥିପାଇଁ ସେ ନିଜର କରିବାକୁ ବସିଥିଲା ସାରା ଦୁନିଆକୁ । ଯେ ପାଖକୁ ଡାକିବ—ଯିବ ସେ । ଯାହା କହିବ କରିବ ସେ । ଯେତିକି ସମୟ ଯାଏ ଦରକାର ରହିବ ସେ । ତା'ପରେ ପୁଣି ବୁଲିଯିବ ନିଜ ବାଟେ ବାଟେ ।

ସେଇ ହଠାତ୍ ଅଟକି ଯାଇଥିଲା କ'ଣ ଭାବି କେଜାଣି ?

ଦୂର ଡାଳରୁ ଝିପୁଙ୍କର ଅସୁସ୍ଥତା ସତ୍ତ୍ୱେ ଖୁବ୍ ମନଧ୍ୟାନ ଦେଇ ଯେ ଏସବୁ କଥା ଲକ୍ଷ୍ୟ କରୁଥିଲା ସେ ବି କାବ୍‌ବା ହୋଇ ଦେଖୁଥିଲା । ଶ୍ରୀମନ୍ତ ଧାଇଁ ଯାଇ ସେଇ ମଲା ଦେହଟା ଗୁଣ୍ଡି ଉପରକୁ ଟେକି ନେଲା, ଆଉ ନିର୍ବିକାର ଭାବରେ କେତେ ଗେଲ କରିଗଲା । ସେଇ କୁତ୍ସିତ, ଅସୁନ୍ଦର, ଅଶ୍ଳୀଳ ଜିନିଷଟାକୁ—ସେଇ ମଲା ପିଲାଟାର କିମ୍ଭୂତକିମାକାର ଦେହଟାକୁ ।

ପୋଲିସ୍ ସିପାହି ଜଣକ ବାଡ଼ି ଉଞ୍ଚେଇ ଧାଇଁ ଆସିଲେ, କୁକୁର ଦି'ଟା ଡର ଭୟ ଭୁଲି ଭୁକି ଭୁକି ପାଖକୁ ଦୌଡ଼ି ଗଲେ । ଆଉ ରାସ୍ତାର କେତେଜଣ ବାଟୋଇ ପୁଣି ଠିଆ ହୋଇଗଲେ ମଜା ଦେଖିବାକୁ ।

କ'ଣ ହେଲା ?

ଜନ୍ମ ଦେଇ ମଧ୍ୟ ଯାହାକୁ ତା'ର ମା' ବି କୋଳକୁ ନେଇ ନ ଥିଲା ତା'ର ମଲା ଦେହକୁ ଗୁଣ୍ଡିରେ ଚାପି ଧରି ଶ୍ରୀମନ୍ତ ଗୋଡ଼ ଲମ୍ବେଇ

Digitized by srujanika@gmail.com

ବସି ପଡ଼ିଥିଲି ବର୍ ଗଛଟା ଉପରେ । ଆଉ କାନ୍ଦୁଥିଲା ସେ ବାହୁନି ବାହୁନି ।

—"ତତେ ପରା ଗାତ ଖୋଳି ପୋତି ଦେଲି ବୋଲି, ସେମାନେ ମୋତେ ଧରି ନେଲେ ଖୁଣୀ କରି । ତୋ ନାକରେ ନିଶ୍ୱାସ ନ ଥିଲା କି ତୋ ଦେହରେ ଜୀବନ ନ ଥିଲା । ତଥାପି ସେମାନେ କହିଲେ, ମୁଁ କୁଆଡ଼େ ମାଟିରେ ପୋତି ମାରିଦେଲି ତତେ । ଆଜି ତତେ ଛୁଡ଼ିବନି, ଆଉ ଜମାରୁ ଛୁଡ଼ିବନି—ଜମାରୁ ନୁହେଁ—ଆଉ ଜମାରୁ ନୁହେଁ ।"

Digitized by srujanika@gmail.com

ନକ୍ଷତ୍ରର ଅଭିଶାପ

ରାଶିଫଳ ପୃଷ୍ଠାରୁ ନିଜର ରାଶି ଓ ନକ୍ଷତ୍ରର ଫଳଟି କାଟି ରଖି ରଖୁ ଚିନ୍ତାରେ ପଡ଼ିଲେ ସୌଦାମିନୀ ।

—"ଉତ୍ତର ଦିଗରୁ ଜଣେ ଗୌରବର୍ଣ୍ଣ ବ୍ୟକ୍ତିଠାରୁ ବିପଦର ଆଶଙ୍କା ଅଛି ।"

କାଗଜଟା ଚଉତେଇ, କଇଁଚିଟା ଥୋଇ ସୌଦାମିନୀ ଅନ୍ୟମନସ୍କ ଭାବେ ବସି ପଡ଼ିଲେ ।

ସ୍କୁଲରେ କିଛି ଦିନ ପଢ଼ିଥିଲେ ସେ ।

ସେଥିପାଇଁ ଭୂଗୋଳ ପଢ଼ାରୁ ଅନ୍ତତଃ ଏତିକି ତାଙ୍କର ମନେଥିଲା ଯେ କଲିକତା ହେଲା କଟକର ଉତ୍ତର ଦିଗରେ । ବାକି ରହିଲା ଗୌର ବର୍ଣ୍ଣ ବ୍ୟକ୍ତି । କାହିଁକି ସୌଦାମିନୀ ସ୍ଥିର ନିଶ୍ଚିତ ହୋଇ ପଡ଼ିଲେ ଯେ— ଇଏ ଜଣେ 'ନାରୀ' ବିଶେଷ—ତା' ମୂଳରେ ଅନ୍ୟ କେତୋଟି ଯୁକ୍ତି ଥିଲା ଅବଶ୍ୟ ।

ମନରେ ତାଙ୍କର ଉଙ୍କି ମାରୁଥିଲା ଗଲା କେତେ ଦିନର ଗୋଟ ଦୁଇ ତିନଟି ଘଟଣା । ତାଙ୍କ ସ୍ୱାମୀ ରମେଶବାବୁ ଗୋଟିଏ ବସ୍ତ୍ର ଦୋକାନର ମାଲିକ । ବ୍ୟବସାୟ ଉପଲକ୍ଷ୍ୟରେ ମଝିରେ ମଝିରେ ତାଙ୍କୁ କଲିକତା ଯିବାକୁ ପଡ଼େ ।

ହେଲେ ଗୋଟ ଧରଣର ଏ ଗଣ୍ଡଗୋଳଟା ଆରମ୍ଭ ହୋଇଛି ଗଲାଥର କଲିକତାରୁ ଫେରିଲା ପରେ । ସେଇଦିନୁ ରମେଶ ବାବୁ କେମିତି ଗମ୍ଭୀର, ଚିନ୍ତାଶୀଳ ହୋଇ ପଡ଼ିଛନ୍ତି । ଦୁଇ ତିନ ଥର ଡାକିଲେ ବି ଜବାବ

Digitized by srujanika@gmail.com

ମିଳୁନ । ଆଉ ମଝିରେ ମଝିରେ ଯୋଉ ଗ୍ରେଟ ବଡ଼ ଚକଚକଆ ବନ୍ଧା ପାର୍ଶଲ୍ ତାଙ୍କ ନାଁରେ ଆସୁଛି, ତାକୁ ଖୁବ ମନଯୋଗ ଦେଇ ଦେଖି ସାଇତି ରଖୁଛନ୍ତି ।

ଦୋକାନର ବନ୍ଧି ବନ୍ଧା ଇଏ ନୁହେଁ ।

କାରଣ ଏକା ବନ୍ଧା ତାହେଲେ ଆସନ୍ତା ବହୁ ସଂଖ୍ୟାରେ । ଇଏ ଆସୁଛି ସଂଖ୍ୟାରେ କମ୍, ଆଉ ଚକ୍‌ଚକଆ ଭିନ୍ନ ଭିନ୍ନ ପ୍ରକାରର ବନ୍ଧା । କୌତୂହଳକୁ ସମ୍ଭାଳି ନ ପାରି ସୌଦାମିନୀ ନିଜେ ସେଥିରୁ ଗୋଟିଏ ଥରେ ଖୋଲିଥିଲେ । ଇଂରାଜୀ ରଙ୍ଗବେରଙ୍ଗ ବନ୍ଧା ତିନିଟି । କିନ୍ତୁ ଭିତରର ଗ୍ରେଟ ଚିଠିଟା ଥିଲା ଓଡ଼ିଆରେ ।

—"ରମେଶ,

ଭବିଷ୍ୟତ ଆଶାରେ ଏ ଉପହାର । ଆଶା କରେ ଗ୍ରହଣ କରିବ ।

ଛ : ବ : —"

ସେ ଦିନ 'ଛ' ଆଉ 'ବ' ପଛରେ ଥିବା ବିନ୍ଦୁ ଗୁଡ଼ାକ ଦେଖି କାବ୍‌ବା ହୋଇଥିଲେ ସୌଦାମିନୀ । ଆଜି ସେ କିନ୍ତୁ ସ୍ଥିର ନିଶ୍ଚିତ ହୋଇ ପଡ଼ିଲେ । ନିଜ ନାଁକୁ ଲୁଚେଇବାକୁ ଜଣେ କିଏ ଏମିତି କରିଛି । 'ଛ' 'ବ' ହେଲା ପ୍ରକୃତରେ ଜଣକ ନାଁ ଛବି । କଥାଟା ଭାବିଲା ମାତ୍ରେଇ ଅକ୍ଷର ଦି'ଟା ଛୁରୀ ଭଳି ତାଙ୍କ ମନର କୋମଳତାକୁ ଛିଣ୍ଡାଇ ଟିକ୍ ଟିକ୍ କରିଦେଲା ।

ଏଇଥିପାଇଁ ତେବେ ଦିନ ନାହିଁ, ରାତି ନାହିଁ ଏଇ ହାଡ଼ଭଙ୍ଗା ପରିଶ୍ରମ ! ପିଲାଦିନେ ବାପଘରେ କେତେ ଅଳିଅଳି ହୋଇ ବଢ଼ିଥିଲେ ସେ । କୁଟା ଖଣ୍ଡକୁ ଦି'ଖଣ୍ଡ କରିବାକୁ ପଡ଼ୁ ନ ଥିଲା । ଆଉ ଏଠି ପାଞ୍ଚ ପାଞ୍ଚଟା ପିଲା ନେଇ, ରୁକ୍‌ମଣୀଠୁଁ ହାଡ଼ିଆଣୀ ଯାଏ ସବୁରି କାମ କରି, ହାଡ଼ ମାଉଁସ ପାଣି କରୁଛନ୍ତି କ'ଣ ଏଇଥିପାଇଁ ? ଅଭିମାନରେ, ନିଜ ପ୍ରତି କରୁଣାରେ ଆଖିରେ ତାଙ୍କର ଲୁହ ଗୁଳି ଆସିଲା । କାହାକୁ କହିବେ ? ନିଜର ଯେ ସେ ତ ଆଉ ନିଜର ହୋଇ ନାହିଁ ।

Digitized by srujanika@gmail.com

ବେଳ ଗଡ଼ିଗଲା । ପିଲାଏ ସ୍କୁଲରୁ ଫେରିଲେ । ଯତ୍ନ ଭଲ ସୌଦାମିନୀ ସେମାନଙ୍କର ଯତ୍ନ ନେଲେ । ସଞ୍ଜ ହେଲା—ଶେଷକୁ ରାତି ନଅଟାରେ ଦୋକାନ ବନ୍ଦକରି ସବୁଦିନ ଭଳି ରମେଶ ବାବୁ ଘରକୁ ଫେରିଲେ ।

ଖିଆପିଆ ବଢ଼ିଗଲା ପରେ ଭାତ ଥାଳି ପାଖରେ ବସି ଭାତଗୁଣ୍ଡା ଉଠାଇ ଆଉ ମୁହଁରେ ଦେଇ ପାରିଲେନି ସେ । ହାତରୁ ଖସି ପଡ଼ିଲା । କି ଦରକାର ଏ ସବୁର ? ଏ ଘର ଏ ପିଲାଛୁଆ ସେ ତ ସାତପର !

କେତେ ଆଶା, କେତେ କଳ୍ପନା ଥିଲା ତାଙ୍କର । ବଡ଼ଲୋକ ଘରେ ଜନ୍ମ ବୋଲି, ଟଙ୍କାର ଲୋଭ କେବେ କରି ନାହାନ୍ତି ସେ—ଭଦ୍ର ଭାବରେ ଚଳିବାକୁ ଯେତିକି ଦରକାର, ତାକୁ ଛାଡ଼ିଦେଲେ—ପାଞ୍ଚ ଜଣରେ ତାଙ୍କ ସ୍ୱାମୀ ଜଣେ ହେବେ, ଆଉ ପିଲାଗୁଡ଼ାକ ମଣିଷ ହେବେ—ଏଇତକ ଆଶା କରିବା କ'ଣ ଅନ୍ୟାୟ ? ଅନ୍ୟାୟ ହୋଇଚି ତାଙ୍କର ? ଏତକ କ'ଣ ଖୁବ୍ ବେଶୀ ହୋଇ ଯାଇଚି ? ନିଜ ପାଇଁ ତ କିଛି ଭାବି ନାହାନ୍ତି ସେ ।

ଶିକ୍ଷିତ, ସମ୍ଭ୍ରାନ୍ତ, ସୁ-ପୁରୁଷ ଦେଖି ଧନୀ ବାପା ତାଙ୍କର ଝିଅ ଦେଇଥିଲେ ରମେଶ ବାବୁଙ୍କ ହାତରେ । ରମେଶ ବାବୁ ଧନୀ ନୁହନ୍ତି ବୋଲି ମା' ତାଙ୍କର ମନ ଦୁଃଖ କଲାରୁ ବାପା ବୁଝେଇ ଥିଲେ—

—"ଆରେ ବୁଝିଲ ମିନିବୋଉ, ଗୁଣ ଥିଲେ ଧନ ଆପେ ଆସିବ; କିନ୍ତୁ ଧନ ଦେଇ ତମେ ଗୁଣ କିଣି ପାରିବନି ।"

ଏତେ ବର୍ଷର ଘରକରଣା ଭିତରେ ସୌଦାମିନୀ କଥାଟାର ସତ୍ୟତା ଅଙ୍ଗେ ନିଭେଇ ଆସିଚନ୍ତି । ପିଲାକିଆ ଢଙ୍ଗଢାଙ୍ଗର, ସରଳ, ସିଧାସିଧା ଲୋକଟି ପାଖେ ଆଉ ଯାହା ନ ଥାଉ ଗୁଣ ନିଶ୍ଚୟ ଅଛି । କିନ୍ତୁ ଏଇଆ ତା'ର ଫଳ । ଏଇ ସେ ଗୁଣ !

ଶିକ୍ଷିତ ରମେଶ ବାବୁ ବିବାହ ପରେ ଅଧାପାଠୋଇ ସ୍ତ୍ରୀଙ୍କୁ ନିଜେ ପଢ଼େଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ସୌଦାମିନୀ ପାଠ ଅପେକ୍ଷା

Digitized by srujanika@gmail.com

ପଠ ପଢ଼ଉଥିବା ଲୋକଟି ପ୍ରତି ବେଶୀ ମନ ଦେବାରୁ ପାଠ ହେଲାନ । କଏ ଜାଣେ, ପାଠ ପଢ଼ି ନ ଥିବାରୁ ସେ ରମେଶବାବୁଙ୍କୁ ହରେଇଲେ କି ନା ! ଘାତ ଆଳତରେ ଲୁହ ଢାଳ ସେଠୁ ଉଠି ପଡ଼ିଲେ ସେ ।

ପିଲାଏ ଶୋଇ ସାରିଛନ୍ତି ।

ଶୋଇବା ଘରର ଗ୍ଲେଜଟ ଟେବୁଲ୍ ପାଖେ ବସି, ରମେଶ ବାବୁ ସିଗାରେଟ୍ ଫୁଙ୍କୁଥିଲେ । ସୌଦାମିନୀଙ୍କ ଶକ୍ତ ଶାସନରେ ଉଦ୍ଧା ଦିନ ଭିତରେ ଦୁ'ଥର ଖାଇବା ପରେ ମାତ୍ର ଦୁ'ଖଣ୍ଡ ସିଗାରେଟ୍ ଖାଇବାକୁ ପାଆନ୍ତି ସେ । ବାସ୍ତବରେ, ନିୟମଟା ସେ କରିଥିଲେ ରମେଶ ବାବୁଙ୍କ ଭଲ ପାଇଁ ସିନା ! ଖବରକାଗଜରେ ପଢ଼ିଥିଲେ ଥରେ କୁଆଡ଼େ ବେଶୀ ସିଗାରେଟ୍ ଖାଇଲେ କର୍କଟ ରୋଗ ହୁଏ ।

—"ଏଥରର ରାଶିଫଳରେ ମୋ ରାଶିରେ କ'ଣ ବାହାରିଛି ଦେଖିଛ ?" ରମେଶ ବାବୁ କଡ଼ ଗଣୁଥିଲେ । ସୌଦାମିନୀ ନୀରବ ।

—"ମିନ" ରମେଶ ବାବୁ ଡାକିଲେ ବି ଉତ୍ତର ଦେବାର ସ୍ପୃହା ନ ଥିଲା ତାଙ୍କର ।

—"ଏ ସପ୍ତାହଟିରେ ନୂଆ ବ୍ୟବସାୟ କଲେ ଦୁ'ଗୁଣ ଲାଭ ।" ଏଥର ବି ରମେଶ ବାବୁ ଅପେକ୍ଷା କଲେ ସୌଦାମିନୀଙ୍କ ଉତ୍ତରକୁ ।

ରାଶିଫଳ ! ସୌଦାମିନୀ ଆଶ୍ଚର୍ଯ୍ୟ ହେଲେ । ସେ ନିଜେ ସେଥିରେ ବିଶ୍ୱାସ କରନ୍ତି ବୋଲି କେତେ ଥଟ୍ଟା କରନ୍ତି ରମେଶ ବାବୁ । ଆଜି ଆଜି ପୁଣି । କେଜାଣି ଇଆ ପଛରେ କି ଉଦ୍ଦେଶ୍ୟ ରହିଛି ।

—"ଯଦି କୋଉଠୁ ଟଙ୍କା ପାଞ୍ଚ ହଜାର ପାଆନ୍ତି—ଖୁବ୍ ଲାଭଜନକ ଗୋଟେ ବ୍ୟବସାୟର ସନ୍ଧାନ ପାଇଛି ।" ରମେଶ ବାବୁ ଦୀର୍ଘ ନିଃଶ୍ୱାସ ପକେଇ ପୁଣି ଅପେକ୍ଷା କଲେ ।

ଓହୋ—ଟଙ୍କା ନେଇ ପୁଞ୍ଜି କରିହବ ନା ? ନରମି ଆସୁଥିବା ମନ ପୁଣି ଶକ୍ତ ହୋଇ ଉଠିଲା । ନିର୍ଘାତ କଣ୍ଠରେ କିଛି ନ ଜାଣିଲା ଭଳି ସୌଦାମିନୀ ପଚାରିଲେ—

Digitized by srujanika@gmail.com

—"ବ୍ୟବସାୟଟା କଲିକତାରେ ବୋଧେ ?"

—"ଠିକ୍ ଧରିଚ । ସେଇ ଯୋଉ ବନ୍ଧ ପାର୍ସଲଗୁଡ଼ା ଆସୁଥିଲା ? ସେଇ କମ୍ପାନୀରେ ମୋର ଚିହ୍ନା ଜଣେ ଲୋକ ଅଛି । ଖାସ୍ ସେଇ ବ୍ୟବସାୟରେ ଲଫଙ୍ଗା ଛକଡ଼ିଟା ଆଜି ଲକ୍ଷପତି ହୋଇଗଲା ।"

—"ଛକଡ଼ି ?"

—"ହଁ, ଛକଡ଼ି ବିଶ୍ୱାସ । ସ୍କୁଲରେ ଫୁଟବଲ ଖେଳୁଥିଲା ବେଳେ ଉଭୁରି ଗଲେ ବି, କଲେଜରେ ଆଉ ଧାପେ ଉଠିପାରିଲା ନି ସେ । ଏବେ ତମେ କାଲି ତାକୁ ଦେଖିଲେ ଚିହ୍ନି ପାରିବନି । ଦେହରେ ଦାମୀ ସୁଟ, ଗୋଡ଼ରେ ଦୁର୍ମୂଲ୍ୟ ଯୋତା ଆଉ ଓଠରେ ଚବିଶ ଘଣ୍ଟା ଷ୍ଟେଟ୍ ଏକ୍ସପ୍ରେସ ସିଗାରେଟ୍ । ମତେ ଦେଖି ବଡ଼ ଡଜ୍ ଗାଡ଼ିରେ ବସେଇ ତା' ଫ୍ଲାଟ୍‌କୁ ନେଇଗଲା । ସେ କାରବାର ଦେଖି ମୁଁ ତ କାବ୍‌ବା—ଗୁଡ଼ ସେତେ ନ ହେଲେ ବି ଶତକଡ଼ା ଦଶ ଟଙ୍କା ଲାଭ ଆଉ ଦୋକାନରେ ବନ୍ଦି ହୋଇଥିବା ବନ୍ଧ ଉପରେ କମିଶନ୍ ।"

କାହିଁ ଛକଡ଼ି ବିଶ୍ୱାସ, ଆଉ କାହିଁ ଛବି !

ଦୀର୍ଘ ନିଃଶ୍ୱାସ ପକେଇ ସୌଦାମିନୀ ଖଟ ଉପରେ ବସି ପଡ଼ିଲେ ।

ବହୁ ଦିନ ପରେ ଖବରକାଗଜବାଲାକୁ ଖବର କାଗଜ ଦେଲା-ବେଳେ, ରାଶିଫଳର ସେଇ କାଗଜଟା ତାଙ୍କ ହାତରେ ପଡ଼ିଲା । ମେଷ ରାଶିର ଫଳଟା ଦେଖି ଚମକି ପଡ଼ିଲେ ସୌଦାମିନୀ । ଲେଖାଥିଲା—

—"ଏ ସପ୍ତାହରେ ନୂଆ ବ୍ୟବସାୟରେ ଟଙ୍କା ଖଟାଇଲେ ଲାଭ ସୁନିଶ୍ଚିତ ।" କ'ଣ ଭାବି କାଗଜଟା ଅଲଗା ରଖିଲେ ସୌଦାମିନୀ । ମେଷରାଶି ରମେଶ ବାବୁଙ୍କର ।

—"ଏଡ଼କ ମିଛୁଆ ତମେ !"

କାଗଜଟା ହାତରେ ନେଇ ସିଧା ସେ ପହଞ୍ଚିଲେ ଅଫିସ୍ ଘରେ । ରମେଶ ବାବୁ ଚମ୍ବକରେ ଘଟଣାଟା ବୁଝିଗଲେ ।

Digitized by srujanika@gmail.com

—'ମିଛୁଆ ମୁଁ ନୁହେଁ; ବରଂ ଗଣନା ଭୁଲ ହେଉଥିଲ—ତମ ରାଶିଫଳ ଲେଖକଙ୍କର । ତା' ନ ହେଲେ ରାଶି ଓ ନକ୍ଷତ୍ରଙ୍କର ପ୍ରତିକୂଳ ଆଚରଣ ଅଭିଶାପ ନ ହୋଇ ଆଶୀର୍ବାଦ ହୁଅନ୍ତା ? ଦେଖୁନା—ଏଇକ୍ଷଣି ହିସାବ କରୁଥିଲି । ତମ ଗହଣା ବିକି ଯୋଉ ପାଞ୍ଚ ହଜାର ଟଙ୍କା ସେଦିନ ଲଗେଇଥିଲି—ଏଇ କେତେ ମାସରେ ସେଥିରୁ ଲାଭ ହୋଇଚି ପାଞ୍ଚଶ' ଟଙ୍କା । ଏଇ ରେଟ୍‌ରେ ଚାଲିଲେ ତମ ଟଙ୍କା ସୁଝି ଦେବି ବର୍ଷକ ଭିତରେ । ତା' ପରେ ପ୍ଲେଟ ଦେଖି ଖଣ୍ଡେ ଗାଡ଼ି ।"

—"ମିଛ କହିଲି କାହିଁକି ?"

—"ନ ହେଲେ ତମେ କ'ଣ ଗହଣା କାଢ଼ି ଦେଇଥା'ନ୍ତ ?" ପିଲାଙ୍କ ଭଳି ହୋ-ହୋ ହସି ଉଠିଲେ ରମେଶ ବାବୁ ।

ରୋଷେଇ ଘରେ ଶାଗ କରେଇଟା ଚୁଲିରେ ବସେଇ ସୌଦାମିନୀ ଭାବୁଥିଲେ ରାଶି ନକ୍ଷତ୍ରଙ୍କ ଅଭିଶାପ ଏମିତି ସବୁଦିନେ ଆମ ଉପରେ ଥାଉ । ଭାଗ୍ୟକୁ ନିଜ ପରିକଳ୍ପନାରେ ବ୍ୟସ୍ତ ରହି ରମେଶ ବାବୁ ତାଙ୍କୁ ଦୃଷ୍ଟି ଦେଇ ନ ଥିଲେ ନ ହେଲେ କି ଦୁରବସ୍ଥା ଯେ ହୋଇଥା'ନ୍ତା !

କାହିଁ ଛକଡ଼ ବିଶ୍ୱାସ—ଆଉ କାହିଁ ଛବି !

Digitized by srujanika@gmail.com

ସିନ୍ଦୁର ସଙ୍କେତ

ଦର୍ପଣ ଆଗରେ ବସିଥିଲେ ରମା ଦେବୀ ।

ପ୍ରସାଧନ ତାଙ୍କର ପ୍ରାୟ ସରି ଆସିଛି । କେବଳ କପାଳରେ କୁଙ୍କୁମ ଲଗାଇବାକୁ ବାକି । ସେଇଟି ଲଗାଇ ସାରିଲେ ସରିଯିବ । ଆଜି ବିପଦ ହେଉଛି ସେଇଥିରେ ।

ପରେ ପରେ ତିନି ଥର କୁଙ୍କୁମ ଟିପା ଲଗାଇ ସାରିଲେ ବି ମନକୁ ପାଉନି ବୋଲି ପୋଛି ପକାଇବାକୁ ବାଧ୍ୟ ହୋଇଛନ୍ତି ସେ । ସରଳ ପ୍ରସାଧନ ମଧ୍ୟରେ ତାଙ୍କର ଧାରଣା ଯେ, କୁଙ୍କୁମ ଟିପାଟିର ଖୁବ୍ ଗୁରୁତ୍ୱ ଅଛି ।

ପ୍ରଥମ ଥର ଟୋପାଟି ହୋଇଗଲା ଖୁବ୍ ଛୋଟ । ରମା ଦେବୀଙ୍କର ମୁହଁ ବର୍ତ୍ତୁଳ ନୁହେଁ, ତଥାପି ସେଥିରେ ସୌନ୍ଦର୍ଯ୍ୟର ଅଭାବ ନାହିଁ । ଅଣ୍ଡାକୃତି ତାଙ୍କ ମୁହଁ ଭିତରେ କପାଳଟି ବେଶ୍ ଚୌଡ଼ା । ଆଜି ବି ମନେ ଅଛି—ପିଲାଦିନେ ସେଥିପାଇଁ କେବେ କେମିତି ପଦେ ଦି'ପଦ ତାଙ୍କୁ ଶୁଣିବାକୁ ହୋଇଛି ।

—"ଉଚ୍ଚ କପାଳୀଟା—ଝିଅମାନଙ୍କର ଉଚ୍ଚ କପାଳ ଭଲ ନୁହେଁ ।" ସାହିର ସବୁରି ମାଉସୀ, କିନ୍ତୁ ଯାହାକୁ ଦୁଇ ଆଖିରେ କେହି ଦେଖି ପାରନ୍ତିନି, ସେଇ ଟୁକୁ ବୋଉ ମାଉସୀ ଦିନେ କହିଥିଲେ ।

ସେଦିନ ପ୍ରକୃତରେ ଶଙ୍କି ଯାଇଥିଲେ କିଶୋରୀ ରମା । ସତେ ତ... ଯଦି କପାଳ ଉଚ୍ଚ ହୋଇଥିବାରୁ ତାଙ୍କର ଭାଗ୍ୟ ମନ୍ଦ ହୁଏ ! କପାଳ ମନ୍ଦ ହେବାର ଅର୍ଥ ତାଙ୍କର ଅଜଣା ନ ଥିଲା । ଆଖି ଆଗରେ ଜ୍ୱଳନ୍ତ ଉଦାହରଣ—ତାଙ୍କର ପିଉସୀ ଝିଅ ଭଉଣୀ ।

Digitized by srujanika@gmail.com

ପିଲାଦିନୁ ବାପ ମା'ଙ୍କୁ ହରାଇ ସେ ତାଙ୍କର ଘରେ ମଣିଷ । ଯେତେବେଳେ ତାଙ୍କର ବିବାହ ହୋଇଗଲା ସମସ୍ତେ ମନେକଲେ, ଯାହାହେଉ ଏଥର ତାଙ୍କର ଦୁଃଖ ଗଲା; କିନ୍ତୁ ବାହାଘରର ଗୋଟି ଏ ଘଞ୍ଚ ବର୍ଷ ନ ଯାଉଣୁ ସେ ବିଧବା ହେଲେ—କୋଳରେ ଦୁଇଟି ଅଜ୍ଞାନ ପିଲା ନେଇ । ସମସ୍ତେ କହିଲେ—

—"ତା କପାଳ ମନ୍ଦ—ହୀନକପାଳୀଟା ।"

କେତେଥର ତାଙ୍କୁ ଲକ୍ଷ୍ୟକରି ଦେଖିଛନ୍ତି ରମା । କାହିଁ ?

କପାଳ ତ ତାଙ୍କର ଖୁବ୍ ଉଚ୍ଚ ନୁହେଁ !

ତା'ହେଲେ ତାଙ୍କର କପାଳ କାହିଁକି ମନ୍ଦ ହେଲା ? ସେ ହୀନକପାଳୀ ହେଲେ କେମିତି ?

ପିଲା ଦିନର ସେଇ ଅସବୁ ପ୍ରଶ୍ନ କଥା ମନେ ପଡ଼ିଲେ ଏବେ ବି ହସନ୍ତି ରମା ଦେବୀ । ନା, ଟିପପାଟି ଦେଖୁଛି ଦେଲେ ସେ । ତାଙ୍କର ଅପେକ୍ଷାକୃତ ଚୌଡ଼ା କପାଳରେ କୁଙ୍କୁମର ବିନ୍ଦୁ ଏତେ ଶ୍ରେଷ୍ଠ ହେବା ଅସୁନ୍ଦର !

ପୁଣି ଥରେ ଟୋପାଟି ଲଗାଇବାକୁ ଯାଇ ସେ ଭାବିଥିଲେ ଅଥଚ—କଥାଟା ବେଶ୍ ଆଶ୍ଚର୍ଯ୍ୟଜନକ । ପରେ ତାଙ୍କର ରୂପର ପ୍ରଶଂସା କରିବାକୁ ଯାଇ, କେହି କେହି ତାଙ୍କର ସେଇ ଚୌଡ଼ା କପାଳର ବି ପ୍ରଶସ୍ତି ଗାନ କରିଥିଲେ । ମନେ ପଡ଼ିଲା ଶିଳ୍ପୀ ଅତନୁ କଥା ।

ରମାଦେବୀଙ୍କ କପାଳକୁ ଦର୍ପଣ ଭଳି ସ୍ୱଚ୍ଛ ଆଉ ସ୍ଥିର, ଗଭୀର ସାଗର ଭଳି ରେଖାହୀନ ବୋଲି କହି ଅତନୁ ସନ୍ତୁଷ୍ଟ ହୋଇ ନ ଥିଲା । ନିଜସ୍ୱ ପ୍ରକାଶ ଶୈଳୀ ବ୍ୟବହାର କରିଥିଲା ସେ । ଅନ୍ୟ ସବୁ କିଛି ଭଳି ତା'ର ପ୍ରକାଶ ଶୈଳୀ ବି ଅଦ୍ୱିତୀୟ । କଥାଗୁଡ଼ିକ ମନେ ପକାଇ ହସୁଥିଲେ ରମା ଦେବୀ ।

—"ସେ ଆଖିର ଗଭୀର ସମୁଦ୍ର ଲାଗି—ପ୍ରଶସ୍ତ ଏଇ ଉପକୂଳ କରୁଣା ।" ଆଖି ଆଗର ରମା ଦେବୀ ଆଉ ନିଜ ମନର ମାନସୀ ବୁଝିହୋଇ ନ ଥିଲା—ଅତନୁ ଦେଖୁଥିଲା କାହାକୁ ।

Digitized by srujanika@gmail.com

ବିସ୍ମିତ ଅତନୁ ।

ଦ୍ୱିତୀୟ ଥର ଲାଗି କୁଙ୍କୁମ ଟିପାଟି ଲଗାଇବାକୁ ଯାଇ, ଭାବୁଥିଲେ ରମାଦେବୀ । ସ୍ନେହ ସ୍ନେହ, ନିତିଦିନିଆ ପ୍ରଭୃତି କଥାକୁ ଯେ ଗଭୀର ଭାବରେ ଚିନ୍ତା କରୁଥିଲା, ଆଜି ଆନନ୍ଦ ଲାଭ କରୁଥିଲା ତା'ର ତାତ୍ପର୍ଯ୍ୟ ଅନୁଭବ କରି—ସେଇ ଅତନୁ ଦାସ । ସେଇ ପୁଣି ଦିନେ ରମାଦେବୀଙ୍କର ସାଧାରଣ ସୌଜନ୍ୟସୂଚକ ବ୍ୟବହାରକୁ ଭୁଲ ବୁଝି ବସିଲା ପ୍ରେମ ବୋଲି ।

—"କିନ୍ତୁ ଏତେ ଦିନର ଆମର ଏଇ ମିଳାମିଶା—ଏଇ ଭାବର ଆଦାନ ପ୍ରଦାନ—ସେ କ'ଣ···?"

—"ସେ ପ୍ରେମ ନୁହେଁ ଅତନୁ ! ସୌଜନ୍ୟସୂଚକ ବନ୍ଧୁତ୍ୱ ।"

ରମା ଦେବୀ ଦଶମ ଥର ପାଇଁ ପରିଷ୍କାର କଣ୍ଠରେ ଉଚ୍ଚାରଣ କଲେ—ସ୍ନେହ ପିଲାଙ୍କୁ କଷ୍ଟ ଅଙ୍କ ବୁଝାଇବାର ଧୈର୍ଯ୍ୟ ନେଇ । ସେ ଦିନ ଯେ ଅନ୍ଦାଜ କରି ପାରି ନ ଥିଲେ ତାଙ୍କର ଏ ଆଲୋଚନାର ଫଳାଫଳ କ'ଣ ହେବ ।

ଜାଣିଲେ ବେଶ୍ କିଛି ଦିନ ପରେ—ଯେଉଁ ଦିନ ଖବର ମିଳିଲା—ଅତନୁ ନିରୁଦ୍ଦିଷ୍ଟ । ସେଇଦିନ ସ୍ନେହ ଖଣ୍ଡେ ଚିଠି ତା' ଠାରୁ ପାଇଥିଲେ ରମାଦେବୀ ।

—"ଜଣକ ଭିତରେ ନିଜକୁ ହଜାଇ ଦେବାକୁ ମୁଁ ଚାହିଁଥିଲି । ତା' ତ ସମ୍ଭବ ହେଲାନି । ବର୍ତ୍ତମାନ ମୋର ସାଧନା ହେବ—ଅନେକଙ୍କ ଭିତରେ ନିଜକୁ ଫେରି ପାଇବା । ଅବଶ୍ୟ ତା' ପୂର୍ବରୁ ମୁଁ ନିଜେ ହଜି ଯାଉଥିବି ।"

ଚିଠିଟାର ମର୍ମ ବୋଧଗମ୍ୟ ନ ହେଲେ ବି—ରମାଦେବୀଙ୍କ ମନ ଖରାପ ହୋଇ ଯାଇଥିଲା ସେଦିନ । ବିଚାରା ଅତନୁ ।

ଦ୍ୱିତୀୟ ଥର ଟିପାଟା ଗୋଲ କରିବାକୁ ଯାଉ ଯାଉ—ହୋଇଗଲା ବେଶ୍ ବଡ଼ । ବିରକ୍ତିରେ ଭରିଗଲା ମନ ତାଙ୍କର । କପାଳ ଯେତେ ଚୌଡ଼ା ହେଲେ ବି ଟିପାର ଆକାର ଯଦି ହୁଏ ପଚିଶ ପଇସା ଭଳି ।

Digitized by srujanika@gmail.com

କାହିଁ ସେମିତି କିଛି ମନ୍ଦ ଦିଶୁନି ତ ?

ଆଜ ଥରେ ଟିପ୍‌ପା ଲଗାଇବାର ଆବଶ୍ୟକତା ନାହିଁ । ଏଇ କଥାଟିକୁ ବଳିଷ୍ଠ ଯୁକ୍ତି ଦେଇ ସମର୍ଥନ କରି ନିଜ ମନକୁ ସାନ୍ତ୍ୱନା ଦେବାକୁ ଚାହୁଁଥିଲେ ସେ । ଦର୍ପଣରେ ନିଜ ମୁହଁକୁ, ବିଶେଷ କରି ଟିପ୍‌ପାକୁ ପରୀକ୍ଷା କରି ଦେଖୁ ଦେଖୁ ହଠାତ ସେ ପୁଣି ଅନ୍ୟମନସ୍କ ହୋଇ ପଡ଼ିଲେ ।

କେମିତି ଥିଲା'ଇଁ ଆଖି ଆଗର ଦର୍ପଣର ପ୍ରତିବିମ୍ବ ଧୀରେ ଲିଭିଯାଇ, ସେଇଠି ଫୁଟିଉଠିଲା ଆଉ ଗୋଟିଏ ମୁହଁ । ମନର ଦର୍ପଣରେ ସେ ପ୍ରତିବିମ୍ବ ଆହୁରି ସ୍ପଷ୍ଟ, ଆହୁରି ପରିଷ୍କାର ତାଙ୍କର ବାନ୍ଧବୀ ପୂରବୀ ରାଏ ।

ଚମକି ପଡ଼ି ରମା ଦେବୀ ତଉଲିଆ ନେଇ, ଟିପ୍‌ପାଟି କପାଳରୁ ପୋଛି ବସିଲେ । ମନରୁ କିନ୍ତୁ ପୂରବୀର ଛବି ପୋଛି ହେଲନି । ପୂରବୀ ଏମିତି ଟିପ୍‌ପା ପିନ୍ଧୁଥିଲା । ସୁବ୍ରତ ସହିତ ତା'ର ବିବାହ ପରେ ପୂରବୀର ଗୋରା ତକ୍ ତକ୍, ଗୋଲଗାଲ ସୁନ୍ଦର କପାଳରେ କୁଞ୍ଚୁକୁଞ୍ଚିଆ ଚୂର୍ଣ୍ଣ କୁନ୍ତଳର ବାଦଲଘେରା ପୂର୍ଣ୍ଣିମାର ଚନ୍ଦ୍ର ଭଳି ବଡ଼ ସିନ୍ଦୂରର ଟିପା ।

ଟିପ୍‌ପାର ଆକାର ଦେଖି ଥଟ୍ଟା କରିବାରୁ ଦିନେ ପୂରବୀ ତାଙ୍କୁ କହିଥିଲା ।

—"ବିପଦ ସଙ୍କେତଟାକୁ ମୁଁ ସ୍ପଷ୍ଟ କରି ରଖିବାକୁ ଚାହେଁ ।"

—"ବିପଦ ସଙ୍କେତ ?"

ରମାଦେବୀଙ୍କ କଥାରେ କୌତୁକ ଅପେକ୍ଷା ଏଥର ବିସ୍ମୟ ଥିଲା ବେଶୀ ।

—"ସୁବ୍ରତ ଛଡ଼ା ମୁଁ ଚାହେଁ ଅନ୍ୟ ସବୁରି ପ୍ରତି ଏଇଟା ହେବ ଗୋଟିଏ ବିପଦର ସଙ୍କେତ ।" ପୂରବୀ କଥାରେ କୌତୁକ ଆଦୌ ନ ଥିଲା । ରମା ଦେବୀ ସନ୍ଦେହରେ ପଡ଼ିଲେ—ଥଟ୍ଟାରୁ ଆରମ୍ଭ କଥାଟା ଏତେ ଗମ୍ଭୀର କେମିତି ହେଲା ।

—"ସିନ୍ଦୂରଟା ତୋ'ର ଲେସି ନ ହୋଇ ରହେ କେମିତି ?"

Digitized by srujanika@gmail.com

ଆଲୋଚନାଟାକୁ ପୁଣି ଥରେ କୌତୁକର ପରିସର ଭିତରକୁ ଟାଣି ଆଣିବାକୁ ଏଇଟା ଥିଲା ରମା ଦେବୀଙ୍କ ବ୍ୟର୍ଥ ପ୍ରୟାସ ।

—"ମୋର ବିଶ୍ୱାସ—ସୁବ୍ରତ ଯେତେବେଳଯାଏ ନିରାପଦରେ ଥିବ ସେତେବେଳଯାଏ ଅକ୍ଷୁର୍ଣ୍ଣ ରହିବ ମୋର ସିନ୍ଦୂର ଟୋପା ।" ଆହୁରି ଗମ୍ଭୀର ଶୁଭିଲା ପୂରବୀର କଥା ।

—"ଅର୍ଥାତ୍ ?" ରମା ଦେବୀ ଅନୁମାନ କରିବାକୁ ଚେଷ୍ଟା କଲେ ପୂରବୀର ବିଶ୍ୱାସର ଭିତ୍ତି କ'ଣ ହୋଇପାରେ ? ସିନ୍ଦୂର ତଳେ ଭେସ୍‌ଲିନ୍ ଅଛି ବା ଲିପଷ୍ଟିକ୍ ରହିଛି—କିନ୍ତୁ କୋଉଟା ?

—"ପିଲା ଦିନେ ମା'ଙ୍କୁ ଦେଖିଛି—ଗାଧୋଇ ସାରିଲା ପରେ ବି ସିନ୍ଦୂର ସେମିତି ଅକ୍ଷତ, ଅକ୍ଷୁଣ୍ଣ । ମନର ବିଶ୍ୱାସ ଅକ୍ଷୁଣ୍ଣ ଥିବା ପର୍ଯ୍ୟନ୍ତ । ସିନ୍ଦୂର ବି ସଂପୂର୍ଣ୍ଣ ରହିବ—କଥାଟା ଉପରେ ମୋର କେମିତି ନିର୍ଭର ଆସି ଯାଇଛି ।"

ପୂରବୀ ବିଷୟ ପରିବର୍ତ୍ତନ କରିଦେଲା ସିନା; ରମା ଦେବୀ ମୋଟେ ବୁଝି ପାରିଲେନି—ଆକାଶରେ ଉଡ଼ୁଥିବା ପାଇଲଟ୍ ସୁବ୍ରତ ଆଉ ପୂରବୀର କପାଳରେ ବିଦ୍ୟମାନ ସିନ୍ଦୂର ଟୋପା—ଦୁଇଟା ମଧ୍ୟରେ କି ସଂପର୍କ ବା ଥାଇପାରେ ? ହୁଏତ ପୂରବୀ ଅସାଧାରଣ; ଅସ୍ୱାଭାବିକ—ବିଶ୍ୱାସ ତା' ପକ୍ଷରେ ସେଇଥିପାଇଁ ସ୍ୱାଭାବିକ ।

କଥାଟା ବିଦ୍ରୁପ ଭିନ ଧରି ତାଙ୍କ ମନରୁ ଯାଇ ନ ଥିଲା । ସେଇଥି-ପାଇଁ ଦୁର୍ଘଟଣାର ଖବର ପାଇବା ପରେ ବି ସେ ପୂରବୀ ସହିତ ସାକ୍ଷାତ କରିବାର ସାହସ ସଂଗ୍ରହ କରି ପାରି ନ ଥିଲେ । ଦୁର୍ଘଟଣାଗ୍ରସ୍ତ ଯେଉଁ ବିମାନଟିରୁ ଜଣେ କେହି ହେଲେ ରକ୍ଷାପାଇ ନ ଥିଲେ ସେଇଟାର ଚାଳକ ଥିଲା ସୁବ୍ରତ ।

ଖବରଟି ପାଇବା ପରେ ପ୍ରଥମେ ତାଙ୍କର ମନେ ପଡ଼ିଥିଲା ପୂରବୀର ଗୋରା ତକ୍ ତକ୍ କପାଳର ନାଲି ସିନ୍ଦୂର ଟିପା । ସୁବ୍ରତର ନିରାପତ୍ତା ସହିତ ତା'ର ସେ ଘନିଷ୍ଠ ସଂପର୍କ କଥା ଭୁଲି ନ ଥିଲେ ସେ । ସେମିତି ଭୁଲି ନ ଥିଲେ ସେ ପୂରବୀ ସହିତ ତା'ର ଅଚ୍ଛେଦ୍ୟ ସଂପର୍କକୁ ।

Digitized by srujanika@gmail.com

ରମା ଦେବୀ ଅଠରଟି ରଙ୍ଗ ଥିବା ତାଙ୍କର ବାନ୍ଧ ଡବାଟି ଖୋଲି ଦେଖିଲେ । ଦର୍ପଣରେ ତାଙ୍କ ଓଠର ସ୍ଲେଟ ସ୍ଲେଟ ହସଟା ଫୁଟି ମିଳାଇ ଯିବାକୁ ଯେତିକ ସମୟ ଲାଗିଲା—କାଠି ଅଗରେ ଗୋଟିଏ ରଙ୍ଗରୁ ଟିକେ ତେଲ ନେଇ, ଦୁଇ ଭ୍ରୂ ମଧ୍ୟରେ—କପାଳର ଠିକ୍ ମଝିରେ, ନିଖୁଣ ହାତରେ ଗୋଲ ଟିପାଟି ଆଙ୍କିଦେବାକୁ ତାଙ୍କୁ ମାତ୍ର ସେତିକ ସମୟ ଲାଗିଲା ।

ଟିପାର ରଙ୍ଗ ଥିଲା ଗଭୀର ନିଶୀଥର ଅନ୍ଧକାର ଭଳି କଜ୍ଜ୍ୱଳ କଳା । ଏହିଭଳି କଳା ଟିପା ସେ ଦେଖିଥିଲେ ପୂରବୀ କପାଳରେ— ଯେଉଁଦିନ ଆକସ୍ମିକ ଭାବରେ ଶେଷ ଥର ପାଇଁ ତା' ସହିତ ଭେଟ ହୋଇଥିଲା ।

ସମୁଦ୍ର କୂଳର ନିର୍ଜନ ଅଂଶଟାରେ ହଠାତ୍ ମୁହାଁମୁହିଁ ଦେଖାହେବା ପରେ—ଅସଂଯତ ବେଶଭୂଷାକୁ ସଂଯତ କରିବାର ସାମାନ୍ୟତମ ଚେଷ୍ଟା ନ କରି ସେ ହସି ଉଠିଥିଲା । ବାହୁଲଗ୍ନ ଅଚିହ୍ନା ଭଦ୍ରଲୋକଙ୍କୁ ରମା ଦେବୀଙ୍କ ସହିତ ପରିଚିତ କରାଇବାର ଚେଷ୍ଟା ବି କଲାନି ସେ । ବରଂ ହସ ଭିତରୁ ଗୋଟିଏ କଥା କହିଥିଲା ସେ ।

—"ଏଥର କିନ୍ତୁ ବିପଦର ସଙ୍କେତର ଆଉ ଦରକାର ନାହିଁ ରମା ! ଏଥର ଦରକାର ଆମନ୍ତ୍ରଣର । ଇଏ ହେଲା ସେଇ ନିରବଚ୍ଛିନ୍ନ ଆମନ୍ତ୍ରଣର ଚିହ୍ନ ।"

ପୂରବୀ କପାଳରେ, ଠିକ୍ ସେଇ ଜାଗାରେ ଯୋଉଠି ନାଲି ସିନ୍ଦୂରର ଟିପା ଦେଖିଥିଲେ ସେ ସେଠି ଥିଲା କଳା ରଙ୍ଗର ଏଇ ଟିପା । ଏଇଥର ଉଠିବାକୁ ହେବ । ବିବାହ ବାର୍ଷିକୀର ସମାବେଶ ଲାଗି ଏ ମଧ୍ୟରେ ତାଙ୍କର ଯିବାରେ ଡେରି ହୋଇ ସାରିଚି । ସେ ସମାବେଶର ଉପଲକ୍ଷ୍ୟ ତ ସେ ନିଜେ ।

Digitized by srujanika@gmail.com

ଘୁରନ୍ତି ମୃତ୍ୟୁ

—"ନା, ରୋଗ ତାଙ୍କର କିଛି ଗୋଟାଏ ନିର୍ଦ୍ଦିଷ୍ଟ ଘାତକ କିଛି ହେବନି । ଅସଲ ରୋଗ ହେଲା ବୟସ । ଡାକ୍ତରଖାନାକୁ ନେଲେ କେତେଗୁଡ଼ିଏ ଚିକିତ୍ସା କରି ହେବ—ଯାହା ଘରେ ସମ୍ଭବ ନୁହେଁ । ତେବେ ସେଥିରେ ଯେ ସେ ସ୍ୱାଭାବିକ ସୁସ୍ଥତା ଫେରି ପାଇବେ ତା' ନୁହେଁ । କେବଳ କିଛିଟା ଆରାମ ହୋଇପାରେ । ସେ କ୍ଷେତ୍ରରେ ବରଂ ଘରେ ରଖିବା ସୁବିଧାଜନକ । ଏତେ ଦୂରରେ ଡାକ୍ତରଖାନାକୁ ଯାଇ ଆମେ କେତେଟା ଦେଖାଶୁଣା କରି ପାରିବା ?"

ରମେଶ ବାବୁ ଚିନ୍ତା କରୁଥିଲେ ଡାକ୍ତରବାବୁଙ୍କୁ ବଳେଇ-ଦେଇ ଆସି ।

—"ଯଦି ବାପା ଚାଲି ଯାଆନ୍ତି !"

ଏକାନ୍ନବର୍ତ୍ତୀ ପରିବାରରେ ବର୍ତ୍ତମାନ ବି ଘରଦ୍ୱାର, ସମ୍ପତ୍ତିବାଡ଼ି ଇଜମାଲି; ଜମିଦାରୀ ଉଚ୍ଛେଦର କ୍ଷତିପୂରଣ ବର୍ତ୍ତମାନ ବି ଅଣାଯାଇପାରିନି । ତା' ଛଡ଼ା ଜମିବାଡ଼ି କୋଉଠି କ'ଣ ଅଛି, ଏବେ ବି ବାପାଙ୍କୁ ଛାଡ଼ିଦେଲେ ଆଉ କେହି ଜାଣନ୍ତିନି ।

—"ଯଦି ବାପା ଚାଲି ଯାଆନ୍ତି !"

ରମେଶ ବାବୁ ଚୁପ୍‌ଚାପ୍ ବସି ରହିଥିଲେ କଟେଜ୍ ଘରେ—ଟେବୁଲ୍ ଉପରେ ମୁଣ୍ଡଭରା ଦେଇ ।

Digitized by srujanika@gmail.com

—"ଘରେ ପାଞ୍ଚ ଜଣ କଏ ବାହାରେ ଖୋଜୁଛନ୍ତି"—ଶ୍ୟାମର କଥା ଶୁଣି ମୁଣ୍ଡ ଉଠାଇଲେ ସେ ।

—"ମୋହରିର ବାବୁଙ୍କୁ ଡାକି ଆଣ ଯାଇ ।" ରମେଶ ବାବୁ ପୁଣି ମୁଣ୍ଡ ନୁଆଁଇଲେ ।

ବାପାଙ୍କର ଜରାଜୀର୍ଣ୍ଣ, ରୁଗ୍ଣ ମୁହଁଟି ତାଙ୍କର ମନେ ପଡୁଥିଲା । ତା'ର ଭିତରୁ ସେ ମନେ ପକେଇବାକୁ ଚାହୁଁଥିଲେ ତିରିଶ ବର୍ଷ ତଳର ଶକ୍ତିଶାଳୀ ସେ ବ୍ୟକ୍ତିଟିକୁ, ଏତେ ବଡ଼ ସଂସାର-ରଥର ସାରଥୀ ହୋଇ ଯେ ସମର୍ଥ ହାତରେ ତାକୁ ଠିକ୍ ବାଟରେ ଚଳେଇ ନେଉଥିଲେ ।

—"ସଦର ଥାନାର ବଳିପୁରରୁ ଆସିଚନ୍ତି ଲୋକଗୁଡ଼ାକ—ଖୁନ୍‌ମାମଲା । ଗାଁର ଅତ୍ୟାଚାରୀ ମହାଜନକୁ ଲୋକଗୁଡ଼ାକ ମାରିପକେଇଚନ୍ତି ।" ମୋହରିର କଥା କାନରେ ବାଜୁଥିଲା ତାଙ୍କର ।

—"ଏଁ !" କେମିତି ଚମକି ପଡ଼ିଲେ ସେ ।

ଅଭିଯୋଗଗୁଡ଼ିକ, ଆଇନର ଧାରା—କୌଣସି କଥା ଯେମିତି ଆଉ କାନରେ ପଶିଲାନି ତାଙ୍କର । ଲୋକଟାକୁ ମାରିଦେଲେ, ମାରିଦେଲେ ବାଡ଼େଇ ବାଡ଼େଇ ।

କେମିତି ମୁଣ୍ଡ ଭିତରଟା ଗୋଳମାଳ ହୋଇଯାଉଥିଲା । ହାତ, ଗୋଡ଼, ମୁଣ୍ଡ, ଦେହ ବାଡ଼େଇ ବାଡ଼େଇ ।

—"ଆପଣ ଜାଣନ୍ତିନି ହଜୁର । ଲୋକଟା ମଣିଷ ନୁହେଁ ଗୋଟେ ଜାନୁଆର । ତା' ଡାଡ଼ରେ ଗରିବଗୁଡ଼ା ଛଟପଟ ହଉଥିଲେ । କାହାର ଘର କୋରଖ କଲାଣି ତ, କାହାର ଦୁଆର ଝିଅକୁ ଟାଣି ଉଠେଇ ନେଲାଣି ।"

କଳା, ଦୁବଳିଆ ଲୋକଟାର ଆଖି ଦି'ଟା ଜଳନ୍ତା ଅଙ୍ଗାର ଭଳି ଚକ୍‌ମିକ୍ କରୁଥିଲା ।

—"ତୋରାଣିଖିଆ କଂସା ଦି'ଖଣ୍ଡ ବି ଘରେ ରଖେଇ ଦେଇନି ସେ । ବଳରୁ ଫେରି ଖାଇ ବସିଚ, ଆସି ପହଞ୍ଚିଗଲା । ମା'ର ଶ୍ରାଦ୍ଧ ପାଇଁ

Digitized by srujanika@gmail.com

ଗଲା ସନ ଟଙ୍କା ଦି' ଶହ କରଜ ଆଣିଥିଲି । କମ୍ବଳ ସୁଧ ବାବତ ଟଙ୍କା ଦବୁ ତ ଦେ, ନ ହେଲେ ଖାଇବା କଂସାଟା ବ—ରାଗ ଚଢ଼ିଗଲା ହଜୁର୍ । ଉଠିପଡ଼ିଲି, ଆଉ ମତେ ଦେଖି ସେ ବି ଉଠିପଡ଼ିଲା, ଆଉ ପଛେଇ ପଛେଇ ଓହ୍ଲେଇ ଗଲା ପିଣ୍ଡା ଉପରୁ ଗାଁ ଦାଣ୍ଡକୁ । ମୁଣ୍ଡ ମୋର ଖରାପ ହେଇଗଲା । ମୁଁ ଜାଣି ପାରିଲି ସେ ଡରିଗଲା, ଯାହା ଡରରେ ଗାଁ'ର ଅଧେ ଲୋକ ଯିବା ଆସିବା କରନ୍ତି ବାଡ଼ି ବାଟ ଦେଇ । ମୁଁ ବାରଣ୍ଡାରୁ ଠେଙ୍ଗାଟା ଉଠେଇ ନେଲି ଆଉ ଓହ୍ଲେଇ ପଡ଼ିଲି ତା'ର ପାଖରେ ।"

ଲୋକଟା ଏତେବେଳକେ ଦମ୍ ନେଲା ।

ରମେଶ ବାବୁଙ୍କ ଆଖିର ଝାପ୍ସା ଦୃଷ୍ଟି ଆଗରେ ଅସ୍ପଷ୍ଟ ହେଇଗଲା ଲୋକଟା—ଅସ୍ପଷ୍ଟ ହେଇଗଲା ତା'ର କଥା କେତେଟା । ତା'ର ଠେଙ୍ଗାର ପ୍ରଥମ ପାହାର—ତାଳୁ ଫାଟି ଧାର ଧାର ରକ୍ତ ।

—"ମୁଁ ତା'ର ଧାରୁଆ । ନିତି ମଜୁରିଆ । ଦି'ଟା ପିଲାଙ୍କ ମୁହଁରେ ତୋରାଣୀ ତୋପେ ବି ସବୁଦିନ ଦେଇ ପାରେନା । ଆଉ ମୋ ଖରାପ ପାଇନି କରେ ତାଙ୍କ ଘରେ । ତା'ର ଠେଇଁ ଆଖି ଦେଲା ସେ । ମୁଁ ଓର ଖୋଜୁଥିଲି । ଅଣ୍ଟାରେ ଖୋସି ରଖିଥିଲି ଧାରୁଆ ଛୁରୀଟା । ସନ୍ଧ୍ୟା ଦୀପ ଦୁଆରେ ଲୋକଟା ପଡ଼ିଗଲା ଦେଖି, ମୁଣ୍ଡଟା ମୋର କାହିଁକି ବୁଲେଇ-ଦେଲା, ଆହୁରି ପାଗଳାମି ଛୁପିଗଲା ଆଖି ଆଗରେ ରକ୍ତ ଦେଖି । ଆଉ ଅଣ୍ଟାରୁ ଛୁରୀଟା ଟାଣି ଆଣି କେତେବେଳେ ଯେ ମୁଁ ଆଗେଇ ଯାଇଚି, ହୋସ୍ ନାହିଁ ମୋର । ହୋସ୍ ହେଲା ମୁଣ୍ଡଟାକୁ ଦୂରକୁ ଫିଙ୍ଗିବାକୁ ଯାଇ । ରକ୍ତରେ ଗାଧୋଇ ସାରିଥିଲି ମୁଁ ।"

ରମେଶ ବାବୁଙ୍କ କ୍ଳାନ୍ତ ଆଖି ବୁଲିଗଲା ଥରେ ଲୋକଟାର ମୁହଁ ଉପରେ । ତମ୍ବାଟିଆ ରଙ୍ଗର ମୁହଁରେ ତା'ର ଖୋଞ୍ଚ ଖୋଞ୍ଚ ଦାଢ଼ି, କପାଳ ଉପରକୁ ଝୁଲୁଛି କହରା ବାଳ ମେଞ୍ଚାଏ । ଧୀରେ ଆଖିର ଦୃଷ୍ଟି ଅସ୍ପଷ୍ଟ ହେଇଗଲା ପୁଣି ଥରେ ।

କିଏ ଏମାନେ ?

Digitized by srujanika@gmail.com

କାହିଁକି ଏତେବେଳେ ବିରକ୍ତ କରୁଛନ୍ତି ?

—"ବଞ୍ଚାନ୍ତୁ ହଜୁର ! ମା'ବାପ ଆପଣ ! ବଞ୍ଚାନ୍ତୁ । ପିଲା କେବଳ ଦାଣ୍ଡରେ ବସିବେ । ବଞ୍ଚାନ୍ତୁ ହଜୁର ବଞ୍ଚାନ୍ତୁ । ଯାହା ଚାହିଁବେ—ଯେତେ ଟଙ୍କା ଦରକାର, ଜମିବାଡି ଘରଦ୍ୱାର ବନ୍ଧକଦେବି ।"

ଜମିବାଡି, ଘରଦ୍ୱାର ବନ୍ଧକ, ଟଙ୍କା ଦେଇ, କେହି କ'ଣ କାହାକୁ ବଞ୍ଚାଇ ପାରିବ ? ମନେ ପଡ଼ିଲା ପୁଣି ଥରେ ବୃଦ୍ଧ ବାପାଙ୍କର ରୁଗ୍ଣ ମୁହଁ । ଯନ୍ତ୍ରଣାକାତର ଆଖି ଦାଇଟିର ଭାଷା କହି ଦେଉଥିଲା—ଆଉ ବେଶୀ ଡେରି ନୁହେଁ ।

—"ଆଉ ଯେ ପାରୁନି ବାପା—ଆଉ ପାରୁନି— ।" କାନରେ ବାଜୁଥିଲା ଅସ୍ପଷ୍ଟ କଥା କେଇଟା ।

—"ମରିଯିବ ହଜୁର ! ପାରିବେନି ବୋଲି କହନ୍ତୁନି । କହନ୍ତୁ କେତେ ଟଙ୍କା ଦରକାର ? ପାଞ୍ଚଶହ—ହଜାରେ—ପାଞ୍ଚ ହଜାର ।"

—"ଚୁପ୍‌କର । ଯାଅ ବାହାରି ଯାଅ ଏଠୁ । ଏ କେଶ୍ ନେବିନି ମୁଁ । ଯାଅ ।"

ରମେଶ ବାବୁ ଉଠି ଚାଲିଗଲେ ଘର ଭିତରକୁ । ବାପାଙ୍କ ଔଷଧ ଖାଇବା ସମୟ ହୋଇଛି । ଡାକ୍ତର ବାବୁ କହିଥିଲେ ଔଷଧଟା ଖାଇଲେ ନିଦ ହୋଇଯିବ । ଔଷଧ ଠିକ୍ ସମୟରେ ଦିଆଯିବା ଦରକାର । ଚିକିତ୍ସାର ଅଧାରୁ ବେଶୀ ହେଲା ଶୁଶ୍ରୂଷା । କେଜାଣି ଔଷଧଟା ଦେବାକୁ କାହାର ମନେ ପଡ଼ିଛି କି ନାହିଁ ? ସାନ ଭାଇ ହରିଶକୁ କିଛି ଦିନ ପାଇଁ ଆସିବାକୁ ଲେଖି ଉତ୍ତର ମିଳିଥିଲା—

"ଜମିଦାରୀ ଉଚ୍ଛେଦ କ୍ଷତିପୂରଣ ଆଉ ବେନାମୀ ଜମି ବିକିବିକା କରି ଅନେକ ଟଙ୍କା ମିଳିଥିବ ତ ? ସେଇଥିରୁ ଖର୍ଚ୍ଚ କରି ଡାକ୍ତର ନର୍ସ ରଖି ବାପାଙ୍କ ଚିକିତ୍ସା କରନ୍ତୁ ।"

Digitized by srujanika@gmail.com

କଥାଟା ମନେ ପଡ଼ି ଏତେ ଦିନ ପରେ ବି ପୁଣି ଥରେ ହସ ମାଡ଼ିଲା ରମେଶ ବାବୁଙ୍କୁ । କି ଅଦ୍ଭୁତ ହୋଇଗଲେଣି ସମସ୍ତେ ? ସତେ ଯେମିତି ଟଙ୍କା ଦେଇ ସବୁ କିଣି ହେବ । ସବୁ କିଛି—ବାପାଙ୍କ ଲାଗି ସେବା ଶୁଶ୍ରୂଷା ମଧ୍ୟ ।

କେତେ ଶୁଖିଲା ଦିଶୁଚି ମୁହଁଟା । ଗୋରା ତକ୍‌ତକ୍ ମୁହଁରେ ଗାଲ-ଗୁଡ଼ା ଥିଲା ତାଳମ୍ବ ମଞ୍ଜି ର ଗୋଲାପି । ଅଳ୍ପ ଉଚ୍ଚ, ଧଡ଼ିଆ ମଣିଷଟିଏ—ଜୀବନରେ କେବେ ହସିବାର ବା କାନ୍ଦିବାର ଦେଖିନି କେହି । ଟ୍ରେନ ଚାପା ପଡ଼ି କୋଡ଼ିଏ ବର୍ଷର ପୁଅ ଯେଉଁଦିନ ମରିଗଲା, ସେଦିନ ସେ ମୁହଁର ଭାବ ଯାହା ଥିଲା, ଠିକ୍ ସେଇ ଭାବ ମୁହଁରେ ଥିଲା ଯେଉଁଦିନ ବିଶ୍ୱ-ବିଦ୍ୟାଳୟରେ ପୁଅ ପ୍ରଥମ ହୋଇଥିବାର ଖବର ମିଳିଥିଲା ।

କିନ୍ତୁ ଆଜି କେଡ଼େ ଦୁର୍ବଳ, କେଡ଼େ ନିରୁପାୟ ଦିଶୁଚନ୍ତି ସେ । ନିଷ୍ପ୍ରଭ ଆଖି କୋଟରଗତ, ପାଟି ବଙ୍କେଇ ଯାଇଚି ଗୋଟିଏ ପଟକୁ, ଆଉ ଖଣ୍ଡାଧାର ଭଳି ମୁନିଆଁ ନାକଟା ବି ସତେ ଯେମିତି ବଙ୍କା ଦିଶୁଚି । ରମେଶ ବାବୁ ବାପାଙ୍କ ଦେହରେ ହାତ ବୁଲେଇଦେଲେ ।

—"ଶୋଇ ପଡ଼ିବ ବାପା । ମୁଁ ତା'ହେଲେ ଶୋଇ ପଡ଼ିବ, ଏଥର ତେବେ ମୁଁ ଶୋଇ ପଡ଼ୁଚି ।"

ବାପାଙ୍କ ଅସ୍ପଷ୍ଟ କଥା କାନରେ ବାଜିଲା ।

ଗଳା ଠେଲି ବାହାରି ଆସିଲା କୋହ । ନା, ବାପା ଶୋଇବେନି, ବାପାଙ୍କୁ ଶୋଇବାକୁ ଦେବେନି ସେ । ବାପା ବଞ୍ଚିବେ—ବଞ୍ଚିବେ ଆହୁରି ବହୁତ···ବହୁତ ବର୍ଷ । ଛୋଟ ପିଲା ଜିଦ କଲା ଭଳି ମନେ ମନେ କହିଲେ ରମେଶ ବାବୁ । ଔଷଧ ଖୁଆଇ, ପାଣି ପିଆଇ, ସେ ପୁଣି ଆସି ବସିଲେ କଚେରୀ ଘରେ ।

—"ଆସି ପାରେ କି ?"

—"ଆସନ୍ତୁ !" କଥାଟା କହିସାରି ରମେଶବାବୁ ଭାବୁଥିଲେ ଭଦ୍ରମହିଳା କିଏ ?

Digitized by srujanika@gmail.com

—"ନା, ଆପଣ ଚିହ୍ନିବେ ନ ମତେ, ଆଗରୁ ଆମର କେବେ ଦେଖା ହୋଇନ ।" ଚଉଡ଼ା ନାଲ ଧଡ଼ିର ଧଳା ଶାଢ଼ୀ ଆଉ ବ୍ଲାଉଜ୍ ପିନ୍ଧିଥିଲେ ସେ । ଆଗେଇ ଆସି ବସିଲେ ଚଉକିରେ ।

—"କିଛି ଦରକାର ଥିଲା ?"

—"ନିଶ୍ଚୟ । ତା' ନ ହେଲେ ଆସନ୍ତି କାହିଁକି ? ଆପଣଙ୍କୁ ନବାକୁ ହବ ମୋ କେଶ୍‌ଟା ।"

—"କିନ୍ତୁ ମୁଁ ତ… ।"

—"ଯେମିତି ହଉ ଆପଣଙ୍କୁ ନେଇ କେଶ୍‌ଟା ଚଳେଇବାର ବ୍ୟବସ୍ଥା କରିବାକୁ ମୁଁ ଆସିବାକୁ ବାଧ୍ୟ ହୋଇଛି ।"

ଭଦ୍ରମହିଳାଙ୍କ କଥାରେ କେମିତି ଟିକେ ଦୋ ଦୋ ପାଞ୍ଚ ଭାବ ଥିଲା ।

—"କ'ଣ ହୁଅନ୍ତି ସେ ଆପଣଙ୍କର ?"

ରମେଶ ବାବୁ ଅନ୍ୟମନସ୍କ ଭାବରେ ପଚାରିଲେ ।

—"ଆସିଥିଲେ ଗୃହଶିକ୍ଷକ ଭାବରେ ତା'ପରେ ହେଲେ ଅଭିଭାବକ, ଆଉ ଶେଷକୁ ପ୍ରେମିକ । ସ୍ୱାମୀ ହୋଇ ପାରିଥାଆନ୍ତେ, କିନ୍ତୁ ବହୁ ନାରୀଙ୍କ ରୂପ ଆଉ ଇଜ୍ଜତ ନେଇ ଯାହାର କାରବାର, ଗୋଟିଏ ନାରୀକୁ ପାଇ କେମିତି ସନ୍ତୁଷ୍ଟ ହୁଅନ୍ତେ ସେ ? ଏକଥା ଠିକ୍ ଯେ ଅନେକଙ୍କର ସର୍ବନାଶ ଲାଗି ତାଙ୍କୁଇ ଦାୟୀ କରାଯାଇ ପାରନ୍ତା ?"

ଭଦ୍ରମହିଳାଙ୍କ କଥାରେ ଜୋର୍‌ର ଅଭାବ ନ ଥିଲା ।

—"ଆଉ ଆପଣ ତାଙ୍କୁଇ… ।"

—"ଭଲ ପାଉଥିଲି, ପ୍ରେମ କରୁଥିଲି, ପ୍ରେମ କଲାବେଳେ ଯେମିତି ଭୁଲିଯାଇ ପାରୁଥିଲି ଯେ ସେ ପ୍ରେମର କେହି ଅଂଶୀଦାର ଅଛି କୋଲି—ଅନ୍ୟ ସମୟରେ ସେମିତି ସ୍ଥିର ନିଶ୍ଚିତ ଥିଲି ଯେ ଲୋକଟା

Digitized by srujanika@gmail.com

ଗୋଟେ ଜୀବନ୍ତ ଶୟତାନ; ତଥାପି ମୁଁ ତାଙ୍କୁ ଭଲ ପାଉଥିଲି, ଭଲ ପାଉଥିଲି ତାଙ୍କର ସେଇ ପରିଣତ ଦେହର ପ୍ରତିଟି ଅଂଶକୁ । ଆଉ ସେମାନେ ସେଇ ଦେହକୁ ଟିକ୍ ଟିକ୍ କରିଦେଲେ । ସେଇ ହାତ—ଯାହାର ସ୍ପର୍ଶ ମୋ ଦେହରେ କାମନାର ଶିହରଣ ଆଣୁଥିଲା—ତାକୁ ଖଣ୍ଡ ଖଣ୍ଡ କରି ସେମାନେ ହାଣିଦେଲେ, ତାଙ୍କ ଗଳାର ଠିକ୍ ଯୋଉ ଜାଗାରେ ମୋ ଓଠର ସ୍ପର୍ଶ ଲାଗିଥିଲା, ଠିକ୍ ସେ ଜାଗାଟାକୁ ସେମାନେ କାଟି ଛିନ୍‌ଭିନ୍ କରିଦେଲେ—ଆଉ ସେଇ ଦେହଟାକୁ ସେମାନେ ଗଡ଼େଇ ଦେଲେ ରାସ୍ତାର ଧୂଳିରେ । ସେଦିନ ନିରୁପାୟ ଭାବରେ ଚାହିଁଥିଲାବେଳେ ମୁଁ ପ୍ରତିଜ୍ଞା କରିଥିଲି—ମୁଁ ପ୍ରତିଶୋଧ ନେବି—ସେମାନଙ୍କ ନର ହତ୍ୟାର ନୁହେଁ, ବରଂ ମୋର ବ୍ୟର୍ଥ ପ୍ରେମର । ମୁଁ ଚାହେଁ ସେମାନଙ୍କୁ ପ୍ରାଣଦଣ୍ଡ ଦିଆଯାଉ—ପ୍ରତ୍ୟେକଙ୍କୁ, ଆଉ ସେଥିରେ ମୁଁ ଆପଣଙ୍କର ସାହାଯ୍ୟ ଚାହେଁ ।"

—"ବାବୁ ଜଲଦି ଆସନ୍ତୁ—ବୁଢ଼ା ବାବୁ କାହିଁକି ଡାକିଲେ ଶୁଣୁ ନାହାନ୍ତି ।"

ଚାକର କଥାର ଶେଷ ଅଂଶ ଶୁଣିବା ପୂର୍ବରୁ ରମେଶ ବାବୁ ଧାଇଁଗଲେ । ତା'ହେଲେ କ'ଣ ବାପା—ବାପା ଚାଲିଗଲେ—ନାହାନ୍ତି ସେ, ଆଉ ଫେରିବେନି ।

—"ବାପା—ବାପା—" । ବରମ୍ବାର ଡାକ ଡାକି ଶୀତଳ ଗୋଡ଼ ଦି'ଟା ଉପରେ ମୁଣ୍ଡ ଥୋଇଲାବେଳେ ରମେଶ ବାବୁଙ୍କ ଆଖି ଆଗରେ ଭାସିଗଲା ଗୋଟେ ଅଦ୍ଭୁତ ଦୃଶ୍ୟ ।

ରାସ୍ତାର ଧୂଳି ଉପରେ ଝରିପଡ଼ୁଛି ଟିକ୍ ଟିକ୍ ହୋଇ ଛିଣ୍ଡି ଯାଇଥିବା ଗୋଟିଏ ରକ୍ତ ଗୋଲାପ, ବୃନ୍ତରେ ତା'ର ଗୋଟିଏ କଣ୍ଟା ଆଉ ସେଥିରେ ବିନ୍ଦୁଏ ରକ୍ତ । ଆଉ ଆରପାଖ ପୋଖରୀର ଶାନ୍ତ, ନୀଳ ପାଣି ଉପରେ ଗୋଟିଏ ଧଳା କଇଁ, ନଇଁଲା ପାଖୁଡ଼ା ମୁଦି ହୋଇ ଜଣାଉଛି ଶେଷ ପ୍ରଣତି ।

Digitized by srujanika@gmail.com

ମରୀଚିକା : କେତୋଟି ମୁହୂର୍ତ୍ତର !

ଆଜଠାରୁ କୋଡ଼ିଏ ବର୍ଷ ତଳେ ସୁଷମା ଠିକ୍ ଏମିତି ଦିଶୁଥିଲେ ।

କଥାଟା ମନ ଭିତରେ ଦୁଇ ତିନି ଥର ଘୂରିଲା ପରେ ସେ ସତର୍କ ହୋଇ ପଡ଼ିଲେ । କଥାଟା ଭାବିବାକୁ ଭଲ ଲାଗିଲେ ବି, ହୁଏତ କଥାଟାରେ କିଛିଟା ସତ୍ୟତା ଥିଲେ ବି—ନା, କଥାଟା ସତ ନୁହେଁ । ସେ ନିଜ ମନକୁ ଚେତାଇ ଦେଲେ । କଥାଟା ସତ ନୁହେଁ ।

କୋଡ଼ିଏ ବର୍ଷ ତଳେ—ସୁଷମା ଥିଲେ ଏଇ ବୟସରେ । ସେତେବେଳେ ସେ ଥିଲେ—ଯୁବତୀ, ସୁନ୍ଦରୀ ଓ ତନ୍ୱୀ । ହୁଏତ ଏହାଠାରୁ କମ୍ ସୁନ୍ଦରୀ ନ ଥିଲେ ସେ । ସତ୍ୟତା କଥାଟାରେ ଅଛି—ବାସ୍ ସେଇ ପର୍ଯ୍ୟନ୍ତ । ସାମଞ୍ଜସ୍ୟ ଠିକ୍ ସେଇ ପର୍ଯ୍ୟନ୍ତ—ସତ୍ୟତା ସେଇଠି ଶେଷ, ସାମଞ୍ଜସ୍ୟ ବି ।

କାରଣ ସିଧାସଳଖ ଭାବରେ ନ ହେଲେ ବି, ଆଖି କୋଣରୁ ଆଉ ଥରେ ଚାହିଁ ଦେଖିଲେ ସେ । କାରଣ ଏ ଝିଅଟିର ବୟସ ହେବ ପ୍ରାୟ କୋଡ଼ିଏ ବର୍ଷ । ଅନ୍ତତଃ ସେଇଆ ତାଙ୍କର ଅନୁମାନ । କୋଡ଼ିଏ ବର୍ଷ—ତା'ର ଆଉ ସୁଷମାର ବୟସ ମଧ୍ୟରେ ବ୍ୟବଧାନ । ଆଜି ବର୍ତ୍ତମାନର ଏ ଝିଅଟି—ସେଇ କୋଡ଼ିଏ ବର୍ଷର ସାମାଜିକ, ସାଂସ୍କୃତିକ, ଚାଲିଚଳନଗତ ଆବର୍ତ୍ତନ ବିବର୍ତ୍ତନର ଫଳ । କୋଡ଼ିଏ ବର୍ଷ ପରିବର୍ତ୍ତନ ଲାଗି ଖୁବ୍ ବେଶି ସମୟ । ସେ ସମୟ ତ ଆଉ ସ୍ଥିର ହୋଇ ରହିନି—କୋଡ଼ିଏ ବର୍ଷ ତଳଠାରୁ !

ସେଇଥିପାଇଁ କୋଡ଼ିଏ ବର୍ଷ ତଳର ସୁଷମା, ଆଉ ଆଜିର ଏ ଝିଅଟି—ସାମଞ୍ଜସ୍ୟ ଯାହା ଥାଉ ପଛେ, ପାର୍ଥକ୍ୟ ହେଲା ସେଇ କୋଡ଼ିଏ ବର୍ଷର ।

Digitized by srujanika@gmail.com

ଏଇ ପାର୍ଥକ୍ୟର ଉଦାହରଣ ଦେବାକୁ ଯାଇ ଅନେକ କଥା କହିହୁଅନ୍ତା । ଏଇ ଯେମିତି— । ସେ ଚମକି ପଡ଼ିଲେ—ଯେତେବେଳେ ତରବର କରି ହାତ ଘୁଞ୍ଚାଇ ନେବାକୁ ଯାଇ ସେ ବୁଝିଲେ—କୋଉଠି ଲଗିଲା ତାଙ୍କର କହୁଣୀ ।

ଆଜିଠାରୁ କୋଡ଼ିଏ ବର୍ଷ ତଳେ ସେ ଯେ ସୁଷମାକୁ ସୁନ୍ଦରୀ ବୋଲି ମନେ କରିଥିଲେ—ସେଥିରେ ପ୍ରକୃତରେ ନିଜେ ଦେଖିବା କେତେଟା ଥିଲା ? ଆଉ କେତେଟା ଥିଲା ତାଙ୍କର ଅନୁମାନ ?

ସେ ମନେ ପକାଉଥିଲେ—ସୁଷମାକୁ ଯେଉଁଦିନ ଦେଖିବାକୁ ଯାଇଥିଲେ ସେ । କ'ଣ ସେ ଦେଖିଥିଲେ ? ସୁନ୍ଦର ଗୋଟିଏ ମୁହଁ—ଲାଜରେ ଯାହା ତଳକୁ ନଇଁ ଯାଇଥିଲା, ସରୁ-ଲମ୍ବା ଆଙ୍ଗୁଠି ଫେଞ୍ଚା ଦୁଇଟି ହାତ, ଯାହା ଧୀର ସ୍ଥିର ଭାବରେ ପରସ୍ପର ଉପରେ ଥୁଆ ଯାଇଥିଲା, ଆଉ ଶ୍ଳେଷ୍ଠ ଗୋରା ତକ୍ ତକ୍ ଦୁଇଟି ପାଦ—ଯାହା ଅଚଳ, ସ୍ଥିର ହୋଇ ରହିଥିଲା—ପରସ୍ପରର ପାଖେ ପାଖେ ।

ଏଇଆ ସେ ଦେଖିଥିଲେ । ଆଉ ଏଇଆ ଦେଖି ତାଙ୍କୁ ଅନୁମାନ କରିବାକୁ ହୋଇଥିଲା ଯେ ସୁଷମା ସୁନ୍ଦରୀ । ସୁଷମାର ସୌନ୍ଦର୍ଯ୍ୟ ତାଙ୍କର କଳ୍ପନାରେ ରଙ୍ଗୀନ, ରୁଚିମନ୍ତ ହୋଇଥିଲା—ତାଙ୍କ ଅନୁମାନର ସମନ୍ୱୟରେ । ହୁଏତ ସେଇଥିଲାଗି ତାଙ୍କର ଅନୁମାନ ସତ କି ନାହିଁ, ତାଙ୍କ କଳ୍ପନାରେ କେତେଟା ରହିଛି ବାସ୍ତବତା—ତା'ର ପରୀକ୍ଷାର ସେଇ ପ୍ରଥମ ଅବସର । ସେଇଥିଲାଗି ସେ ଥିଲା ଏତେ ଆଗ୍ରହର, ଏତେ ଉତ୍କଣ୍ଠାର, ଏତେ ଆଶା ଆଶଙ୍କାର !

ଆଉ ସେଥିରେ ଅଧିକାରର ଗୌରବବୋଧ କ'ଣ ନ ଥିଲା ?

ଏତେ ସୌନ୍ଦର୍ଯ୍ୟ—ତା'ର ଦର୍ଶକ କେବଳ ମାତ୍ର ଜଣେ !

ଏତେ ମାଧୁର୍ଯ୍ୟ—ତା'ର ଅନୁଭବ କେବଳ ମାତ୍ର ସେଇ ଜଣେ ।

ଏତେ ତା'ର କୋମଳତା—ତା' ଭିତରେ ନିଜକୁ ହଜାଇ ଦେବାର ସୌଭାଗ୍ୟ କେବଳ ମାତ୍ର ସେଇ ଜଣକର । ଆଉ ସେ ଜଣକ ହେଲେ ସେ ନିଜେ ।

Digitized by srujanika@gmail.com

କଥାଟାରେ ରୋମାଞ୍ଚିତ ହେବା ଭଳି ଯଥେଷ୍ଟ କାରଣ ଥିଲା । ମନେ ପଡ଼ୁଛି—କଥାଟାର ସେଇ ରୋମାଞ୍ଚର ଆବେଗରେ ମନ୍ତ୍ରମୁଗ୍ଧ ଭଳି ସେ କଟାଇ ଦେଇଥିଲେ ବେଶ୍ କେତେଟା ଦିନ ।

ହେଲେ—ଏଠି କୌଣସି କିଛି ଏକଚ୍ଛଟିଆ ନୁହେଁ ।

ଏଠି ଅନୁମାନ କରିବାର କିଛି ନାହିଁ ବୋଲି, ଅନୁମାନ ଠିକ୍ ହେବାରେ ଉଲ୍ଲସିତ ହେବାର ମଧ୍ୟ କିଛି ନାହିଁ । ଠିକ୍ ସେମିତି କୌଣସି ଆଶଙ୍କା ବି ନାହିଁ, କାଳେ ଅନୁମାନ ଭୁଲ୍ ହେବ ବା ବସ୍ତୁ ଭିନ୍ନ ହେବ କଳ୍ପନାଠାରୁ । ସବୁଠୁଁ ବଡ଼ କଥା ହେଲା—ଏ ସୌନ୍ଦର୍ଯ୍ୟ ଯେମିତି ସବୁରିଙ୍କୁ ଆମନ୍ତ୍ରଣ କରିଛି ସେମିତି ତା'ର ଉପଭୋଗ ମଧ୍ୟ ସବୁରି ଲାଗି ସମ୍ଭବ । ଅନ୍ତତଃ ଆଖିର ତୃଷ୍ଣା ମେଣ୍ଟାଇବାରେ, କାହା ଲାଗି କିଛି ବାଧା ନାହିଁ ।

ସେ ପୁଣି ଥରେ ଦେଖିନେଲେ ।

ଏତେ ପାଖରେ ଯେ ହାତ ବଢ଼ାଇଲେ ଛୁଇଁ ହେବ । ସୁତରାଂ ଦେଖିବାରେ କୌଣସି ଅସୁବିଧା ହେଲାନାହିଁ । ବିଶେଷ କରି ଦେଖାଇବା ଲାଗି ଯେତେବେଳେ ଏତେ ଆୟୋଜନ । ଯାହା ସେ ପିନ୍ଧିଛି—ସେଥିରେ କୌଣସି କିଛି ଲୁଚାଇବାର ସାମାନ୍ୟତମ ପ୍ରଚେଷ୍ଟା ବି ନାହିଁ । ଯେମିତି ସେ ପିନ୍ଧିଛି—ସେଥିରେ ଲୁଚିଛି ଯେତିକି, ଦିଶୁଛି ତା'ଠାରୁ ଆହୁରି ବେଶୀ ।

ପାତଳା କଳା ଗୋଟାଏ କନାର ପୋଷାକ ଭିତରୁ ପରିଷ୍କାର ଦିଶୁଛି ତା' ତଳର ଲୁଗାପଟା । କ'ଣ ଏ ପୋଷାକର ନାଁ ? ଆଉ ତା' ତଳେ ସୁନ୍ଦର ସେ ଲେସ୍‌ର କ'ଣ ସେଇଟା ? ଦେହର ଚକ୍ ଚକ୍ ରଙ୍ଗକୁ ଆହୁରି ଝଲ୍‌ମଲ୍ କରି ଦେଇଛି, କରିଦେଇଛି ଆହୁରି ସୁନ୍ଦର ।

ଦିଶୁଛି କେଡ଼େ ସୁକୁମାର, କେଡ଼େ ନରମ, ଚିକ୍କଣ ।

ହାତରେ ଛୁଇଁବାକୁ ଇଚ୍ଛା ହେଉଛି, ଆଉ ଭୟ ବି ହେଉଛି । ଛୁଇଁଦେଲେ ହୁଏତ ଦାଗ ହୋଇଯିବ, ଖଣ୍ଡିଆ ହୋଇଯିବ । ହୁଏତ ଛୁଇଁଦେଲେ ନଷ୍ଟ ହୋଇଯିବ ।

Digitized by srujanika@gmail.com

ସୁନ୍ଦର ସେ ଦେହ, ସୁନ୍ଦର ତା'ର ରଙ୍ଗ, ତା'ର ଗଢ଼ଣ । ସ୍ୱପ୍ନମୟ ଲୋଭନୀୟ ସେ ସୌନ୍ଦର୍ଯ୍ୟ । ଲୋଭ ହେବ ଛୁଇଁବାକୁ, ଛୁଇଁ ଅନୁଭବ କରିବାକୁ ତା'ର କୋମଳତା, ତା'ର ସୁକୁମାର ତନୁଶ୍ରୀ । ଯେତେ ଟିକେ ଆବରଣ ଅଛି—ଲୋଭ ହେଉଚି ତା'କୁ ଖୋଲି ଦେବାକୁ । ସତେ ଯେମିତି ସେଥିଲାଗି ଆମନ୍ତ୍ରଣ କରୁଚି ସେ ।

ସେ ଆମନ୍ତ୍ରଣ ସଲ୍ଲଜ୍ଜ, ପରୋକ୍ଷ ନୁହେଁ । ସେଥିରେ ଅଛି ଅନେକ ଦମ୍ଭ, ଅନେକ ଆତ୍ମପ୍ରତ୍ୟୟ, ଆଉ ଅଛି ଅନେକ ଆଶା ପୂରଣର ପ୍ରତିଶ୍ରୁତି । ଦୃପ୍ତ ସେ ଯେଉଁ ଭଙ୍ଗୀରେ ଝିଅଟି ଠିଆହୋଇ ରହିଥିଲା—ହୁଏତ ସେ ହେଲା ବିଶ୍ୱବିଜୟୀ କୌଣସି ସମ୍ରାଟଙ୍କର ବିଜୟଯାତ୍ରାରେ ବାହାରିବା ସମ୍ପୂର୍ଣ୍ଣ ଭଙ୍ଗୀ । ନିଜେ ସଙ୍କୁଚିତ ହୋଇ, ସେ ଦୂରକୁ ଘୁଞ୍ଚିଯିବାକୁ ଚେଷ୍ଟା କରିବାକୁ ଲାଗିଲେ । ସନ୍ତର୍ପଣରେ ଟିକେ ଦୂରକୁ ଘୁଞ୍ଚିବାକୁ ହେବ—ଯଦି ସମ୍ଭବ ହୁଏ ।

ସମ୍ଭବ ହେଲାନି କିନ୍ତୁ ।

ଯଦି ଇଚ୍ଛା ନ କରନ୍ତେ, ତା'ହେଲେ ବି ଏମିତି ଠିଆ ହେବାକୁ ପଡ଼ନ୍ତା ଦେହକୁ ଦେହ ଲାଗି । ଅସମ୍ଭବ ଭିଡ଼ ବସ୍‌ଟାରେ—କୌଣସିମତେ ଦୁଇ ପାଦ ଜାଗା କରିନେଇ ସେ ଠିଆ ହୋଇଥିଲେ—ଯେମିତି ଠିଆ ହୋଇ ଥିଲେ ତାଙ୍କରି ଭଳି ଆହୁରି ଅନେକେ ।

ନିଜେ ଘୁଞ୍ଚିଯାଇ ପାରିଲେନି ।

ଚେଷ୍ଟାକଲେ ଅନ୍ତତଃ ଯଦି ଘୁଞ୍ଚାଇ ନେଇ ହେବ ଆଖିର ଦୃଷ୍ଟିକୁ । ନାଁ—ତା'ବି ସମ୍ଭବ ହେଲାନି । ଯେମିତି ସେ ଠିଆ ହୋଇଥିଲେ—ସେଥିରେ ସମ୍ଭବ କେବଳ ଗୋଟିଏ ଦିଗକୁ ଚାହିଁବା । ଅଥଚ କେମିତି ଡର ଡର ମାଡ଼ୁଥିଲା ସେଠିକି ଚାହିଁବାକୁ । ଚାହିଁଲେ, ଦେଖିଲେ, କେମିତି ମନେହେଲା, ସେ ବୁଡ଼ିଯିବେ, ହଜିଯିବେ ନିଶ୍ଚିହ୍ନ ହୋଇ ।

ନିଜର ଅଜାଣତରେ ସେ ପୁଣି ଅନ୍ୟମନସ୍କ ହୋଇ ପଡ଼ିଥିଲେ ।

ନାରୀର ସୌନ୍ଦର୍ଯ୍ୟ !

Digitized by srujanika@gmail.com

କ'ଣ ତା'ର ଆକର୍ଷଣ, ଆଉ କାହିଁକି ମଣିଷ ନିଜକୁ ସମ୍ବରଣ କରିପାରେନି ? କାହିଁକି—କଥାଟା ଚିନ୍ତା କଲାବେଳକୁ ମନ ନାଚିଉଠେ—ଖୁସିରେ ? ସାରା ଦେହ ଉଲ୍ଲସିତ ହୋଇଉଠେ—ଆନନ୍ଦରେ । ମଧ୍ୟ ବୟସରେ ପହଞ୍ଚି, ଜୀବନର ସବୁ ସାଧାରଣ କର୍ତ୍ତବ୍ୟ, ନୀତି ନିୟମ ମାନି ତଥାପି ଏଇଗୋଟାଏ ବ୍ୟାପାରରେ— ।

ନୀତି ନିୟମର ବନ୍ଧନ ଛିଣ୍ଡାଇ, ଜ୍ଞାନବିବେକର ବାରଣ ଏଡ଼ାଇ, ମନଟିଏ ଧାଇଁଯାଇ ମିଶିଯିବାକୁ ଚେଇଁଥିରେ । ଦେହ ଚାହେଁ ହଜିଯିବାକୁ—ତା'ର ମଧ୍ୟରେ । ଅବଶ୍ୟ କିଛି କରି ହୁଏନି । ବନ୍ଧନ ଛିଣ୍ଡାଇ ହୁଏନି କି ବାରଣ ଏଡ଼ାଇ ହୁଏନି । ମନର ଆଖି ଆଗରେ ଭାସିଗଲା ଆଉ ଗୋଟିଏ ମୁହଁ । ମନେ ପଡ଼ିଗଲା—ସୁନ୍ଦର ଆଉ ଗୋଟିଏ ଦେହ ।

ନିଜର ଅଜାଣତରେ କେତେବେଳେ ଯେ ସେ ନିଜକୁ ଅର୍ପଣ କରିବାକୁ ସ୍ଥିର କଲେ, ଆଉ କେତେବେଳେ ବା ଠିକ୍ କଲେ ତାକୁ କାର୍ଯ୍ୟକାରୀ କରିବାର ସମସ୍ତ କର୍ମସୂଚୀ ଆଜି ଆଉ ମନେନାହିଁ । ଆଜି ଖାଲି ମନେ ପଡ଼ୁଛି—

ବସ୍ ଅଟକିଗଲା ।

ଗୋଟାଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନିଶ୍ଚୟ । ଓହ୍ଲାଇଲେ ଅନେକ ଲୋକ । ସେମାନଙ୍କୁ ଯିବାକୁ ଦେବାକୁ ଯାଇ ସେ ପୁଣି ଟିକେ ଘୁଞ୍ଚିବାକୁ ଚେଷ୍ଟା କଲେ । ଆଉ ପୁଣି ଥରେ ସେ ଅନୁଭବ କଲେ ଗରମ ନିଃଶ୍ୱାସର ଛୁଆଁ—ଗାଲରେ, ବେକରେ । ବୁଲି ନ ଚାହିଁଲେ ମଧ୍ୟ ଜାଣି ପାରିଲେ ସେ । ସୁଗନ୍ଧରେ ଆମୋଦିତ,କାହାର ସେ ନିଃଶ୍ୱାସ—ଖୋଜି ଦେଖିବାକୁ ହେଲାନି ।

ଆଖି ବନ୍ଦ କରିଥିଲେ ବି ସେ ଜାଣି ପାରିଥାନ୍ତେ । ଝିଅଟିର ମୁଣ୍ଡ ଥିଲା ତାଙ୍କ କାନ୍ଧ ଉପରେ । ଦେହର ଗୋଟାଏ ଅଂଶ ତା'ର ଭରିଦେଇ ରହିଥିଲା ତାଙ୍କର ଛାତିରେ । ନା—ଆଖି ସେ ବନ୍ଦ କରି ନ ଥିଲେ । ହୁଏତ ଆଖିର ପଲକ ପକାଇବାକୁ ଚାହିଁଲେ ବି, ସେ ପଲକଟିଏ ମଧ୍ୟ ପକାଇ ପାରି ନ ଥାନ୍ତେ । କାରଣ ସେ ଅନୁଭବ କରୁଥିଲେ ନିଜ ଦେହର କୌଣସି ଅଂଶ ଉପରେ, କୌଣସି ନିୟନ୍ତ୍ରଣ ତାଙ୍କର ଆଉ ନାହିଁ ।

Digitized by srujanika@gmail.com

ଦେହଭିତରେ ଅନେକ ଶିହରଣର ଛନ୍ଦ। ସେ କିନ୍ତୁ ନିର୍ବାକ୍, ନିସ୍ପନ୍ଦ ହୋଇ ପଡ଼ିଥିଲେ। ନାଁ—ଘୁଞ୍ଚି ଦୂରେଇ ଯିବାକୁ ଆଜି ଚାହୁଁନଲେ ସେ। ଅମୃତ କେହି କେବେ ଦେଖିନି—ସେ ବି ଦେଖି ନାହାନ୍ତି କି ଚାଖି ନାହାନ୍ତି ତା'ର ସ୍ୱାଦ। କିନ୍ତୁ ଅମୃତର ସ୍ୱାଦ ଚାଖିବାର ସୁଯୋଗ ମିଳିଲେ କେହି କ'ଣ ମୁହଁ ବୁଲାଇ ନିଏ ପୀୟୂଷ ପାତ୍ରରୁ ? ବରଂ ଯଦି ସମ୍ଭବ ହୁଏ, ଆହୁରି ନିକଟତର—ଆହୁରି ନିବିଡ଼ତର !

ସେ ଦିନ ବି ଏମିତି ହୋଇଥିଲା।

ଝିଅଟି ତାଙ୍କର ସାହାଯ୍ୟ ଚାହିଁଥିଲା ଆଜି ସେ ତାଙ୍କୁ ବିଶ୍ୱାସ ବି କରିଥିଲା। ଆଜି ସେ ନିଜେ ? ସେ ନିଜେ ମଗ୍ନଥିଲେ ନିଜର ସ୍ୱପ୍ନରେ, ମସ୍‌ଗୁଲ୍ ଥିଲେ ନିଜ ଅନୁଭୂତିର କଳ୍ପନାରେ।

କିନ୍ତୁ ହେଲା କ'ଣ ?

ସମସ୍ତ ଆୟୋଜନ ସଂପୂର୍ଣ୍ଣ କରି—ଉପହାର, ସ୍ନେହ, ସଦ୍ଭାବ ସମସ୍ତ ଅର୍ପଣ କରି—ଗୋଟାଏ ସୁବିଧାଜନକ ମୁହୂର୍ତ୍ତ ଠିକ୍ କରିସାରି—ସେ ଯେତେବେଳେ ସ୍ୱପ୍ନକୁ ସତ କରିବାକୁ ଯାଉଥିଲେ, ପରଖିବାକୁ ଯାଉଥିଲେ କଳ୍ପନା ଓ ବାସ୍ତବର ବ୍ୟବଧାନ କେତେ, ଠିକ୍ ସେତିକିବେଳେ।

ସେଇ ଶେଷ ଉଦ୍‌ଯୋଗରେ ତାଙ୍କୁ ଅଟକି ଯିବାକୁ ହେଲା।

—"ମଉସା ! ରମା ଆପଣଙ୍କ ଝିଅ ନାଁ ? ମୋ ସାଙ୍ଗରେ ସେ ସ୍କୁଲରେ ପଢ଼ୁଥିଲା। ବ୍ରହ୍ମପୁର ବାଳିକା ସ୍କୁଲରେ ଆମେ ଦୁହେଁ ଏକା କ୍ଲାସ୍‌ରେ ପଢ଼ୁଥିଲୁ।" ଝିଅଟି କହି ବସିଲା।

ରମା ?

ହଁ—ତାଙ୍କରି ଝିଅ। ଝିଅଟି ରମାର ସହପାଠିନୀ ତା'ହେଲେ ? ସେଇଥିପାଇଁ ସେ ତାଙ୍କୁ ଡାକିଚି ମଉସା ବୋଲି ? ସେ ଆଉ ଭାବି ପାରିଲେନି।

ଅର୍ଥାତ୍— ?

Digitized by srujanika@gmail.com

ଅର୍ଥାତ୍ ସେ କ'ଣ କରିବାକୁ ଯାଉଥିଲେ ? ଆଉ କେତେ ମିନଟ୍‌ର ବିଳମ୍ବ ହେଉଥିଲେ···ସେ ଚଉକରେ ଆଉଜି ବସି ପଡ଼ିଲେ ।

—"କ'ଣ ହେଲା ? ମଉସା ଆପଣଙ୍କ ଦେହ କ'ଣ ଖରାପ ଲାଗୁଚି ? ପାଣି ଦେବି ? ମୁଁ ଜାଣେ ପରା—କାମ କରି କରି ଆପଣ ନିଜ ସ୍ୱାସ୍ଥ୍ୟ ଖରାପ କରି ସାରିଲେଣି । ସେଦିନୁ ଏମିତି ଦେଖୁଚି ।"

ଆଖି ବନ୍ଦ କରି ବସିଥିଲେ ବି ନିଜର ଦେହ ମନକୁ ସମ୍ପୂର୍ଣ୍ଣ ଆୟତ୍ତାଧୀନ କରି ସାରିଥିଲେ ବି ସେ ନିସ୍ତାର ପାଇ ନ ଥିଲେ । କାରଣ ଝିଅଟି ଆଗେଇ ଆସି ତା'ର ନରମ ହାତରେ ସେଦିନ ତାଙ୍କ ମୁଣ୍ଡ ଚାପି ଦେଇଥିଲା, ଆଉଁସି ଦେଇଥିଲା—ଗାଲ, ବେକ, ପିଠି ।

ଦେହରେ, ମନରେ ଜଳନ୍ତା ଅଙ୍ଗାରର ଛୁଆଁ ଲାଗିଲେ ବି ପ୍ରବଳ ପ୍ରଭଞ୍ଜନର ଧକ୍କାରେ ତାଙ୍କର ସମସ୍ତ ସତ୍ତା ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ ବି ସେଦିନ ସେ ଆଖି ଖୋଲି ପାରି ନ ଥିଲେ । ଆଖି ଖୋଲିଲେ କ'ଣ ଦେଖିଥାନ୍ତେ ?

କୌତୁକରେ, ପରିହାସରେ ଝଲ୍ ମଲ୍ ଦୁଇଟି ଆଖି ? ଦୁଷ୍ଟାମୀର ହସରେ ଚକ୍ ଚକ୍ ଓଠ ? ସ୍ନେହ ଆଉ ସ୍ନେହ ଧରି ପାରିଥିବାର ଗୌରବରେ ଦର୍ପିତ ଗୋଟିଏ ଝିଅ ? ନା—ଆଖି ସେ ଖୋଲିଲେନି—ଖୋଲି ପାରିଲେନି ।

—"ଅନେକ ରାତି ହେଲାଣି, ତମେ ଘରକୁ ଯାଅ । ମୋ ଲାଗି ଖିଆଲ୍ ଡେରି ହବ, ମୁଁ ପରେ ଯିବି ।" ଗଳାର ସ୍ୱରକୁ ସ୍ୱାଭାବିକ କରି ମାତ୍ର ଏତିକି ସେ କହି ପାରିଥିଲେ ।

କିନ୍ତୁ କାହିଁକି ଆଜି ମନେ ପଡ଼ିଲା ସେ କଥା ?

ସେ ଭାବୁଥିଲେ । ସେଦିନ ବି ବହୁ ସମୟ ଧରି ଚିନ୍ତାକରି ଠିକ୍ କରିପାରି ନ ଥିଲେ ସେ । ସେଦିନର ସେଇ ଝିଅଟି ? ସେ କ'ଣ ଅନୁମାନ କରି ପାରିଥିଲା ? ସେ କ'ଣ ଜାଣି ପାରିଥିଲା—ଯାହା କରିବାକୁ ସେ ଯାଉଥିଲେ ?

Digitized by srujanika@gmail.com

ଆଉ ଯଦି ସେ କରିଥାନ୍ତେ—ଯାହା କରିବାକୁ ଯାଉଥିଲେ ? କ'ଣ ହୋଇଥାନ୍ତା ? ଆଜି କ'ଣ ବା ହବ ଆଜି—ଏଇକ୍ଷଣି ? ଯଦି ସେମିତି କିଛି ଗୋଟାଏ ।

ଚନ୍ଦ୍ରା ଘରଚପ୍ପ, ସିନେମା, ରେଷ୍ଟୁରାଣ୍ଟ—ତା'ପରେ । ବହୁବାର ଶୁଣିଚନ୍ତି ସେ ବହୁ ଲୋକଙ୍କଠାରୁ । ଏ କଥା କିଛି ନୂଆ, ଅଭୂତପୂର୍ବ ବା ଅଶ୍ରୁତପୂର୍ବ ନୁହେଁ । କୁଆଡେ ଆଜିକାଲିର ଏମିତି ଝିଅମାନେ ଆଦୌ ହାତ ମୁଠାରୁ ଦୂରରେ ନୁହନ୍ତି । ଇଚ୍ଛା ଜଲେ ଆଉ ତା'ର ବାଗ ଜାଣିଲେ; କିନ୍ତୁ ଏ କ'ଣ ହେଲା ?

ତାଙ୍କର ଦୁଇ ହାତ କେମିତି ବା ନିଜର ମୁଠା ମଧ୍ୟରେ ପାଇଲା—ଏତେ ନରମ, ଉଷ୍ମ ହ'ଟା ହାତ ?

ସେ ଅନ୍ୟ କିଛି ଭାବିବା ପୂର୍ବରୁ ଅନୁଭବ କଲେ କିଛି ଗୋଟାଏ ଅଘଟଣ ଘଟିବାକୁ ଯାଉଛି ।

କେତେବେଳଠାରୁ ଏମିତି ହୋଇଛି ?

ଲିପ୍‌ଷ୍ଟିକ୍ ଲଗା ହ'ଟା ଓଠର ଛୁଆଁ ସେ ସ୍ପଷ୍ଟ ଅନୁଭବ କଲେ ନିଜର ଓଠ ଉପରେ ।

କାହିଁକି ଏମିତି ହେଲା ?

ସେ କୂଳ କିନାରା ପାଇଲେନି ଅବଶ୍ୟ—ନିଜ ମନର ଅଗଣିତ ପ୍ରଶ୍ନର ସେ ଅତଳ ସାଗରର । କିନ୍ତୁ ତାଙ୍କର ଜାଣିବାକୁ ବାକି ରହିଲାନି—ଯେତିକି ଆଗ୍ରହରେ ଦୁଇ ବାହୁ ତାଙ୍କର ଘୁଞ୍ଚି ଉପରକୁ ଟେକିଦେଲା ତାକୁ, ସେତିକି ଉତ୍କଣ୍ଠା ନେଇ ତା'ର ଦୁଇଟି ବାହୁ ଆଲିଙ୍ଗନ କଲା ଗଭୀର ଆଶ୍ଳେଷରେ ।

ଅବଶ୍ୟ ଠିକ୍ ସେତିକିବେଳକୁ ବାସ୍‌ର ଆଲୁଅ ଲିଭି ଯିବାରୁ ଅନ୍ୟ କାହା ଆଖିରେ ପଡ଼ିବାର ରକ୍ଷା ମିଳିଲା । ମାତ୍ର କେତେ ମୁହୂର୍ତ୍ତ ଯୁଗ ଯୁଗର ଆକାଂକ୍ଷା ପୂରଣ ଲାଗି ହୁଏତ ଯଥେଷ୍ଟ ନ ଥିଲା । ସେମିତି

Digitized by srujanika@gmail.com

ଅତର୍କିତ ଭାବରେ ତା'ର ଆରମ୍ଭ, ଶେଷ ବି ହେଲା ସେମିତି ଆକସ୍ମିକ ଭାବରେ । ମାତ୍ର କେତେ ମୁହୂର୍ତ୍ତର ସେ ଆବେଶ ।

ଆଲୁଅ ଜଳି ଉଠିଲା ।

ପର ଷ୍ଟପ୍‌ରେ ବାସ୍ ରହିଗଲା । ଗାଡ଼ି ଭିତର ଖାଲିକରି ଅଧିକାଂଶ ଲୋକ ଓହ୍ଲାଇଗଲେ । ତାଙ୍କ ପାଖରୁ କେତେ ମୁହୂର୍ତ୍ତ ମଧ୍ୟରେ ଆଗେଇ ଯାଇ ଓହ୍ଲେଇ ଗଲା ଝିଅଟି । ଦୁଏତ ତାଙ୍କର ବି ଆଗେଇ ଯିବା ଉଚିତ— ଦରକାର ତା' ପଛେ ପଛେ ବାସ୍‌ରୁ ଓହ୍ଲେଇ ଯିବା । ଦୁଏତ ଗୋଟାଏ ଟ୍ୟାକ୍‌ସି ମିଳିଯିବ । ଆଉ ତା'ପରେ ରେଷ୍ଟୁରାଣ୍ଟ୍, ସିନେମା ଆଉ ହୋଟେଲ ।

ନିର୍ଜନ ସାନ୍ନିଧ୍ୟ, ନିରୁପଦ୍ରବ ଘନିଷ୍ଠତା ଆଉ ଅପୂରନ୍ତ ଉପଭୋଗର ସମ୍ଭାବନା । କିନ୍ତୁ କିଛି ହେଲାନି । କ୍ଳାନ୍ତ ଭାବରେ ଗୋଟାଏ ଖାଲି ସିଟ୍‌ରେ ସେ ବସି ପଡ଼ିଲେ । ବହୁ ଲୋକଙ୍କ ଗହଳ ଭିତରେ ଝିଅଟି ବି ଅଦୃଶ୍ୟ ହୋଇଗଲା ଆଖି ପଲକରେ । ଆଉ ଜନଗହଳିର ସେ ଜାଗାଟାକୁ ପଛରେ ପକେଇ ଖାଲି ରାସ୍ତା ପାଇ ବାସ୍ ଆଗେଇ ଚାଲିଲା ଦ୍ରୁତ ଗତିରେ ।

କପାଳର ଝାଳ ଧୀରେ ବନ୍ଦ ଆଖିର ଚଷମାକୁ ଝାପ୍‌ସା କରିଦେଲା ପରେ ସେ ପ୍ରକୃତିସ୍ଥ ହେଲେ । ରୁମାଲ୍ କାଢ଼ି ମୁହଁ, ବେକ ପୋଛିବାକୁ ହେବ ପର ଷ୍ଟପ୍‌ରେ ।

କିନ୍ତୁ !

ପକେଟ୍‌ରେ ହାତ ଦେଇ ତାଙ୍କର ଧନ ଭାଙ୍ଗିଗଲା କହିଲେ ଯଥେଷ୍ଟ ହେବନି । ଭାଙ୍ଗିଗଲା ଅନେକ ବିଶ୍ୱାସ, ବଦଳିଗଲା ଅନେକ ଧାରଣା, ଲୁପ୍ତ ହେଲା ଅନେକ ସ୍ୱପ୍ନ ।

କ'ଣ ହେଲା ?

କେମିତି ହେଲା ?

ଆଉ କାହିଁକି ବା ହେଲା ?

Digitized by srujanika@gmail.com

ଏଥର ଆଜ ସେ ପ୍ରଶ୍ନ ପଶ୍ଚରିଲେନ । ରୁମାଲ୍ ଖୋଜିବାକୁ ଆଜ ସେ ଚେଷ୍ଟା କଲେନ । ଖ୍ରିଡମତ ବିଜୁଳି ଧକ୍କା ଖାଇବାର ଅନୁଭୂତି ନେଇ ସେ ଉପଲବ୍ଧି କଲେ ।

ଉପଲବ୍ଧି କଲେ—ଅନେକ କିଛି ବଦଳିଗଲା ଏଇ କେତେ *ମିନଟ୍ ମଧ୍ୟରେ । ଅନେକ କିଛି ହଜିଗଲା ତାଙ୍କ ଜୀବନରୁ ।*

ସେ ସବୁ ସହିତ ତୁଳନା କଲେ ତାଙ୍କ ପକେଟ୍‌ର ମନିପର୍ସର ଦାମ୍ କ'ଣ ବେଶୀ ହେବ ? ତା'ର ଦାମ୍ କ'ଣ ବେଶୀ—ହୃଦୟର ଅଗଣିତ କାମନାଠାରୁ ?

ତା'ର ଗୁରୁତ୍ୱକୁ କ'ଣ ଅଧିକ କହିହେବ—ତାଙ୍କ କଳ୍ପନାର ଅନେକ ରଙ୍ଗୀନ ସେ ସ୍ୱପ୍ନଠାରୁ ?

●

Digitized by srujanika@gmail.com

ଆକସ୍ମିକ

ସବୁଦିନ ଶେଯରୁ ଉଠି ଚୁଲୀ ଧରେଇ ବାବୁଙ୍କ ପାଇଁ ଚା' ନିଜ ହାତରେ କରନ୍ତି ସୁଭାଷିଣୀ । ବହୁତ ଦିନ ତଳେ କଲେଜରେ ପଢ଼ିଲା-ବେଳେ ଥରେ କୋଉଠି ପଢ଼ିଥିଲେ ଯେ ପୁରୁଷର ହୃଦୟକୁ ପାଇବାର ପଥ ମିଳେ ତା'ର ଉଦର ତୃପ୍ତି ମଧ୍ୟରେ । ସେଠିକି ଥଣ୍ଡା ଦେଶରେ, ସେମିତି ଥଣ୍ଡା ହୃଦୟକୁ ଯଦି ଉଦର ମଧ୍ୟ ଦେଇ ମିଳୁଥାଏ ତେବେ ଆମ ଏଇ ଗରମ ଦେଶର ଅନ୍ତତଃ ଉଷ୍ମ ହୃଦୟକୁ ଲଭିବାର ପଥ ଭିନ୍ନ ବା ହେବ କାହିଁକି ? ଏଇଆ ଥିଲା ସୁଭାଷିଣୀଙ୍କ ଯୁକ୍ତି ।

ଆଉ କଥାଟାର ତାତ୍ପର୍ଯ୍ୟ ବୁଝି, ସେଇଥିରେ କେବଳ ସନ୍ତୁଷ୍ଟ ନ ରହି ସୁଭାଷିଣୀ ତାକୁ କାମରେ ବି ଲଗେଇ ସାରିଥିଲେ । ସେଇ ଅନୁସାରେ ତାଙ୍କ କାର୍ଯ୍ୟପନ୍ଥା ବି ସ୍ଥିର ହୋଇ ସାରିଥିଲା ।

ବାବୁଙ୍କ କଥା ଅନୁସାରେ ତାଙ୍କ ଜୀବନର ଏକମାତ୍ର ବିଳାସ ହେଲା—ସକାଳେ ବିଛଣାରେ ଶୋଇ ଶୋଇ ଏଇ କପେ ଚା' ଖାଇବାଟା । ସେଇଥିପାଇଁ ସୁଭାଷିଣୀଙ୍କ ପକ୍ଷରେ ବି ବ୍ୟାପାରଟା ବେଶ୍ ଗୁରୁତର ହୋଇଥିଲା । ସୁତରାଂ ସେଇ କାମଟା ସେ କ'ଣ ଫାଙ୍କି ଦେଇ ପାରନ୍ତେ ?

ଅଥଚ ଆଶ୍ଚର୍ଯ୍ୟ କଥା—ବହୁ ବର୍ଷ ପରେ ଆଜି ଠିକ୍ ସେଇଆ କରିଚନ୍ତି ସେ । ହରିହର ବାବୁ ପ୍ରକୃତରେ ଚିନ୍ତାରେ ପଡ଼ିଲେ । ଆଜି କ'ଣ ତାଙ୍କ ଆଡ଼କୁ କିଛି ଗଲ୍ତି ରହିଗଲା ? ଗଲାକାଲି ରାତିରେ ବା ସେମିତିରେ ଦେଖିବାକୁ ଗଲେ ଗତ କେତେଦିନ ଭିତରେ ସେମିତି କିଛି ମାରାତ୍ମକ ଘଟିନି ତ ?

Digitized by srujanika@gmail.com

ଗଲା କାଲି ଅବଶ୍ୟ ସାମାନ୍ୟ ଟିକେ ଖୁଟ୍‌ଖାଟ୍ ହୋଇଥିଲା ବାହାଘରର ବେଭାରଟା ନେଇ । କୋଡ଼ିଏଟା ଟଙ୍କା ମାସ ଶେଷରେ ଯଥେଷ୍ଟ ଏବଂ ତା'ଠାରୁ ବେଶୀ ପଠାଇବା ଅନାବଶ୍ୟକ ବୋଲି ହରିହର ବାବୁ ମନେ କଲେବେଳେ ସୁଭାଷିଣୀଙ୍କ ମତରେ ତାହା କେବଳ ତୁଚ୍ଛ ବା ଲଜ୍ଜାଜନକ ନୁହେଁ, ସେଇଟା ରୀତିମତ ଗୋଟେ ଅପରାଧ । କାରଣ ଗଲା ବର୍ଷ ତଳେ ତାଙ୍କର ଚତୁର୍ଥ ସନ୍ତାନ ଟିକଲ ଏକୋଇଶିଆକୁ ଗୋଲାପ ବହୁତ ବେଶି ଟଙ୍କାର ଜିନଷ ଦେଇ ନ ଥିଲା କି ?

ହରିହରବାବୁ ବିରକ୍ତ ହୋଇ କହିଥିଲେ ଯେ—

—"ତମ ଗୋଲାପଙ୍କୁ ଆମେ କିଛି ଉପହାର ଦିଅ ବୋଲି ମାଗିବାକୁ ଯାଇ ନ ଥିଲୁ । ସେଇଆ ଜାଣିଥିଲେ—ସେଗୁଡ଼ା ଜମାରୁ ନ ନେଇଥିଲେ ସବୁଠୁ ଭଲ ହୋଇ ଥାଆନ୍ତା ।" ଏଥିରେ ସୁଭାଷିଣୀଙ୍କର ରାଗିବା କଥା, ସେ ରାଗିଲେ ମଧ୍ୟ; କିନ୍ତୁ ଏଇଟା ଖୁବ୍ ମାରାତ୍ମକ ଗୋଟେ ରାଗ ବୋଲି କାହିଁ ସେତେବେଳେ ମନେ ହୋଇ ନ ଥିଲା ତ ? ହରିହର ବାବୁଙ୍କ ଚିନ୍ତାରେ ବାଧା ପଡ଼ିଲା ।

—"ବାବୁ ଚା' ଆଣିଛି ପରା, ନଅନ୍ତୁ ଥଣ୍ଡା ହୋଇଗଲା ଯେ ।"

ଭଜୁ ହାତରୁ ଚା' କପ୍ ନେଇ ହରିହର ବାବୁ ପଚାରିଲେ—

—"ହଇରେ ଭଜୁ ! ଏତେ ସକାଳୁ ମା' କ'ଣ କୁଆଡ଼େ ଗଲେ କିରେ ?"

ହରିହରବାବୁ ପାଖ ଖଟରେ ବି ସୁଭାଷିଣୀଙ୍କୁ ନ ଦେଖି ପଚାରିଲେ । କେବେ କେମିତି ସେ ଦେଖିଚନ୍ତି 'ସୁଭାଷିଣୀଙ୍କର ଉଠିବାକୁ ଡେରି ହୁଏ ।

—"ନାଇଁ ତ ବାହାରକୁ ଯିବାର ଥିଲେ ତ ରିକ୍ସା ଡାକିବାକୁ କହିଥାନ୍ତେ । କାଇଁ ତା' କହିଲେନି ତ ? କହିଲେ ଭଜୁଆ, ବାବୁଙ୍କୁ ଚା' ଦେଇଦବୁ । ଭଲକରି ଚା' କର । ମୁଁ ତ ଚା' କରି ଆଣିଛି ।" ଭଜୁ ଖାଲି ଚା' କପ୍ ପେଟ ନେଇ ଯିବାକୁ ବସିଲା ।

Digitized by srujanika@gmail.com

—"ଚା' ଟେପ ହେଉନି ମ ବେଶ୍ ଭଲ ଚା' ହେଉଛି ।" ହରିହର ବାବୁ ଜିଭର ସେଇ ପିତୁଳିଆ ସ୍ୱାଦଟା କଥା କହିଲେନି ଚିନ୍ତା କରି ।

—"କିନ୍ତୁ ମା' କୁଆଡ଼େ ଗଲେ ?" ଏତେ ବେଳ ପରେ ସେ ପୁଣି ଟିକେ ବ୍ୟସ୍ତ ହୋଇ ପଡ଼ିଲେ ।

—"ତା' ତ କହି ପାରିବନି ବାବୁ ! ମୁଁ ତ ରୋଷେଇ ଘରେ ଆଞ୍ଚ ପକେଇଲି, ପାଣି ବସେଇଲି, ଚା' କଲି ।" ଭଜୁ ତା' କାମର ତାଲିକା ଦେବା ଆରମ୍ଭ କଲା ।

—"ହଉ ଠିକ୍ ଅଛି, ତୁ ଯା' । ଜଳଖିଆଟା ଟିକେ ଜଲ୍ଦି କରି ଦେ ତ । ମୋର ଟିକେ ବାହାରିବାକୁ ଅଛି ।" ହରିହର ବାବୁ ବିଦାକଲେ ତାକୁ ।

ତେବେ ସୁଭାଷିଣୀ କୁଆଡ଼େ ଗଲା ?

ସେ ତରବର କରି ଉଠି ପଡ଼ିଲେ । ମଶାରୀଟା ଖୋଲି, ତଉଲେଇ ଆଲ୍ନାରେ ରଖିବାକୁ ଯାଇ ସେ ବିରକ୍ତ ହୋଇ ପଡ଼ିଲେ । ପ୍ରତିଦିନ ସେଇ ଏକ ପାଲା । ସେ କ'ଣ ପିଲାଏ କ'ଣ କେହି ସେଥିରୁ ଛାଡ଼ ପାଇବେନି । ସୁଭାଷିଣୀଙ୍କ କଡ଼ା ହୁକୁମ—ବିଛଣାରୁ ଉଠି ବିଛଣା ଝାଡ଼ିବା ଦାୟିତ୍ୱ ବିଛଣାରେ ଶୋଇଥିବା ପ୍ରତ୍ୟେକଙ୍କୁ ତୁଲେଇବାକୁ ହେବ । ଘରେ ତ ଚାକର ମାତ୍ର ଗୋଟିଏ । ଯେଉଁ କେତେଟା କାମ ନିଜେ କରିହେବ, ତାକୁ ହାତେ ହାତେ କରିଦେଲେ କାମଗୁଡ଼ା ସହଜରେ ହୋଇଯିବ । ପିଲାମାନେ ଉଠି ନାହାନ୍ତି । ହରିହର ବାବୁ ସୁଭାଷିଣୀଙ୍କ ଖଟକୁ ଚାହିଁଲେ ।

ବିଛଣା ଯେ କେବଳ ଖାଲି ତା' ନୁହେଁ, ସେଥିରେ ଯେ କେହି କେବେ ଶୋଇଥିଲା—ତା'ର ବି କୌଣସି ଚିହ୍ନବର୍ଣ୍ଣ ନାହିଁ ସେଥିରେ ।

ଝଡ଼ାଝଡ଼ି ହୋଇ ପରିଷ୍କାର ପରିଚ୍ଛନ୍ନ ହୋଇଛି ସେଇଟା । ଦେଖିଲେ ବୁଝିବାକୁ କଷ୍ଟ ହୁଏନି—ସେଇଟା ଯାହାର ବିଛଣା ତା'ର ପରିଚ୍ଛନ୍ନତାର ପାଗଳାମି କେତେ ବେଶି । ରାଗିଯାଇ ବିଛଣାଟା ଅଧା ଝାଡ଼ି ଫିଙ୍ଗି ଦେଲେ

Digitized by srujanika@gmail.com

ହରିହର ବାବୁ ମୋଗ୍ଲକୋଗ୍ଲ ବନ୍ଧଣୀ ଗୃଦରଟାକୁ । ଯା’ ମ—କିଏ କରୁଛି । ବାରଣ୍ଡାର ଆରାମ ଚୌକିଟାରେ ଯାଇ ବସିଲେ ସେ । ବରଂ ଗତର ଖବର କାଗଜଟା ପଢ଼ାଯାଉ । ଖବର କାଗଜଟା ବହୁ କଷ୍ଟରେ ଖୋଜି ପୁଣି ଥରେ ବସି ପଢ଼ିଲେ ସେ ।

କିନ୍ତୁ ସୁଭାଷିଣୀ କୁଆଡ଼େ ଗଲା ?

କ’ଣ ପାଖ ଆଖରେ ଆଜି କାହା ଘରକୁ ଗଲା ? ହେଲେ ଏତେ ସକାଳୁ, ଗାଧୁଆ ପାଧୁଆ, ଠାକୁର ପୂଜା, ରନ୍ଧାବଢ଼ା—ନାଁ ସେଇଟା ଠିକ୍ ନୁହେଁ । ତେବେ ?

ହରିହର ବାବୁ ବିରକ୍ତ ଭାବରେ ପୁଣି ଥରେ ଉଠିଲେ । ନାଁ— ସକାଳୁ ମଣିଷକୁ ବିରକ୍ତ ନ କଲେ, ଏଠି କାହାର ଭାତ ହଜମ ହୁଏନି । କୁହା ନାହିଁ, ବୋଲା ନାହିଁ, ଲୋକଟା କୁଆଡ଼େ ଯେ ଚାଲିଗଲା ।

ଲାଇବ୍ରେରୀ ଘରେ ଦେଖିଲେ ସେ । ସବୁ ଠିକ୍, ପ୍ରତିଟି ଜିନିଷ ଯଥା ସ୍ଥାନରେ, ଟିକେ ବୋଲି ଏପଟ ସେପଟ ହେବାର ଯୁ’ ନାହିଁ । ଠାକୁର ଘରେ ଠାକୁରମାନେ ମଧ୍ୟ ବିଧିବଦ୍ଧ, ଶୃଙ୍ଖଳାଗତ ଭାବରେ ଧାଡ଼ିକରି ବସିବା ବା ଠିଆହେବାର ବିଭିନ୍ନ ଭଙ୍ଗୀରେ ବିରାଜମାନ । ଭଣ୍ଡାର ଘରେ ଡାଲି ଆଲମାରୀଠାରୁ ଚାଉଳ ବସ୍ତା ଯାଏ—ଖୁଣି ଦେବା ଭଳି ଟିକେ ବି ଅସଜଡ଼ା ହେବା ବା ଛିଟାମାତ୍ର ଅବିନ୍ୟସ୍ତ ହେବା କୌଣସିଠାରେ ଦେଖିଲେନି ହରିହର ବାବୁ । ସବୁଠି ସବୁ ଅଛି, ସବୁ ଅଛି ନିୟମ ଶୃଙ୍ଖଳା ଭିତରେ । କେବଳ ନିୟମ ଭାଙ୍ଗିଛନ୍ତି ସୁଭାଷିଣୀ ନିଜେ । କ’ଣ ହେଲା ତାଙ୍କର, କୁଆଡ଼େ ବା ଗଲେ ସେ ?

—“ବାବୁ, ଜଳଖିଆ କ’ଣ କରିବ ? ପୁରି ତରକାରୀ କରିବି ନାଁ ପାଉଁରୁଟି ଅଣ୍ଡା ?” ଭଜୁର ଡାକରେ ଧ୍ୟାନ ଭାଙ୍ଗିଲା ତାଙ୍କର ।

ସତ କଥା ତ ଭଣ୍ଡାର ଘରୁ ଜିନିଷ ପତ୍ର ବି ବାହାର କରି ନାହାନ୍ତି ସୁଭାଷିଣୀ । ଏମିତି କେବେ ହେବା କଥା ତାଙ୍କର କାହିଁ ମନେ ପଡ଼ୁନି ତ ? ଭାରି ମୁସ୍କିଲ ।

Digitized by srujanika@gmail.com

—"ଯାହାହେଲେ କିଛି ଗୋଟେ କର । ଦେଖ୍, ପିଲାଏ ଉଠିଲେଣି କି ନାହିଁ । ସେମାନଙ୍କୁ ଦୁଧ ପିଇବାକୁ ଦେଇ ଦେ ।" ହରିହର ବାବୁ କେମିତି ନିରୁପାୟ ହୋଇ ପଡ଼ିଥିଲେ ଯେମିତି ।

ଆଶ୍ଚର୍ଯ୍ୟ !

ମଣିଷଟା କ'ଣ କୁଆଡ଼େ ହଜିଯାଇ ଗଲା ? କେଉଁଠେ ଦାୟିତ୍ୱହୀନ ସତେ ? ସକାଳୁ କୁଆଡ଼େ ବା ଗଲା ? ଜଳଖିଆ କ'ଣ ହବ, ପିଲେ କ'ଣ ଖାଇବେ—ସେଗୁଡ଼ାକ ସେ କ'ଣ ବା ଜାଣନ୍ତି ? କେବେ ସେ କଥା ଚିନ୍ତା ବି କରି ନାହାନ୍ତି ସେ । ନିଜ ଖାଇବାଟା, ନିଜର ଦରକାରୀ କାମଗୁଡ଼ା ଠିକ୍ ସମୟରେ ହୋଇଗଲେ ହରିହରବାବୁଙ୍କର ମନେ ପଡ଼ିଲା ଅନ୍ୟ କୌଣସି କଥା, ଅନ୍ୟ କାହା କଥା ସେ କେବେ ଚିନ୍ତାକରି ନାହାନ୍ତି । ନିଜର ମନୋଭାବ ସପକ୍ଷରେ ଯୁକ୍ତି ବାଢ଼ିବାକୁ ଯାଇ, ସେ ଚିନ୍ତା କରୁଥିଲେ କେମିତି ବା ସେ ସବୁ ପାରନ୍ତେ ସେ ?

ସେ ହେଲେ ପୁରୁଷ ଲୋକ ।

ଟଙ୍କା ରୋଜଗାର କରିବା, ସାମାଜିକ ମର୍ଯ୍ୟାଦା ରକ୍ଷା କରିବା, ବନ୍ଧୁବାନ୍ଧବଙ୍କ ସହିତ ସୁସମ୍ପର୍କ ରଖିବା—ଏଇଗୁଡ଼ାକ କରିବା ପରେ ଅନ୍ୟ କିଛି କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇନି । ସୁତରାଂ—

କାନରେ ହଠାତ୍ ସୁନ୍ଦର ଗୋଟେ ଶବ୍ଦ ବାଜି ସେ ନିଜ ଚିନ୍ତାର ସୂତ୍ର ହରେଇଲେ ।

କୋଇଲିଟାଏ ବୋବାଉଚି । ପୁଣି ଥରେ ଶୁଭିଲା ଶବ୍ଦଟା । ସତେ କି ମିଠା ଶୁଭେ ! ସାମାନ୍ୟ ଚଢ଼େଇଟା, ବିନା ପରିଶ୍ରମରେ, ବିନା ଚେଷ୍ଟାରେ ଏତେ ଚମତ୍କାର ଗାଇ ପାରୁଚି । ନା—ଗାଉନି କମ୍ଭା ଯଦି ବା ଗାଉଚି ଅନ୍ୟ କାହା ପାଇଁ ଗାଉନି । ଗାଉଚି ନିଜ ପାଇଁ ବା ନିଜର ସାଥୀ ପାଇଁ । ହରିହର ବାବୁ ପଡ଼ୋଶୀ ଘରର ଆମ୍ବଗଛଟାକୁ ଖୁଣ୍ଟି ଖୁଣ୍ଟି ଦେଖୁଥିଲେ । ଗଛଟା ଯୋଗୁଁ ତାଙ୍କ ଅଗଣାଟା ଅନ୍ଧାରିଆ, ଅନ୍ଧାରୁଆ ହୋଇ ଯାଉଚି ବୋଲି କେତେ ଥର ଆଗରୁ ବିରକ୍ତ ହୋଇଚନ୍ତି ସେ । ଅଥଚ ସେଇ ଆମ୍ବ ଗଛଟାରେ ଏଇକ୍ଷଣି ଆଉ ପତ୍ର ଦିଶୁନି । ଗଛଟା ଭର୍ତ୍ତି ହୋଇ ଯାଇଚି ବଉଳରେ ।

Digitized by srujanika@gmail.com

ନାକରେ ଗୋଟେ ମିଠା ଗନ୍ଧ ବି ବାଜୁଥିଲା—ଏତେ ଅସ୍ପଷ୍ଟ ଯେ ଆଗରୁ ସେ ଲକ୍ଷ୍ୟ କରି ନ ଥିଲେ । ନୂଆ ଗନ୍ଧ ମନେ—ନଢ଼ବଡ଼ନଆ କୌଣସି ଗନ୍ଧ ସାଙ୍ଗରେ ମିଶୁନି ସେ । ବୋଧେ ସେଇଟା ଏଇ ବଉଳର ଗନ୍ଧ । ଆମ୍ବଗଛର ବଉଳ—ମନେ ପଡ଼ିଗଲା ତାଙ୍କର ପିଲା ଦିନର କଥା । ବଉଳ ଖୋଇ ଜଣଙ୍କ ସାଙ୍ଗରେ ବନ୍ଧୁଳ ବସିଥିଲେ ସେ । ପରେ ଅନେକ ଥର ସେଥିପାଇଁ ଲଜ୍ଜିତ ହେଉଥିଲେ ସେ । କାରଣ ଯାହା ସାଙ୍ଗେ ବଉଳ ବସିଥିଲେ, ସେ ହେଲା ପଡ଼ୋଶୀ ଘରର ଝିଅ ଚମ୍ପୀ ! ତାଙ୍କୁ ବଉଳ ଡାକିବାରେ ବାଧା କିଛି ନ ଥିଲା; କିନ୍ତୁ ଚମ୍ପୀ ଯୋଉଦିନ ସ୍କୁଲ ଫେରନ୍ତି ତାଙ୍କ ସାଙ୍ଗମାନଙ୍କ ଆଗରେ ତାଙ୍କୁ ବଉଳ ବୋଲି ଡାକିଦେଲା—ସେଇଦିନୁ ବିରକ୍ତ ହୋଇ ସେ ଚମ୍ପୀ ସାଙ୍ଗେ କଥାବାର୍ତ୍ତା ବନ୍ଦ କଲେ । ଏଇକ୍ଷଣି ମନେ ପଡ଼ି ହସ ମାଡୁଛି ।

ଟକ୍ ଟକ୍ ଶବ୍ଦରେ ବନ୍ଦ ବନ୍ଦ ହୋଇ ଆମ୍ବ ଗଛଟାରୁ କ'ଣ ଯେମିତି ଝରି ପଡ଼ିବାର ଦେଖିଲେ ସେ । ବଉଳରେ କ'ଣ ଫୁଲ ରେଣୁ ଥାଏ—ନାଁ ମହୁ ଥାଏ ? ଗ୍ରେଟ ପିଲାଙ୍କ ଭଳି ନାନା ପ୍ରଶ୍ନରେ ଭରିଗଲା ତାଙ୍କ ମନ ।

—"ବାପା—ବୋଉ କାହିଁ ? ମୋ ଦାନ୍ତଘଷା ବ୍ରସ୍ ଖୋଜି ଖୋଜି କମାରୁ ପାଉନି ।" ଗ୍ରେଟ ପୁଅ ଟୁନୁ ଆସି ଫେରାଦ୍ ହେଲା ।

—"ବୋଉ ଏତେ ସକାଳୁ କୁଆଡ଼େ ଗଲା ଯେ ? ମୋର ଜାମା-ପେଣ୍ଟଗୁଡ଼ା ସବୁ କୋଉଠି ରଖି ଦେଇଛି—ଘଣ୍ଟେ ହେଲେ ଖୋଜି ପାଉନି ମୁଁ ।" ବଡ଼ ପୁଅ ବୁଲୁ ବିରକ୍ତି ପ୍ରକାଶ କଲା ।

—"ମୋର ଶବନ କ୍ଲିପ୍ କାଲି ରାତିରେ ଖୋଲି କୋଉଠି ଯେ ବୋଉ ରଖିଲା, ଘଣ୍ଟାଏ ହେଲାଣି ଖୋଜି ଖୋଜି ଥକିଲିଣି—ତଥାପି ପାଉନି ।" ଝିଅ ସୁମୀ କାନ୍ଦିବାର ପୂର୍ବ ଅବସ୍ଥାରେ ପହଞ୍ଚି ସାରିଥିଲା ।

—"ମୁଁ କାଲି ବୋଉକୁ କହିଥିଲି—ଦୁଧରେ ବେଶି ଚିନି ନ ଦେଲେ ପିଇବିନି ବୋଲି । ଦେଖିଲ ବାପା ! ଭଜଆ କେମିତି ଚିନି ଆଉ

Digitized by srujanika@gmail.com

ଦଉନ । ବୋଉ ତାଙ୍କୁ କହୁ କହୁନ । କୁଆଡ଼େ ଯେ ଯାଇଚ ସକାଳୁ ।" ଟିକିଲି ଗାଁତମତ କାନ୍ଦିବାକୁ ଆରମ୍ଭ କରି ଦେଇଥିଲା ।

କାବ୍‌ବା ହୋଇଗଲେ ହରିହର ବାବୁ ।

ମୁଣ୍ଡ ଝାଳ ତୁଣ୍ଡରେ ମାରି ଟଙ୍କା ରୋଜଗାର କରନ୍ତି ସେ । ନିଜ ଅଜାଣତରେ ମନ ଭିତରେ ସେ କଥା ନେଇ ବେଶ୍ କିଛିଟା ଗର୍ବ ଥିଲା ତାଙ୍କର । ଶିକ୍ଷିତ, ସଭ୍ୟ ମଣିଷ ହୋଇଥିବାରୁ ନିଜ ମନ କଥା ପ୍ରକାଶ କରିବା ଅଧିକାଂଶ କ୍ଷେତ୍ରରେ ଅନାବଶ୍ୟକ ଥିଲା । କେବଳ କେବେ କେମିତି ସୁଭାଷିଣୀଙ୍କ ଉପରେ ବିରକ୍ତ ହେଲେ, ତାଙ୍କ ମନରେ ବିବାଦାସ୍ପଦ ସେଇ ଚିନ୍ତାଗୁଡ଼ା ଆସୁଥିଲା । ଖରା ନାହିଁ ତରା ନାହିଁ—ରାତି ନାହିଁ ଦିନ ନାହିଁ—ଭଦ୍ର ଭାବରେ ଦି'ପଇସା ରୋଜଗାର କରିବାକୁ କି କଷ୍ଟ କରିବାକୁ ନ ହେଉଛି ତାଙ୍କୁ ? ଅଥଚ ଘରେ ବସି, ଆରାମରେ ଜୀବନ ବିତାଇ ମଧ୍ୟ ସୁଭାଷିଣୀ ବ୍ୟସ୍ତ, ବିରକ୍ତ ଓ ବିବ୍ରତ ।

—"ଜଳଖିଆ ହେଇ ଗଲା ବାବୁ ।" ଭଜୁଆ ଏ ମଧ୍ୟରେ କେତେବେଳେ ଆସି ପିଲାଙ୍କ ଗୋଳମାଳ ସାଙ୍ଗରେ ନିଜେ ଯୋଗ ଦେଇଛି ।

—"ଆହା—ଯୋଉ ଜଳଖିଆ ତ କରିଚ, ପରଠା କରିଚ ଯେ—ଧାରଗୁଡ଼ା ସବୁ କଞ୍ଚା ।" ବିରକ୍ତି ପ୍ରକାଶ କଲା ଟୁନୁ ।

—"ତରକାରୀକୁ କରେଇରେ କରିଚ ଯେ—ସେ ହେଇଚି ତ୍ରିପଣ୍ଡ କଳା, ଦେଖିଲେ ଫିଙ୍ଗିବାକୁ ମନ ହେବ ।" ଗମ୍ଭୀର ଭାବରେ ମତ ଦେଲା ବୁଲୁ ।

—"ଅଣ୍ଡା ପୋଚ୍ କରୁ କରୁ ସବୁ ଗୁଡ଼ା ଫଟେଇ, ଘାଣ୍ଟି ଦେଇଚ । ବାପା—ଜନ୍ମରୁ ଖାଇ ହବନି ।" ସୁମୀର ବିରକ୍ତି ଚରମରେ ପହଞ୍ଚି ସାରିଥିଲା ।

—"ବୋଉ ନ ଖୋଇ ଦେଲେ, ମୁଁ ଖାଇ ପାରିବନି ।" ଟିକିଲି ମୁହଁ ଫୁଲେଇ ବସିଥିଲା ।

Digitized by srujanika@gmail.com

—"ମା'ଙ୍କୁ ନ ଦେଖିଲେ—ଏ ପିଲାଏ ସବୁ ହଜାର ପ୍ରକାର ଗୋଳମାଳ ବାହାର କରିବେ।" ସବୁ ଅଭିଯୋଗର କାରଣ ସମ୍ପର୍କରେ ମତ ପ୍ରକାଶ କଲା ଭଜୁଆ।

—ଠିକ୍ ଅଛୁ—ଆସିଲା ଟିକିଲି, ଏଇଟି ବ'—ମୁଁ ଖୋଇଦେଇ ଛିଡ।" ସରିଡିକ ସ୍ବରର କଥା କେତେଟା ଶୁଣି ଏତେବେଳ ପରେ ସତକୁ ସତ ଚମକ ପଡ଼ିଲେ ହରିହର ବାବୁ। କେତେବେଳେ ଯେ ସୁଭାଷିଣୀ ଆସି ପାଖରେ ଠିଆ ହୋଇଗଲେ—ତାଙ୍କର କଥା ଭାବୁ ଭାବୁ ଆଦୌ ଲକ୍ଷ୍ୟ କରି ନାହାନ୍ତି ସେ। ମନେହେଲା ଜୀବନରେ ଏତେ ଅଶ୍ୱସ୍ତି କେବେ ଅନୁଭବ କରି ନାହାନ୍ତି ସେ।

—"ତୁ ବଡ଼ ପିଲାଟିଏ ହେଲୁଣି ଯେ ବୁଲୁ, କେମିତି ସୁରୁଖୁରୁରେ ଜଳଖିଆ ଖାଇ ସାର ପାଠ ପଢ଼ିବାକୁ ବସିବୁ ତା' ନ କରି; ତୁ ବି ଆରମ୍ଭ କରି ଦେଲୁ ଗୋଳମାଳ—ନେ ଶୀଘ୍ର ଖାଇ ନେ ସାର୍ ଆସିବା ସମୟ ହୋଇ ଗଲାଣି।" ସୁଭାଷିଣୀ ବୁଲୁ ହାତକୁ ଜଳଖିଆ ଥାଳିଆ ବଢ଼େଇ ଦେଲେ।

—"ସରିଟା ମୁଁ ତତେ ବାଣ୍ଟି ବାଣ୍ଟି ଦେଉଛି, ଜଲଦି ଖାଆ ଟେନ୍ସ। କହୁଥିଲୁ ସବୁ କ'ଣ ପ୍ରଦର୍ଶନୀ ଦେଖିବାକୁ ଯିବୁ। ଡେରି ତ କଲୁଣି, ଆଉ ଯିବୁ କେତେବେଳେ ? ନେ ଶୀଘ୍ର ଖାଆ।" ଟେନ୍ସୁ ବି ଜଳଖିଆ ଥାଳିଆ ନେଇ ବସିଲା।

—"ପେଟଟା ଫାଟିଗଲେ ତା'ର ଖାଦ୍ୟସାର ଆଦୌ ନଷ୍ଟ ହବନି। ବରଂ ଅଣ୍ଡା ହୋଇଗଲେ ଆଉ ଭଲ ଲାଗିବନି ଖାଇବାକୁ।" ଯୋଡ଼୍ ଦେଇ ସୁମୀର ପ୍ଲେଟ୍ ବଢ଼େଇ ଦେଲେ ସେ।

—"ଜାଣିଚୁ ବୋଉ ? ସବୁ ଗୋଳମାଳର ମୂଳ ହେଲା ତୁ। ଏତେ ସକାଳୁ କାହାରିକୁ କିଛି ନ କହି କୁଆଡେ ଯେ ଲୁଚି ଲୁଚି ଚାଲିଗଲୁ ତୁ।" ଟିକିଲି ଖୋଜ ଖୋଜ କହିଲା ସବୁରି ମନକଥା।

—"ମୁଁ ତ ଭାବିଲି ତୁ ଆଉ ଜମାରୁ ଆସିବୁନି।" ଟିକିଲିର ଆଖି ଛଳ ଛଳ କରୁଥିଲା।

Digitized by srujanika@gmail.com

—"ବାପ୍ୟାଣୀ, କୁଆଡ଼େ ଯିବ ମୁଁ ?" ହସି ପକାଇଲେ ସୁଭାଷିଣୀ । ଏକ ଲୟରେ ତାଙ୍କ ମୁହଁକୁ ଚାହିଁଥିବା ହରିହର ବାବୁ ବି ହସି ପକେଇଲେ ନିଜ ଅଜାଣତରେ; କିନ୍ତୁ ଗୋଟିଏ କଥା ସେ ଜମାରୁ ବୁଝି ପାରୁ ନ ଥିଲେ ଯୋଉ ସୁଭାଷିଣୀ ସକାଳୁ ଦିନ୍ ଆରମ୍ଭ କରନ୍ତି ବିରକ୍ତି ବା ଅଭିଯୋଗ ଜଣାଇ, ଯୋଉ ସୁଭାଷିଣୀଙ୍କୁ ଦିନର ଆରମ୍ଭରୁ ଅନ୍ତତଃ କେବେ ହସିବାର ସେ ଦେଖି ନାହାନ୍ତି—ସେ ଆଜି ହସୁଛନ୍ତି କେମିତି ? କ'ଣ ହୋଇଛି ତାଙ୍କର ?

—"କୁଆଡ଼େ ଯାଇଥିଲ ଶୁଣେ ?" ଗଳାଟାକୁ ଯଥାସମ୍ଭବ ନିର୍ବିକାର କରି ହରିହର ବାବୁ ପଚାରିଲେ—

—"କୁଆଡ଼େ ନାହିଁ । ସକାଳୁ ଗରମ କଲା ଯେ, ଯାଇଥିଲି ଛାତ ଉପରକୁ ।"

ପିଲାମାନେ ଖାଇସାରି ଯେ ଯାହାର କାମରେ ଚାଲି ଯାଇଥିଲେ । ହରିହର ବାବୁ ଜଳଖିଆ ଖାଇ ସାରି ଚିରାଚରିତ ନିୟମରେ, ସୁଭାଷିଣୀଙ୍କ ଖୋଜା ଗେଞ୍ଜି ପ୍ରଭୃତି ଓ ତାଙ୍କ ନିର୍ବାଚିତ ଜାମା ପ୍ୟାଣ୍ଟ୍ ପିନ୍ଧିବାକୁ ଯାଇ ପୁଣି ଥରେ ପଚାରିଲେ ।

—"ମନଟା ଭାରି ଖୁସି ଥିଲା ଭଳି ଜଣା ପଡୁଛି । କୁଆଡ଼େ ଯାଇଥିଲ ?" ସାର୍ଟ ସାଙ୍ଗରେ ସୁଭାଷିଣୀଙ୍କ ହାତ ବି ତାଙ୍କ ହାତରେ ଥିଲା ।

—"ଛାତ ଉପରେ ବସି ଦେଖୁଥିଲି—ସକାଳ ହେଲା । ଆମ୍ବ ଗଛଟା ଦେଖିଛ ? ଆଜି କୋଇଲି— ?" ସୁଭାଷିଣୀ ସାର୍ଟର ବୋତାମ ବନ୍ଦ କରିଦେଲେ । ହରିହର ବାବୁ ତାଙ୍କ ବେଣୀଟା ଧରି ଟିକେ ଟାଣି ଦେଇ ବାହାରି ଗଲେ ।

ଆଶ୍ଚର୍ଯ୍ୟ !

ମଣିଷ ମନ କେତେବେଳେ କୋଉ କଥାରେ ହଠାତ୍ ଖୁସି ବା ବିରକ୍ତ ହୋଇଯାଏ ଜାଣିବାର କଷ୍ଟକର । ସେ ଗୁଣୁଗୁଣୁ କରି ଗୀତ ଗାଉଥିଲେ; କିନ୍ତୁ କାହିଁକି ଗାଉଥିଲେ—ପଚାରିଲେ କହିବା କଷ୍ଟକର ହୋଇଥାନ୍ତା ।

Digitized by srujanika@gmail.com

ମନର ଆଖିରେ

ସେତେ ସକାଳୁ ଉଠିବାଟା କୌଣସି କାଳେ ତାଙ୍କର ଅନୁମୋଦିତ ନୁହେଁ, ତା' ସତ୍ତ୍ୱେ ବି ସେଦିନ ଉଠିବାକୁ ହେଲା ଖୁବ୍ ଭୋରରୁ । ଅତି ବିରକ୍ତ ମିଜାଜ୍‌ଟାକୁ ଠିକେ ମୋଲାଏମ୍ କରିବାକୁ ଚେଷ୍ଟା କଲେ ସେ । ଯେତେବେଳେ ଦେଖିଲେ ଯେ ତାଙ୍କର ସ୍ତ୍ରୀ ମଧ୍ୟ ଉଠି ସାରିଚନ୍ତି, ଆଉ ନିଜ ହାତରେ ମୁଣ୍ଡ ପାଖରେ ଆଣି ଥୋଇଚନ୍ତି—ଧୂମାୟିତ, ଲୋଭନୀୟ ଗୋଟେ କପ୍ ଚା' ।

ଗୁଡ୍ — ।

ବ୍ୟାପାରଟା ଯେତେବେଳେ କରିବାକୁ ସ୍ଥିର କରିଚନ୍ତି ବରଂ କରି ଦିଆଯାଉ । ସେ ଆରାମ କରି ବସି ଚା' ଖାଇବାରେ ମନ ଦେଲେ; କିନ୍ତୁ ମନ ଭିତରର ବିରକ୍ତି ଯୋଗୁଁ ତା' ସମ୍ଭବ ହେଲାନି । ନାଁ—ସେ ବିରକ୍ତି ପାଇଁ ଚା'ଟାକୁ ଦାୟୀ କରାଯାଇ ପାରିବନି । ବରଂ ଚା'ଟା ଭଲ ହୋଇଚି । ଅନ୍ୟ ଯେ କୌଣସି ଦିନ ବା ସାଧାରଣ ଅବସ୍ଥା ହୋଇଥିଲେ, ସେ ଏଥିପାଇଁ ଘରଣୀଙ୍କୁ ତାରିଫ୍ କରି ପାରିଥାନ୍ତେ । ଆଜି କିନ୍ତୁ ନୁହେଁ—କଥାଟା ପୁଣି ମନେ ପଡ଼ିଯାଇ ମନ ଭିତରଟା ଭରିଗଲା ଗଭୀର ଆଶ୍ୱସ୍ତିରେ ।

ଖୁବ୍ ଧୀରେ ସୁସ୍ଥେ ଲୁଗାପଟା ବଦଳେଇଲେ ସେ । ଆଉରି ଧୀରେ ବଦଳେଇଲେ ଯୋତାଟା । କିଛି ସମୟ ନେଲେ ଇତସ୍ତତଃ କରିବାରେ ସକାଳର ବାକି ନିତ୍ୟକର୍ମଗୁଡ଼ା ସାରିଦେଇ ପାରିଥିଲେ ବୋଧେ ଭଲ ହୋଇଥାନ୍ତା । ଯଦି କୋଉଠି ଅଟକି ଯାଆନ୍ତି କିମ୍ବା ଯଦି ଡେରି

Digitized by srujanika@gmail.com

ହୋଇଯାଏ ? ନାଁ—ଉତ୍ତର ହେବନି, ଉତ୍ତର ହେବାକୁ ଦେବେନି ସେ । ଆଠଟା ବେଳେ ଜଣକୁ ଦେଖା କରିବାକୁ ସମୟ ଦେଇଚନ୍ତି ସେ ।

ବାଡ଼ିଟା ନେବେ କି ନାହିଁ ?

ସକାଳ ଆଲୁଅ ହେଉଛି । ବାହାରଟା ଅବଶ୍ୟ ଫରଚ୍ଛ ହୋଇ ଆସିଲାଣି । ତଥାପି ବିପଦ ଆପଦ, କିଛି ନ ହେଲେ ସାପଟେ କି ମୂଷାଟେ—ବାଡ଼ିଟା ନେବାକୁ ଶେଷ ପର୍ଯ୍ୟନ୍ତ ସ୍ଥିର କଲେ ସେ । ଏଇଥର ବାହାରି ପଡ଼ିବାକୁ ହେବ, ସେ ବାହାରି ପଡ଼ିଲେ ।

ଦଶରଥ ବାବୁଙ୍କର ଏଇ ପ୍ରସ୍ତୁତିର ବର୍ଣ୍ଣନା ପଢ଼ି କେହି ଯେମିତି ମନେ ନ କରନ୍ତି ଯେ, ସେ ବାହାରିଚନ୍ତି ଦିଗ୍‌ବିଜୟରେ । ତାଙ୍କର ଏ ଯାତ୍ରା ଆଜି କାଲିର ନୂଆ ଫେସନ୍‌ର ଭ୍ରମଣ ଦର୍ଶନ ବି ନୁହେଁ । ଏଇଟା ତାଙ୍କର ବନ୍ଧୁ ହିତାକାଂକ୍ଷୀଙ୍କ ପରାମର୍ଶ, ଘରଣୀଙ୍କ ବିବାଦ ଆଉ ନିଜ ପାଇଁ ନିଜେ ଠିକ୍ କରିଥିବା ଉପକାରୀ ଗୋଟିଏ କାମ । ସେ ଖୁଲୁ ଗୁଲୁ ଭାବୁଥିଲେ—ଦୁନିଆରେ ଏତେ ଲୋକ ଅଛନ୍ତି, କାହାର ତ ଏମିତି ହଉନି ? ସେ ଏବେ କି ଦୋଷ କଲେ ? ସବୁ ପରାମର୍ଶ, ବିବାଦ୍ ତାଙ୍କରି ପାଇଁ । ମନର ଅଶାନ୍ତି ତାଙ୍କ ଗୋଡ଼ର ଗତି ବଢ଼େଇ ଦେଲା । ସେ ଡଗ୍‌ଡଗ୍ କରି ବେଶ୍ କେତେ ପାହୁଣ୍ଡ ଆଗେଇ ଗଲେ ।

ହୁଁ—ସମସ୍ତେ ତାଙ୍କୁ କ'ଣ ମନେ କରିଚନ୍ତି ?

ଅତୀତରେ ଏକାଦିକ୍ରମେ ପାଞ୍ଚ ସେଟ୍ ଟେନିସ୍ ଖେଳିବା ଲୋକ ସେ । ଶାରୀରିକ ପରିଶ୍ରମର ଅଭିଜ୍ଞତା ତାଙ୍କର ବି ଅଛି । ଓଜନ ବଢ଼ି, ରକ୍ତଚାପକୁ ବଢ଼େଇଥିଲେ ବି ବର୍ତ୍ତମାନ ମଧ୍ୟ ଦେହରେ ତାଙ୍କର ଯଥେଷ୍ଟ ବଳ ଅଛି । କଥା ଟା ଭାବିସାରି ମନଟାକୁ କିଛିଟା ଆଶ୍ୱସ୍ତ କରିବା ପରେ ପରେ କିନ୍ତୁ ମନେହେଲା ସତେ ଯେମିତି ଗୋଡ଼ ଦି'ଟା ଦୁର୍ବଳ ହୋଇ ପଡ଼ିଲେଣି ଅବା ହଠାତ୍ ବଢ଼ିଗଲା ଦେହର ଓଜନ । ନାଁ—ପାଞ୍ଚ ସେଟ୍ ଟେନିସ୍ ଖେଳିବା ଦିନ ଆଉ ନାହିଁ, କି ଆଉ ନାହିଁ ତାଙ୍କ ଦେହରେ ଆଗର ସେ ଜୋର୍ । ବୟସ ବଢ଼ିଚି—କ୍ରମଶଃ ବଢ଼ିଚି ଦେହ ଅପେକ୍ଷା ମନର ପରିଶ୍ରମ । ତା' ଫଳରେ ମନର ଶକ୍ତି ବଢ଼ିଚି କି ନାହିଁ ଜାଣିବା ସହଜ

Digitized by srujanika@gmail.com

ନ ହୋଇଲ ବ, ଦେହର ଶକ୍ତି ଯେ ନଷ୍ଟପ୍ରାୟ କମିଚ—ତା' ଢନର ଆଲୁଅ ଭଳି ପରିଷ୍କାର । ଅବଶ୍ୟ ମନର ପରିବର୍ତ୍ତନ ବ ହୋଇଚ ।

ଆଉ ସେ କାଳରେ ବ ଟେନିସ୍ ଖେଳିବାର ଏକମାତ୍ର ଉଦ୍ଦେଶ୍ୟ ବ୍ୟାୟାମ ନ ଥିଲା—କଥାଟା ମନେପଡ଼ି ହସ ମାଡ଼ିଲା ତାଙ୍କୁ । ଆଜି ଆଉ କଳ୍ପନାରେ ବାଧାନାହିଁ ଯେ ତାଙ୍କର ସେଦିନର ଖେଳ ପ୍ରତି ଆଗ୍ରହର କେତେ ଭାଗ ବ୍ୟାୟାମ ଲାଗି, ଆଉ କେତେ ଭାଗ ଧଳା ଟେନିସ୍ ଡ୍ରେସ୍‌ରେ ଫିଟ୍‌ଫାଟ୍ ଅଲଗା ଆଉ ଅସାଧାରଣ ଦେଖାଯିବାର ଇଚ୍ଛା ଲାଗି—ତା'ର ଭାଗମାପ ଠିକ୍ କରିବା କଷ୍ଟକର ।

ତା'ପରେ—ଧର ଯଦି କଲେଜର ଲେଡ଼ିଜ୍ କମନ୍ ରୁମ୍‌ଟା ଟେନିସ୍‌କୋର୍ଟ୍‌ର ଠିକ୍ ସାମ୍ନାରେ ନ ହୋଇଥା'ନ୍ତା, ତା'ହେଲେ ବ କ'ଣ ଖେଳିବାର ଏତେ ଆଗ୍ରହ ହୋଇଥା'ନ୍ତା ତାଙ୍କର ? ବହୁ ବର୍ଷ ତଳର ସେ ଆବେଗ, ମନର ସେ ଅବସ୍ଥା କଥା ମନେ ପଡ଼ିଯାଇ ପୁଣି ହସି ପକେଇଲେ ଦଶରଥ ବାବୁ ।

—"କ'ଣ ଆଜ୍ଞା ? ଏତେ ଭୋର୍ ରୁ କୁଆଡ଼େ ?"

କିଛି ଦୂରରୁ ହେଲେ ବ କଥା କେତେଟା ବେଶ୍ ସ୍ପଷ୍ଟ ଶୁଭିଲା—ବୋଧେ ବୃଦ୍ଧଆଡ଼ୁ ନିଃଶବ୍ଦ ବୋଲି । ଦଶରଥ ବାବୁ ବୁଲିଲେ ସେଇ ଆଡ଼କୁ । ନନ୍ଦକୁଳର ରାସ୍ତାରେ ଆସି ପହଞ୍ଚି ସାରିଥିବା କଥା ସେତିକବେଳେ ସେ ପ୍ରଥମ ଥର ପାଇଁ ଲକ୍ଷ୍ୟ କଲେ ।

ଆଉ ଲକ୍ଷ୍ୟ କଲେ ଯେ ନଈ ବନ୍ଧର ଗୋଟେ ଦରଭଙ୍ଗା ବେଞ୍ଚ ଉପରେ ଅଜିଜ ବେଶ୍ ଆରାମ କରି ବସିଚନ୍ତି ତାଙ୍କ ପରିଚିତ ରତିକାନ୍ତ ବାବୁ । ପ୍ରଥମେ ଭାବିଲେ ନାଟକୀୟ ଭାବରେ ସେ ବ ପଚାରିବେ—"ମୁଁ ଯଦି ଠିକ୍ ସେଇ ପ୍ରଶ୍ନ ଆପଣଙ୍କୁ କରେ ?"

ନାଁ—କଥାଗୁଡ଼ା ପିଲାଳିଆ ଶୁଭିବ । ତଥାପି ତାଙ୍କ ମନର କୌତୂହଳ ଯାଇ ନ ଥିଲା ।

Digitized by srujanika@gmail.com

ରତିକାନ୍ତ ବାବୁ କି କ'ଣ ତାଙ୍କର ଭଲ ଘରଣୀଙ୍କ ତାଗିଦ୍, ହିତାକାଂକ୍ଷୀଙ୍କ ଉପଦେଶ ପାଳନ କରିବାକୁ ବାହାରିଛନ୍ତି ? ତାଙ୍କର ଭଲ ଅଭୂତ, କିମ୍ବା କେଉଁ ଉଦ୍ଦେଶ୍ୟ ନେଇ—ଏଇ ଅବାସ୍ତବ ସମୟରେ ? ଆଜି ସେ କି ପଥଶ୍ରମରେ ଶ୍ରାନ୍ତ ହୋଇ ବିଶ୍ରାମ ନେଉଛନ୍ତି ତାଙ୍କରି ଭଳି ?

—"ନାଁ ।—ଏମିତି ବୁଲି ବାହାରିଛି । ଆପଣ ?"

ଅତି ଭଦ୍ର ତାଙ୍କର ଏଇ କଥା କେତୋଟାରେ, କେତେକ ପରିମାଣରେ ତାଙ୍କ ମନର କୌତୂହଳ ଫୁଟିଲା ସତ ଆଶା କରିପାରି ରତିକାନ୍ତ ବାବୁ ଲକ୍ଷ୍ୟ କରି ନାହାନ୍ତି ତାଙ୍କର ଏଇ ପିଲାଳିଆ କୌତୂହଳକୁ ।

—"ନାଇଁ ଆଜ୍ଞା, ବୁଲି ବାହାରିବା ଭଳି ସୌଭାଗ୍ୟ ଆମ ଭଳି ଲୋକଙ୍କର କୋଉଠି ହୁଏ ? ତା' ଛଡ଼ା ମୁଁ ତ ଏଠି ଆସି ବସିଥିଲି ପ୍ରାୟ ଦି' ଘଣ୍ଟା ହେଲା । ସେତେବେଳେ ନିଶା ଗର୍ଜୁଥିଲା ।"

ରତିକାନ୍ତ ବାବୁ ଅଧ ରାତିରେ ଉଠି ପାରିବା ଭଳି କାମ କରିଥିବାର ଗାରିମା ଦେଖାଉ ନାହାନ୍ତି ତ ? ଠିକ୍ ବୁଝିପାରିଲେନି ସେ । ଟିକେ ବସାଯାଉ । ଟିକେ ବସିବାରେ କିଛି ବାଧା ନାହିଁ । ନଈ କୂଳର ଖୋଲା ପବନଟା ବି ତ ଦେହ ପକ୍ଷରେ ଉପକାରୀ—ଅବଶ୍ୟ ତା' ସହିତ ମିଶି ଅନ୍ୟାନ୍ୟ କିଛି, ଏଇ ଯେମିତି ଜଣାଅଜଣା ଗନ୍ଧ ଦୁର୍ଗନ୍ଧ ! ସେ ସମ୍ପର୍କରେ ସେତେ ନିଶ୍ଚିତ ହୋଇପାରି ନ ଥିଲେ ଦଶରଥ ବାବୁ । ତା' ହେଲେ ବି ସେ ବସି ପଡ଼ିଲେ ରତିକାନ୍ତ ବାବୁଙ୍କ ପାଖରେ । ତାଙ୍କୁ ଲାଗିଲା ସତେ ଯେମିତି ଆଶ୍ୱସ୍ତ ହୋଇ ତାଙ୍କର କ୍ଳାନ୍ତ ଗୋଡ଼ ଦି'ଟା ବି ତାଙ୍କୁ ଧନ୍ୟବାଦ ଦେଉଛନ୍ତି ।

—"ଆଜି ବୁଝିଲି ମଣିଷ ଆତ୍ମହତ୍ୟା କରିବାର ନିଷ୍ପତ୍ତି କି ଅବସ୍ଥାରେ ପଡ଼ିଲେ ନିଏ ଯାହା କରି ପାରିଥାଆନ୍ତି—ମୁଁ ବି ଆଜି ଆତ୍ମହତ୍ୟା କରିଥାଆନ୍ତି ।" ଅନ୍ୟମନସ୍କ ରତିକାନ୍ତ ବାବୁ କହିଲେ ।

ଆଉ ନିଜର ସବୁ ଭାବନା ଭୁଲି କାବ୍‌କା ହୋଇ ଦଶରଥ ବାବୁ ତାଙ୍କୁ ଚାହିଁ ରହିଥିଲେ । ଅଭୂତ ସକାଳୁ ବୁଲି ବାହାରିଲେ ଯେ ଏମିତି କଥା ଦେଖିହେବ, ଶୁଣିବାକୁ ମିଳିବ ଏମିତି ରହସ୍ୟମୟ ସମ୍ବାଦ, ସେ କଥା ଏବେ କିଏ ଅନୁମାନ କରନ୍ତା ?

Digitized by srujanika@gmail.com

—"ମନେ ହେଉଚ—କୌଣସି କାରଣରୁ ଆପଣ ଖୁବ୍ କ୍ଷୁଣ୍ଣ ହୋଇଚନ୍ତି ।" ପ୍ରଶ୍ନ ପଚାରିବା ବଦଳରେ ନିସ୍ପୃହ କରି ଦଶରଥ ବାବୁ ସ୍ଥିର କଲେ ସହାନୁଭୂତିଶୀଳ ମନ୍ତବ୍ୟକ୍ତ କରିବାକୁ । ଅଭିଜ୍ଞତାରୁ ଜାଣିଥିଲେ ସେ, ପ୍ରଶ୍ନ ପଚାରିଲେ ସେ କୌଣସି ଲୋକର ଓଲଟା ପ୍ରଶ୍ନ କରିବା କଥା ମନକୁ ଆସେ ।

—"ତୁମ ବାପର କ'ଣ ଗଲା ?" ବା ସେଇଭଳି କିଛି !

ଅଥଚ—ଖାଲି ଟିକେ ସହାନୁଭୂତି ଠିକ୍ ସମୟରେ ଦେଖେଇ ପାରିଲେ ବାସ୍, ଆଉ କଥା ନାହିଁ । କଳ ଲଙ୍ଘନ କରିଥିବା ନଦୀର ପ୍ଲାବନ ଭଳି, ମନର ବ୍ୟଥା ବେଦନାଗୁଡ଼ାକ ବାହାରି ଆସନ୍ତି—ଅବାରିତ, ଦୁର୍ନିବାର ଆତ୍ମପ୍ରକାଶର ସୂତ୍ର ମଧ୍ୟରେ ।

—"କ୍ଷୁଣ୍ଣ ହୋଇଚ ? ଜାଣନ୍ତି ? ଆଜି ପ୍ରଥମ ଥର ପାଇଁ ମୋ ମନରେ ହିଂସା ଆସିଥିଲା, ମୋର ପଡ଼ୋଶୀ ସେଇ ରକ୍ତସାବାଲଟା ପ୍ରତି । କାରଣ ସେ ତା'ର ସ୍ତ୍ରୀକୁ ନିଷ୍ଠୁର ମାଡ଼ ପିଟିଥିଲା ସେଦିନ, ତା' ସ୍ତ୍ରୀ ନ କହି ବାପଘରକୁ କେତେ ଘଣ୍ଟା ପାଇଁ ଚାଲି ଯାଇଥିଲା ବୋଲି ।"

ରତିକାନ୍ତ ବାବୁଙ୍କ କଥା ଶୁଣି ଦଶରଥ ବାବୁ ନିଜର ଅନୁମାନ ଠିକ୍ ହେବା କଥା ଜାଣି ପାରିଲେ । ଆଉ ତାଙ୍କ ପ୍ରତି ଛିଦ୍ର ମାତ୍ର ମନଯୋଗ ନ ଦେଇ ରତିକାନ୍ତ ବାବୁ କଥା ଶେଷ କଲେ ।

—"ଯଦି ମୁଁ ଅନ୍ତତଃ ସେଇଆ କରିପାରି ଥାଆନ୍ତି !" ଦୀର୍ଘନିଶ୍ୱାସ ପକାଇଲେ ସେ ।

ଦଶରଥ ବାବୁଙ୍କ ଜିଭ ଅଗକୁ ଅଯୌକ୍ତିକ ଭାବରେ ଆସିଗଲା ପ୍ରଶ୍ନଟା ।

—"ଆପଣଙ୍କ ସ୍ତ୍ରୀ ବି କ'ଣ ବାପ ଘରକୁ ଚାଲି ଯାଇଚନ୍ତି ?"

ପ୍ରକୃତରେ ଅବଶ୍ୟ ପଚାରି ପାରିଲେନି ସେ । ବରଂ ପୁଣି ଥରେ ଶାନ୍ତ, ଭଦ୍ର ଭାବରେ ସେ ମନ୍ତବ୍ୟକ୍ତ କଲେ ।

Digitized by srujanika@gmail.com

—"ଅନେକ ସମୟରେ ଯାହା ଭାବି ହୁଏ, ତା' କରି ହୁଏନା।" ଅଦ୍ଭୁତ ଲାଗୁଥିଲା ତାଙ୍କୁ—ବେଶ୍ ଗୁରୁତ୍ୱପୂର୍ଣ୍ଣ, ନିରାଟ ସତକଥା ଗୁଡ଼ିକ ସ୍ଥିତମତି ଦାର୍ଶନିକ ଭଳି କହିବି ଯାଇ ପାରୁଚନ୍ତି ସେ !

—"ହେଲେ ସେ ଜାମରୁ ମୋ ପାଖରେ ନ ଥାନ୍ତା—ତେବେ ଏ ଅବସ୍ଥାରେ ମୁଁ ପଡ଼ି ନ ଥାନ୍ତି। ପାଖରେ ଥିବ କିନ୍ତୁ ଥିବ ଦୂରେଇ ଦୂରେଇ। ମନର କୌଣସି କାମନା, କୌଣସି ଆବେଗର କିଛି ହେଲେ ମୂଲ୍ୟ ନାହିଁ ତା' ପାଖରେ। ମୁଁ ଯେତେବେଳେ ଜଳି ପୋଡ଼ି ଯାଉଥିବି—ସେତେବେଳେ ସେ ହାତ ଧରିବାକୁ ବି ଦେବାକୁ ରାଜି ନୁହେଁ। ଉତ୍ତର ତା'ର ଅତି ସଂକ୍ଷିପ୍ତ—ଭଲ ଲାଗୁନି, ଇଚ୍ଛା ନାହିଁ ଆଜି, ମନ ଭାରି ଖରାପ। ସତେ ଯେମିତି ତାଙ୍କୁ ଭଲ ଲାଗିବା ପାଇଁ, ତା'ର ଇଚ୍ଛାକୁ ନେଇ, ତା' ମନ ଯୋଗେଇ ଚଳିବା ହେଲା ମୋ ଜୀବନର ଏକମାତ୍ର କର୍ତ୍ତବ୍ୟ। ନିଜକୁ ଏମିତି ନିରୁପାୟ, ଏମିତି ଅସହାୟ କେବେ ଅନୁଭବ କରିଚନ୍ତି ଆପଣ ?" ଓଲଟା ପ୍ରଶ୍ନ ରତିକାନ୍ତ ବାବୁଙ୍କ ଠାରୁ ଶୁଣି ଚମକି ପଡ଼ିଲେ ବି କ'ଣ କହିବେ କିଛି ସ୍ଥିର କରି ପାରିଲେନି ଦଶରଥ ବାବୁ।

ପ୍ରଥମେ ମନେହେଲା—ହସି ଦେବେ। କିନ୍ତୁ ରତିକାନ୍ତ ବାବୁଙ୍କର ବର୍ତ୍ତମାନର ମନର ଅବସ୍ଥା ଦୃଷ୍ଟିରୁ ସେଇଟା ଅନୁଚିତ ମନେହେଲା। ବସ୍ତୁତ କିନ୍ତୁ ଭଦ୍ର ମହିଳାଙ୍କର ଏଭଳି ଅସଙ୍ଗତ ବ୍ୟବହାରର ବା କ'ଣ କାରଣ ହୋଇପାରେ ? ହୁଏତ ସେଇ ସମୟରେ—ଠିକ୍ ସେଇ ଏକ ପ୍ରଶ୍ନ ରତିକାନ୍ତ ବାବୁଙ୍କ ମନକୁ ବି ଆସିଥିଲା। ସେ ଅନ୍ୟମନସ୍କ ଭାବରେ କହିଲେ—

—"ଥରେ ଥରେ ମୁଁ ଭାବେ—ସେ କ'ଣ ମତେ ଆଉ ଭଲ ପାଉନି ? ମୋ ଠାରୁ ଛାଡ଼ି ଗଲାଣି ତା ମନ—ସେ ପଡ଼ିଚି ଆଉ କାହାର ପ୍ରେମରେ। କିନ୍ତୁ ଖୁବ୍ ସତର୍କ ଭାବରେ ଲକ୍ଷ୍ୟ କରି ମଧ୍ୟ କେବେ ତା'ରି କିଛି ସୂତ୍ର ଖୋଜି ପାଇନି। ଆଉ ତା' ମନ ଭିତରର କଥା ଜାଣିବାଠାରୁ ମଙ୍ଗଳ ଗ୍ରହ କଥା ଜାଣିବା ବୋଧେ ବେଶୀ ସହଜ। କାଲି ରାତିରେ ଏହିଭଳି ଅନେକ କଥା ଭାବି ମୁଣ୍ଡ ଯେତେବେଳେ ଭାରି ଗରମ ହୋଇ ଉଠିଥିଲା, ଠିକ ସେତିକିବେଳେ ଲକ୍ଷ୍ୟକଲି ଯେ ପାଖ ବିଛଣାରେ ନିଘୋଡ଼

Digitized by srujanika@gmail.com

ନିଦରେ ଅତି ଆଗ୍ରହରେ ଶୋଇନି ସେ । କେମିତି ଆଜି ସହି ପାରିଲିନି । ମନେହେଲା—ଆଉ ବେଶୀ ସମୟ ସେଇ ଅବସ୍ଥାରେ ରହିଲେ ହୁଏତ ମୁଁ ପାଗଳ ହୋଇଯିବି । ଚୁପ୍‌ଚାପ୍ ବାହାରି ଚାଲି ଆସିଥିଲି ମୁଁ ।" ଏଇଥର ଦମ୍ ନେଲେ ରତିକାନ୍ତ ବାବୁ ।

—"ଘରଦ୍ୱାର ଖୋଲା ରଖିଦେଇ ଆସିଥିଲେ—ଚୋର ପଶି ନ ଥିବ ତ ?" ଦଶରଥ ବାବୁ ଏଥର ନିଜେ ଅନ୍ୟମନସ୍କ ହୋଇ ପଡ଼ିଥିଲେ, ଗତାନୁଗତିକ ଅଭ୍ୟାସ ଯୋଗୁଁ କଥା କେତେଟା କହିଲେ ସିନା ।

—"ସତକଥା ତ । ଇସ୍ ମୋଟେ ଖିଆଲ ନ ଥିଲା । ଫେରିବାକୁ ହବ ଦେଖୁଛି । ତ'ପରେ ଘରର ଗୁଜରଟା ବି ନୂଆ—ନାଁ, ଖାଲି ଭୁଲ୍ ହୋଇଯାଉଛି । ଚୋର ଉପରେ ମାନ କରି ଖପରରେ ଖାଇବା କଥା ।" ରତିକାନ୍ତ ବାବୁ ଉଠିଲେ ।

"ନାଁ—ଘରଣୀଙ୍କ ଉପରେ ମାନ କରି, ଚୋରକୁ ଡାକିବା କଥା । ଏଇଆ କହିବା ଉଚିତ ଥିଲା ରତିକାନ୍ତ ବାବୁଙ୍କର ।" ମନେ ମନେ ସଂଶୋଧନ କରୁଥିଲେ ଦଶରଥ ବାବୁ ।

ଭଦ୍ରଲୋକ କିନ୍ତୁ ବଡ଼ ଚିନ୍ତାରେ ପକାଇଲେ ।

ତାଙ୍କ ସ୍ତ୍ରୀ ବି ତ ମଝିରେ ମଝିରେ ଠିକ୍ ରତିକାନ୍ତ ବାବୁଙ୍କର ସ୍ତ୍ରୀଙ୍କ ଭଳି ବ୍ୟବହାର ଦେଖାନ୍ତି ! ତେବେ ନିଜ ମନର ଗଭୀର ଆବେଗ ସତ୍ତ୍ୱେ, ଦଶରଥ ବାବୁ ତାଙ୍କ ସ୍ତ୍ରୀଙ୍କର ଅନାଗ୍ରହକୁ କେବେ ସନ୍ଦେହର ଆଖିରେ ଦେଖି ନାହାନ୍ତି । ଭାବି ନେଇଛନ୍ତି ହୁଏତ ବିଚାରୀ ପ୍ରକୃତରେ କ୍ଲାନ୍ତ, ବିରକ୍ତ, ବିବ୍ରତ । ମନ ଭିତରେ ଆହୁରି ବେଶୀ ଭଲ ପାଉଛନ୍ତି ଏଇଆ ଭାବି ଯେ—ସବୁ ତାଙ୍କରି ଲାଗି ସିନା ? ତାଙ୍କରି ଘର, ପିଲାଛୁଆ, ବାଉ-ଜଞ୍ଜାଳ ।

ଆଜି କିନ୍ତୁ ରତିକାନ୍ତ ବାବୁଙ୍କ କଥା ଶୁଣିଲା ପରେ ସେ ବି ସାବଧାନ ହୋଇ ଉଠିଲେ । ନାଁ—ଆଉ ଏଠି ବସିବେନି ସେ । କାହାଟା ହୁଏତ ଖରାପ ନ ହେଲେ ଅଧରାତିରୁ ଏଠି ବସି ବସି ରତିକାନ୍ତ ବାବୁ

Digitized by srujanika@gmail.com

ଅନ୍ୟ କିଛି ଚିନ୍ତା କରି ପାରିଲେନି—ନିଜ ସ୍ତ୍ରୀଙ୍କୁ, ତାଙ୍କ ଚରିତ୍ରକୁ ସନ୍ଦେହ କରିବା ଛଡ଼ା ? ଦଶରଥ ବାବୁ ଉଠି ପଡ଼ିଲେ ।

କିଏ ଜାଣେ ଏଇଭଳି ଦୁର୍ଭାବନା, ସନ୍ଦେହ ଗୁଡ଼ାକ ସଂକ୍ରାମକ କି ନୁହେଁ ? ହୁଏତ ଜାଗାଟାରେ ବର୍ତ୍ତମାନ ବି ରତିକାନ୍ତ ବାବୁଙ୍କ ଦୁଶ୍ଚିନ୍ତା ଗୁଡ଼ାକ ଘୂରିବୁଲୁଛି ଅଦୃଶ୍ୟ ଭାବରେ, ଆଉ ସେଗୁଡ଼ାକ ସମବେତ ଭାବରେ ତାଙ୍କ ମନକୁ ଯେ ଆକ୍ରମଣ ନ କରିବେ ତା'ର ବା କ'ଣ ପ୍ରମାଣ ? ଅନ୍ୟ କୌଣସି ଆଡ଼କୁ ନ ଚାହିଁ, ଏକା ଲୟରେ ସେ ବଡ଼ ବଡ଼ ପାହୁଣ୍ଡ ପକେଇ ଏକମୁହାଁ ହୋଇ ଚାଲିବାକୁ ଲାଗିଲେ ।

—"ମନ ମୋର ଏ ଅଲକ୍ଷଣା ମିଣିପଗୁଡ଼ାଙ୍କୁ ବୁଲି ମରିବାକୁ କ'ଣ ଆଉ ଜାଗା ମିଳିଲାନି ? ଏତେ ଯଦି ବୁଲିବା ସୌକ, ଭୁବନେଶ୍ୱର ରାସ୍ତାରେ ଚାଲିଗଲେ ତ ହୁଅନ୍ତା ?"

ଝାଷ୍ଟଣ କଣ୍ଠର ଭର୍ତ୍ସନା ତାଙ୍କ କାନରେ ବାଜିଲା ।

ହୁଏତ କାହାର ପ୍ରାତଃକୃତ୍ୟରେ ବାଧା ସୃଷ୍ଟି କରିଛନ୍ତି ସେ । ସେ ଆଡ଼କୁ ମନ ନ ଦେଇ ସେ ଆଗେଇ ଗଲେ । ଲକ୍ଷ୍ୟ ତାଙ୍କର ସ୍ଥିର । ସେ ଯିବେ ଖାନ୍‌ନଗର ପର୍ଯ୍ୟନ୍ତ । ସେଇଆକୁ ସୀମା ରୂପେ ଧାର୍ଯ୍ୟ କରିଚନ୍ତି ସେ ।

ଖାନ୍‌ନଗର ପର୍ଯ୍ୟନ୍ତ— !

କଥାଟାର ଅର୍ଥ ହୃଦୟଙ୍ଗମ କରି, ଥମକି ଠିଆ ହୋଇ ପଡ଼ିଲେ ସେ । ଇଏ କ'ଣ ସେ ଭାବୁଚନ୍ତି ? କେମିତି କେଜାଣି କଥାଟାର ତାତ୍ପର୍ଯ୍ୟ ଆଗରୁ ମନକୁ ଆସି ନ ଥିଲା ତାଙ୍କର । ସକାଳର ଅଧା ଅନ୍ଧାର ଏ ପରି-ବେଶ ତାଙ୍କ ମନରୁ ଯେ ଏମିତି ଅର୍ଥପୂର୍ଣ୍ଣ ସମୀକ୍ଷା ବାହାର କରି ଆଣି ପାରିବ, ସେ ବିଷୟରେ ସେ ଅନଭିଜ୍ଞ । ଖାନ୍‌ନଗର ଶ୍ମଶାନ—ପ୍ରତିଦିନ କେତେ ଜୀବନର ଶେଷ ସୀମାକୁ ଧାର୍ଯ୍ୟ କରୁଚି ଅତି ବାସ୍ତବ ନିଷ୍ଠୁର ସତ୍ୟ ଭାବରେ । କିନ୍ତୁ ସତରେ କ'ଣ ଶ୍ମଶାନହିଁ ଜୀବନର ଶେଷ ସୀମା ?

ଜୀବନର ସେଇଠୁ ଆରମ୍ଭ ବୋଲି କହି ନ ହେବ କାହିଁକି ? ଯଦି ପୁନର୍ଜନ୍ମ ସତ୍ୟ ହୁଏ, ଯଦି ସତ୍ୟ ହୁଏ ଇହଲୋକ ପରଲୋକ—ତେବେ କିଏ କହିବ—ଜୀବନର ଶେଷ ଯେଉଁଠି, ଆରମ୍ଭ ସେଇଠି ନୁହେଁ ବୋଲି ?

Digitized by srujanika@gmail.com

ଦଶରଥ ବାବୁ ଆଗେଇ ଗଲେ । ବହୁ ବର୍ଷ ପରେ ତାଙ୍କର ମନେ ପଡ଼ିଲା ବାପାଙ୍କ ସ୍ମୃତିସ୍ତମ୍ଭ କଥା ।

ଶ୍ମଶାନର ସେ ପଟେ—ବହୁ ବର୍ଷ ତଳେ, ସେ ତାଙ୍କର ବାପାଙ୍କର ଛୋଟ ଗୋଟିଏ ସ୍ମୃତିସ୍ତମ୍ଭ ତିଆରି କରାଇ ଥିଲେ । ଅନେକ ଦିନ ତଳର କଥା । ପ୍ରଥମେ ପ୍ରଥମେ ପ୍ରାୟ ସବୁଦିନ ସେ ଆସୁଥିଲେ ସେଠିକି । ସେତେବେଳେ ମନ ତାଙ୍କର ଭାରି ପ୍ରଭାବିତ ହୋଇଥିଲା ବାପାଙ୍କ ସ୍ମୃତିରେ । ସେ ସ୍ମୃତିର ମାହାତ୍ମ୍ୟ ଅବଶ୍ୟ କମିନି; କିନ୍ତୁ ଧୀରେ ଧୀରେ କମି ଆସିଛି ତା'ର ପ୍ରଭାବ । ତା' ସାଙ୍ଗେ ସାଙ୍ଗେ ଏ ଜାଗାକୁ ଆସିବା ବି ତାଙ୍କର କମିଗଲା କ୍ରମଶଃ । ବହୁ ବର୍ଷ ଧରି ଆଜି ସେ ଆସି ନାହାନ୍ତି କି କିଛି ଦେଖା ଶୁଣା କରି ନାହାନ୍ତି । ସେଇଥିପାଇଁ ସେ ଆଶଙ୍କା କରିଥିଲେ ଜାଗାଟା—ଅପରିଷ୍କାର, ଆବର୍ଜନାମୟ ହୋଇ ପଡ଼ିଥିବ ।

ସେଇଥିପାଇଁ ସେଠି ପହଞ୍ଚି ଚମକି ପଡ଼ିଲେ ସେ । ଆବର୍ଜନା ତ ଦୂରର କଥା, ଝକ୍ ଝକ୍ କରୁଛି ଚଉତରାଟି ସଫା ସୁତୁରା ହୋଇ । ଖୁମ୍ବଟିର ଠିକ୍ ତଳେ ରଖାଯାଇଛି କେତୋଟି ଛୋଟ ବଡ଼ ଫୁଲ । ପାଖରେ ଯୋଉ ଦୀପଟି ଅଛି—ସେଥିରେ ସଳିତା ବର୍ତ୍ତମାନ ଜଳୁ ନ ଥିଲେ ବି ଅଧାପୋଡ଼ା ସଳିତାରୁ ଜାଣିହେଲା—ସେଇଟି ବି ଜଳାଯାଏ । ଅନ୍ୟ ଜଣେ କିଏ ନଜର କରିନେଇଛି ଏଇ ସ୍ମାରକୀକୁ । ସ୍ମୃତି ବିନା ସ୍ମାରକୀର ବା କି ମୂଲ୍ୟ ? ସତରେ କ'ଣ ବାପାଙ୍କ ସ୍ମୃତି ଅନ୍ୟ କାହା ପାଖରେ ରହିଛି ଅବିସ୍ମରଣୀୟ ହୋଇ ? ଚଉରାଟି ଉପରେ ବସି ପଡ଼ିଲେ ଦଶରଥ ବାବୁ ।

ସକାଳ ହୋଇ ଗଲାଣି ।

ସୂର୍ଯ୍ୟ ବି ଉଠି ଆସିଛି—ଅନ୍ଧାର ଗଳିଗଳି ବି ଘରଆଡ଼ ସମ୍ପୂର୍ଣ୍ଣ ଆଲୋକିତ ହୋଇନି । ତେବେ ଦରକାରୀ ଯେ କୌଣସି କାମ ପାଇଁ ସେ ଆଲୁଅ ଯଥେଷ୍ଟ । ଆଜି ଦଶରଥ ବାବୁ ବସିଥିଲେ ଚିନ୍ତା କରିବାକୁ, ଯାହା ପାଇଁ ଆଲୁଅର ଦରକାର ହୁଏନା । ବାହାରର ଆଲୁଅ ନେଇ କ'ଣ ଦୂର କରିହୁଏ ମନ ଭିତରର ଅନ୍ଧାରକୁ ? ଦେଖିହୁଏ ମନ ତଳର ସ୍ପଷ୍ଟ, ଅସ୍ପଷ୍ଟ

Digitized by srujanika@gmail.com

ଭାବନାକୁ ? କିଏ ଏମିତି କରି ମନେ ରଖିଚି ବାପାଙ୍କୁ—ଏତେ ଶ୍ରଦ୍ଧା, ଏତେ ଆନ୍ତରିକତା ସହିତ !

ଘର ଭଉଣୀଙ୍କ ଭିତରୁ ଏ ସହରରେ ଏକମାତ୍ର ସେଇ ବାସିନ୍ଦା । ମା' ତ ଅନେକ ଆଗରୁ ଯାଇଚନ୍ତି । ସେ କାଳରେ ଅବିଶ୍ୟ ଅନେକ ଅନ୍ତରଙ୍ଗ ବନ୍ଧୁବାନ୍ଧବ ବାପାଙ୍କର ଥିଲେ—ଦଶରଥ ବାବୁଙ୍କର ବି ମନେ ପଡ଼ିଲା ଜଣେ ଦି' ଜଣଙ୍କ କଥା । କିନ୍ତୁ ବାପା ମରିବାର କେତେ ବର୍ଷ ସେ ବିତି ଯାଇଚି ?

ଧ୍ୟାନ ତାଙ୍କର ଭାଙ୍ଗି ଗଲା କାହାର ହସ ଶୁଣି ।

ଏତେ ସକାଳୁ—ମଶାଣି ଭଳି ଜାଗାରେ, ଏଇ ଗ୍ରେଟ ପିଲା ଦି'ଟା !

କାବ୍‌ବା ହୋଇ ଦେଖୁଥିଲେ ସେ । ଆଠ/ଦଶ ବର୍ଷର ପୁଅଟିଏ ଆଉ ଝିଅଟିଏ । ଜଣକ ହାତରେ ଗୋଟେ ଫୁଲ ଗୁଚ୍ଛ, ଭିତରର ଚକ୍‌କା ଫୁଲରେ ତାଙ୍କର ଦୃଷ୍ଟି ପଡ଼ିଲା । ଅନ୍ୟ ଜଣକ ହାତରେ ପ୍ରେତ ଗୋଟେ ଗୁଞ୍ଜୁଣୀ—ଆହୁରି ଗୋଟେ ଅଧେ କ'ଣ କନିଷ । ହସି, ଗପ କରି କରି ଆସୁଥିଲେ ବୋଲି ବୋଧେ—ସେମାନେ ଜାଣି ପାରିନେନି ତାଙ୍କ ଉପସ୍ଥିତି କଥା । ସେଇଥିପାଇଁ ତାଙ୍କୁ ଦେଖିଲା କ୍ଷଣି ସେମାନେ ଅଟକି ଗଲେ ।

—"ତମେ କିଏ ?"

ଦି' ପାଦ ଆଗେଇ ପ୍ରଶ୍ନ କଲା ଝିଅଟି । ତା'ର ବଡ଼ ବଡ଼ ଆଖିର ଭୟ—ପାଖକୁ ଆସିଲାରୁ ଦେଖି ପାରିଲେ ଦଶରଥ ବାବୁ । ତାଙ୍କୁ ଭୂତ ବୋଲି ଭାବୁନେଇ ? କଥାଟା ମନକୁ ଆସିଲା କ୍ଷଣି ହସି ପକେଇଲେ ସେ । ଆଶା କରାଯାଉ ଭୂତମାନେ ଏମିତି ହସନ୍ତିନି, କି ତାଙ୍କ ହସଟାକୁ ବି ଠିକ୍ ଭୌତିକ ବୋଲି କହି ହେବନି । ହେଲେ କିଏ ଏ ପିଲା ଦି'ଟା ?

—"ମୁଁ ଦଶରଥ ନନ୍ଦନ ମହାନ୍ତି । ଭୟ କରିବାର କିଛି ନାହିଁ । ମୋ ଘର ଏଇ ପାଖରେ । ବୁଲିବାକୁ ଆସି ଏଠି ପହଞ୍ଚିଚି । ମୁଁ ଭୂତ ପ୍ରେତ ନୁହେଁ ।"

Digitized by srujanika@gmail.com

ତରବରିଆରେ ଏଇତକ କେବଳ କହି ପାରିଲେ ସେ । ସ୍ଥଳ ବିଶେଷରେ ନିଜର ପରିଚୟ ଦେଇ ପାରିବା ବି କି କଷ୍ଟକର ସତେ !

—"ଭୂତ ପ୍ରେତଙ୍କୁ ଭୟ କ'ଣ ? ସେମାନେ ତ କାହାର କିଛି ଅନିଷ୍ଟ କରନ୍ତିନି । ଭୟ ବରଂ ମଣିଷ ମାନଙ୍କୁ ।"

ଖୁବ୍ ମନ ଦେଇ ଝିଅଟି ତାଙ୍କୁ ଦେଖୁଥିଲା ।

—"ତମେ ଦୁହେଁ ଏଠି କ'ଣ କରୁଚ ?" ଦଶରଥ ବାବୁ ପ୍ରକୃତରେ ବିସ୍ମିତ ହୋଇ ପଡ଼ିଥିଲେ ।

—"ବାଃରେ—ଏଇଟା ତ ଆମ ଜାଗା । ସବୁଦିନ ଏଠିକି ଏତିକିବେଳେ ଆମେ ଆସୁ । ସେତେବେଳେ କେହି ଏଠି ନ ଥାନ୍ତି ଆଉ ଭାରି ମଜାରେ ଖେଳୁ ଆମେ । ଦେଖୁନା—ଇଏ ପରା ଆମ ଠାକୁର ।"

ଆଗେଇ ଆସି କହିଲା ଆର ପିଲାଟି ।

ଝିଅଟି ଗୁଞ୍ଜୁଣୀରେ ଚଉତରାଟା ଓଳେଇ ପକେଇଲା, ଆଉ ଗୋଟେ ଖେଳନା ଗଡୁଟିରୁ ପାଣି ନେଇ ଛିଞ୍ଚିଦେଲା ଚାରିଆଡ଼େ । ପୁଅଟି ଅନ୍ୟ ସବୁ ଜିନିଷ ଥୋଇଲା ଏଥର ।

—"ଠାକୁର ?" କୌତୂହଳୀ ଆଖିରେ ପୁଣି ଥରେ ବୁଲି ଚାହିଁଲେ ଦଶରଥ ବାବୁ । ଚାହିଁ ଚାହିଁ ଦେଖିଲେ ତାଙ୍କରି ଗଢ଼ା ସେଇ ପ୍ରତିମୂର୍ତ୍ତିକୁ । ନୂଆ କିଛି ଦେଖି ପାରିଲେନି—ବିଶେଷ ବା ଅଲୌକିକ କିଛି ଯେମିତି ଗଦା, ଶଙ୍ଖ, ଚକ୍ର ବା ପଦ୍ମର ଚିହ୍ନ ! ଛ' ଫୁଟ ଲମ୍ବା ଚୌଡ଼ା ଚଉତରା ମଝିରେ, ଚାରି ଫୁଟ ଉଚ୍ଚର ସିମେଣ୍ଟ, ଇଟା ଆଉ ବାଲିର ତିଆରି ସେଇ ସ୍ମୃତି ପ୍ରତିମୂର୍ତ୍ତିଟା ସତେ ଯେମିତି ତାଙ୍କୁ ଉପହାସ କରୁଥିଲା ।

ଅବିନଶ୍ୱର ଆତ୍ମାର ଅଧିକାରୀ ହୋଇ ମଧ୍ୟ କୁଆଡ଼େ ବିସ୍ମୃତିର କେଉଁ ଅତଳ ତଳରେ ମିଶିଗଲେଣି ତାଙ୍କ ବାପା । କିନ୍ତୁ ତାଙ୍କ ମନର ବୃଥା ଅଭିମାନର, ମିଛ ଦମ୍ଭର ପ୍ରତୀକ ଏଇ ସାମାନ୍ୟ ଗୋଡ଼ ବାଲିର ପ୍ରତିମୂର୍ତ୍ତିଟା କେବଳ ଠିଆ ହୋଇ ରହିନି—ସମୟର ଗତିରେ ନଗଣ୍ୟ ଜଣକର ସ୍ମାରକୀରୁ ପଦୋନ୍ନତି ପାଇ, ସେ ଆସି ପହଞ୍ଚିଲାଣି ଠାକୁର

Digitized by srujanika@gmail.com

ହେବାର ପଦ ମର୍ଯ୍ୟାଦାରେ ! ସତେ ତ ଯଦି ଆଜି ସବାଙ୍କୁ ସେ ଭୁଲି ବାହାର ନ ଥାନ୍ତେ, ଏ ସବୁ କଥା କ'ଣ ଜାଣି ପାରିଥାନ୍ତେ ?

—"କାହିଁକି ଠାକୁର ହେଇ ପାରିବନି ? ତମେ ଭାବୁଚ ହାତ, ଗୋଡ଼, ମୁଣ୍ଡ, କିଛି ତା'ର ନାହିଁ—ସେ ପୁଣି କି ଠାକୁର ? ଜଗନ୍ନାଥ କେମିତି ଠାକୁର ହେଲେ ତା' ହେଲେ ? ତାଙ୍କର କି ତ ହାତ, ଗୋଡ଼ କିଛି ନାହିଁ ?"

ଗଳାରେ ବେଶ୍ ଜୋର୍ ଦେଇ କହିଲା ଝିଅଟି ।

ଅକାଟ୍ୟ ପ୍ରମାଣ !

—"ଠିକ୍ କହୁଚୁ । ଜଗନ୍ନାଥ ଯଦି ଠାକୁର ହେଲେ—ଇଏ କାହିଁକି ନ ହେବ ?"

ଇଚ୍ଛା ନ ଥିଲେ ବି ଏଥର ଉଠିଲେ ଦଶରଥ ବାବୁ । ସେମାନଙ୍କ ପୂଜା, ଅର୍ଚ୍ଚନା, ବିଧି ନ ଦେଖିଥିଲେ ବି ମୋଟାମୋଟି ଅନ୍ଦାଜ କରିଥିଲେ ସେ । ଡେରି ହେଇ ଯାଉଚି—ଏଇଥର ତାଙ୍କୁ ଫେରିବାକୁ ହେବ । ଧୀରେ ଧୀରେ ସେ ଆଗେଇ ଗଲେ ରାସ୍ତା ଆଡ଼କୁ ।

ଶ୍ମଶାନରେ ପ୍ଲେଟ ଗୋଟିଏ ଦଳ—ତଳେ କୋକେଇରେ ମୁର୍ଦ୍ଦାର । ଆରମ୍ଭ ହେଇଚି ଶ୍ମଶାନର ଦୈନନ୍ଦିନ କାମ । ଅଳ୍ପ ଦୂରରେ ସେ ଚିତାଟାରୁ ଏବେ ବି ଧୂଆଁ ଉଠୁଚି ଅଳ୍ପ ଅଳ୍ପ । ତା'ର ପାଖରେ ସଜା ଯାଉଚି—ନୂଆ ଚିତାଗ୍ନି । ଦଶରଥ ବାବୁ ଆସିବା ବାଟରେ ଫେରି ଯାଉ ଯାଉ ଭାବୁଥିଲେ—ମଣିଷ ଜୀବନକୁ ଯେତିକି ଭଲ ପାଏ କାହିଁକି ମୃତ୍ୟୁକୁ ବି ସେତିକି ଭଲ ପାଇ ପାରେନା ? ଯେ କୌଣସି ଅସମାପ୍ତ କାମ ଠାରୁ—ଯେ କୌଣସି ଭାବରେ ହେଉ ପଛେ, 'ପରିସମାପ୍ତ' କାମର ମୂଲ୍ୟ କ'ଣ ବେଶି ନୁହେଁ ?

ଜୀବନଟା ଆଉ କ'ଣ ?

ଅସମାପ୍ତ ଅନେକ କିଛିର ସମଷ୍ଟି ମାତ୍ର । ଅଥଚ ମୃତ୍ୟୁ ତ ପରିସମାପ୍ତି । କିଛି ନ ହେଲେ ବି ଅନ୍ତତଃ ଜୀବନର ତ ପରିସମାପ୍ତି ଘଟେ

Digitized by srujanika@gmail.com

ସେଥିରେ । ଅସଲ କଥା ହେଲା—ମଣିଷର ନିଜ ବିଷୟରେ ଯୋଉ ଭୁଲ୍ ଧାରଣା ଗୁଡ଼ାଏ ଥାଏ—ମୃତ୍ୟୁ ନିଷ୍ଠୁର, ଦୁର୍ନିବାର ଭାବରେ ତାକୁ ଭାଙ୍ଗି ଦେବ । ସେଇଥିପାଇଁ ମଣିଷ ତାକୁ ଡରେ—ଡରେ ମରିବାକୁ । ବେଶ୍ ଶୀଘ୍ର କରି ଜଗତ ଦେଇ ଚାଲି ଯାଉଥିଲେ ସେ ।

—"କ'ଣ ଦଶରଥ ବାବୁ ଚାଲି ଚାଲି ବୁଲି ବାହାରିଛନ୍ତି ଯେ ? ଗାଡ଼ି କୁଆଡ଼େ ଗଲା ?"

କାହାର କଥା ଶୁଣି ଚାଲିର ଗତି ଛିଣ୍ଡି ଗଲା ତାଙ୍କର ।

—"ଏମିତି ଟିକେ ବାହାରିଥିଲି ।" ଅଟକିବାକୁ ହେଲା, ଇଚ୍ଛା ନ ଥିଲେ ବି ହସିବାକୁ ହେଲା । ଆଉ ନଜର ଦେବାକୁ ହେଲା ସେଇ ନିର୍ବୋଧ ପ୍ରଶ୍ନର । ଗାଡ଼ି ନେଇ ଆଉ କେମିତି ଚାଲି ହୁଅନ୍ତା ?

—"ହଁ ଆଜ୍ଞା, ଭଲ କରିଛନ୍ତି । ପେଟ୍ରୋଲ ଖର୍ଚ୍ଚଟା ବି ବଞ୍ଚିବ, ଦେହକୁ ବି ଉପକାର । ଶୁଣିଲି ଆପଣ ଗାଡ଼ି ବିକି ଦେଉଛନ୍ତି ? କ'ଣ ନୂଆ ଗାଡ଼ି କିଣିବେ ?"

ଭଦ୍ରଲୋକ ପରମ ଆତ୍ମୀୟ ଭଳି ଅନ୍ତରଙ୍ଗ ଭାବରେ ପଚାରିଲେ ।

—"ସେମିତି ଇଚ୍ଛା ଅଛି ।" କହି ଦଶରଥ ବାବୁ ପୁଣି ଚାଲିବାକୁ ଆରମ୍ଭ କଲେ । ଯଦି କହିଥାନ୍ତେ—ଗାଡ଼ି ବିକୁ ନାହାନ୍ତି ବୋଲି, ତା'ହେଲେ କାହିଁକି ବିକୁ ନାହାନ୍ତି, ସେ ଗାଡ଼ିର କ'ଣ କ'ଣ ଭଲ ଗୁଣ, ନୂଆ ଗାଡ଼ିର କ'ଣ କ'ଣ ଭଲ ନୁହେଁ ଇତ୍ୟାଦି ଅନେକ କଥାର ବର୍ଣ୍ଣନା ଦେବାକୁ ହୋଇଥାନ୍ତା ତାଙ୍କୁ । ବରଂ ଏଇ ଭଲ । ତା'ଛଡ଼ା କଥାଟା ବି ମିଛ ନୁହେଁ । ନୂଆ ଗାଡ଼ି କିଣିବାର ଶକ୍ତି ଥାଉ ବା ନ ଥାଉ ଦୁନିଆରେ କେତେ ଜଣ ସେ ଇଚ୍ଛାରୁ ନିଜକୁ ମୁକ୍ତ କରି ପାରିଛନ୍ତି ?

ସତ ମିଛ, ଆଶା ନିରାଶା, ଜୀବନ ମୃତ୍ୟୁ ନେଇ ମଣିଷ ନିଜକୁ ଏମିତି ଶୃଙ୍ଖଳରେ ବାନ୍ଧିଥାଏ କାହିଁକି ? କାରଣ ନିଜର ଏଇ ସବ୍‌ଜାନ୍ତା ଅବସ୍ଥା ଦେଖି ବିସ୍ମିତ ହେଲେ ଦଶରଥ ବାବୁ—କାରଣ ଜୀବନ ମାନେ ହେଲା ଏଇ ସବୁର ସମଷ୍ଟି । ହୁଏତ ସେଇଥିପାଇଁ ସେ ସେଥିରୁ ମୁକ୍ତ ହୁଏନା,

Digitized by srujanika@gmail.com

ସେଇଥିପାଇଁ ପ୍ରକୃତରେ ମୁକ୍ତ ହେବାର ଚେଷ୍ଟା ବି ସେ କରେନା । କାରଣ ଜୀବନରୁ ମୁକ୍ତିର ଅନ୍ୟ ନାମ ହେଲା—ମୃତ୍ୟୁ !

ଆଶ୍ଚର୍ଯ୍ୟ— !

ମାତ୍ର ଦୁଇ ଘଣ୍ଟା ତଳେ ସେ ବୁଲି ବାହାରିଥିଲେ—ଅଥଚ ଲାଗୁଥି ସତେ ଯେମିତି ଅନନ୍ତ କାଳ ଧରି ତାଙ୍କର ଏ ବୁଲା, ଆଜି ତାଙ୍କ ପରିକ୍ରମାର କ୍ଷେତ୍ର ସତେ ଯେପରି ଅସୀମ ଏ ବିଶ୍ୱବ୍ରହ୍ମାଣ୍ଡ । ଘରଣୀଙ୍କ ତାଗିଦ୍ ଥିଲା—ସକାଳୁ ଘେରେ ଚାଲି ଚାଲି ବୁଲି ଆସିଲେ ସ୍ୱାସ୍ଥ୍ୟ ଭଲ ରହିବ । ହିତାକାଂକ୍ଷୀ ବନ୍ଧୁମାନଙ୍କର ଉପଦେଶ ଥିଲା—ସକାଳର ଖୋଲା ପବନ ଆଉ ଚକ୍ ଚକ୍ ଖରା ଦେହକୁ ଉପକାରୀ, ଆଉ ତା' ସାଙ୍ଗେ ସାଙ୍ଗେ ବୁଲିବାଟା ବି ହେଲା ସର୍ବୋତ୍କୃଷ୍ଟ ବ୍ୟାୟାମମାନଙ୍କ ମଧ୍ୟରୁ ଗୋଟିଏ । ନିଜେ ସେ ଏ ଦୁଇଟାକୁ ମାନି ନେଇ ଥିଲେ କିନ୍ତୁ ଟା ଅନିଚ୍ଛା ସତ୍ତ୍ୱେ ଅଥଚ କ୍ଲାନ୍ତ ଦେହ ମନ ନେଇ ପୁଣି ଥରେ ନିଜ ଘରର ଗେଟ୍ ସେ ଖୋଲିଲେ, ଘରକୁ ଫେରିବାକୁ ଯାଇ ।

●

Digitized by srujanika@gmail.com

କାଠଘୋଡ଼ା

—"ହାଣ୍ଡି ନବ—ଘୋଡ଼ା ନବ ।"

ଡାକ ଡକ ଯାଉଥିଲା ରହିମ୍ ମିଆଁ । ଏଇ ସପ୍ତାହଟା ପାର ହେଲେ ଫେରିଯିବ ସେ ଘରକୁ । ଖବର ଆସି କେତେ ଠାଣ ହେଲାଣି । ଲୁଙ୍ଗୀ କାନରେ ବେକ ସନ୍ଧି ପୋଛୁଥିଲା ସେ ।

—"ରହ ରହ—ମୁଁ ଖେଳନା ନେବ ।" ପଛଆଡ଼ୁ ଡାକଲା ଛୋଟ ପିଲାଟିଏ । ରହିମ୍ ବୁଲି ଚାହିଁଲା ।

—"ସେଇ ଛୋଟ ଘୋଡ଼ାଟା—ହେଇଟି ମ ତମ ବାଁପଟ କାନ୍ଧ ପାଖେ ନାହିଁ ? ସେଇଟା ଦିଅ ।" କେଡ଼େ ଆଗ୍ରହରେ ହାତ ବଢ଼େଇଲା ପିଲାଟି । କେଜାଣି କାହିଁକି ରହିମ୍ ବି ହସି ପକେଇଲା ।

—"ଭଲ ଖେଳନା ବାଛୁଚ ବାବୁ । ନଅ—ହେଲେ ଏଇଟା ତ କାଠ ଘୋଡ଼ାଟେ । ବଡ଼ ହେଲେ ସିନା ସତ ଘୋଡ଼ା ଚଢ଼ିବ ।" ରହିମ୍ ଛୋଟ ଖେଳନା ଘୋଡ଼ାଟା କାଢ଼ିଦେଲା ତା' ହାତକୁ । ଝୁଅ ଦିନ ଲାଗି ଗଢ଼ିଥିଲା ସେ ଗୋଟେ ଖିଆଲରେ ।

—"କେଡ଼େ ଓଲା ମ ତମେ ? ମୁଁ ବଡ଼ ହେଲେ ମଟର୍ କିଣିବି ବାପାଙ୍କ ଭଳି ।" ମନ ଦେଇ ଘୋଡ଼ାଟାକୁ ଦେଖୁଥିଲା ସେ ।

—"ତାହେଲେ ଏଇଟା ନେଇ କ'ଣ କରିବ ?" ରହିମ ପଚାରି ଦେଲା ।

Digitized by srujanika@gmail.com

—"ଗୋଟେ ଦରକାର ଅଛି । ଏଇଟା କାଠରେ ତିଆରି ତ ?" ପିଲାଟି ରହିମ୍‌ର ଉତ୍ତରକୁ ଅପେକ୍ଷା ନ କରି ଧାଇଁ ପଳେଇଲା ବଡ଼ ଗେଟ୍ ଭିତରକୁ ରାସ୍ତା ଆରପଟେ । ଥକ୍‌ଲା ହୋଇ ସେଇଠି ବତୀଖୁଣ୍ଟକୁ ଆଉଜି ବସି ପଡ଼ିଲା ରହିମ୍ ।

ଧର ଯଦି କିଏ ସନ୍ଦେହ କରି ପଚାରେ—କାହିଁକି ସେ ଏଠି ବସିଛି ? ବାବୁଘର ପିଲା ଖେଳନା ନେଇ ଯାଇଛନ୍ତି । ପଇସା ଦେଇ ନାହାନ୍ତି ଯେ— ।

ପଇସା ପାଇଁ କ'ଣ ସତରେ ବସିଛି ସେ ? ଏଡ଼ିକି ବଡ଼ ହେଲା ପଇସା ? ରହିମ୍ କ୍ଲାନ୍ତ ଭାବେ ଆଖି ବନ୍ଦ କଲା ।

ବଡ଼ ରାସ୍ତାରୁ ତିନିଟା ବାଙ୍କ ବୁଲିଲେ ତା'ର ବସ୍ତି । ନୁଆଁଣିଆ ଛାଳ, ମାଟି ଘର ଅନ୍ଧାରିଆ ବଖରା । ଚାରି ଛ' ବଖରା ଘରେ ରହନ୍ତି ତିରିଶ ଚାଳିଶ ଜଣ । ଖିଆପିଆ, ଶୁଆବସା, ଜନ୍ମମରଣ ସବୁ ସେଇଠି ।

ପାଖକୁ ଅଛି ପୋଖରୀ ଆଉ ମ୍ୟୁନିସିପାଲିଟିର ଧାଡ଼ିଏ ପାଇଖାନା ।

ସେଇଠି ।

ରାସ୍ତା କଡ଼ରେ ବସି ରହିମ୍ ତିଆରି କରେ ନିଜ ମନକୁ ମନ କେତେ ହାତୀଘୋଡ଼ା, ଫୁଲଫଳ, ବାଜା, କେତେ ଜାତିର କୁଣ୍ଢେଇ । ସେଇଠି ବସି ସେ ପାଏ ଫୁଲର ସୁବାସ, ଫଳର ଗନ୍ଧ, ବାଜା ଶୁଣେ ଆଉ ଦେଖେ କୁଣ୍ଢେଇର ନାଚ ।

ନର୍ଦ୍ଦମାରୁ ଗନ୍ଧ ଉଠେ, ପଚା ପୋଖରୀରୁ ବି । ପାଖରେ ତ ପାଇଖାନା ବି ଅଛି । ତଥାପି ରହିମ୍‌ର ନାକରେ ସୁବାସ, ମନରେ ସ୍ୱପ୍ନ ଆଉ ଆଖିରେ କୁହୁକ । ନିଜ ଛଡ଼ା ଅନ୍ୟ କାହାକୁ ଜାଣିବାକୁ ଦେଇନି ସେ । ନିଜକୁ ନେଇ ନିଜ ମନର ଗୋଟେ ସଂସାର ତା'ର ।

ତେବେ ଲାଭ ବି ହୁଏ ସେଥିରେ । ବସ୍ତିର ସବୁରି ଭିତରୁ ତା' ଖେଳନା ସୁନ୍ଦର ହୁଏ ବୋଲି କହିହୁଏ ଭଲ । ପୁଣି ସେଇ ପଇସା, ରହିମ୍ ଦୁଇ ଆଣ୍ଠୁ ଉପରେ ମୁଣ୍ଡ ରଖି ଆଉ ଥରେ ଆଖି ବୁଜିଲା । ଯୋଉ ମନରେ ଏତେ ସ୍ୱପ୍ନ ସେଠିକି ପଇସା କଥା ଆସେ କାହିଁକି ?

Digitized by srujanika@gmail.com

ରହିମ୍‌ର ସ୍ତ୍ରୀ ଯାଏ କାମ କରିବାକୁ ବଡ଼ ସଓଦାଗର ଖାଁ ସାହେବଙ୍କ ଘରକୁ । ଘରେ ଥାଏ ଦଶ ମାସର ପୁଅ ମୁବାରକ୍ ରହିମ୍ ପାଖରେ । ପ୍ଲେଟ ପଟି ପକେଇ ରହିମ୍ ତାକୁ ପାଖରେ ବସାଏ ଆଉ କାମ ଭିତରେ ଉଠି ତାକୁ ଖେଳାଏ, ଶୁଆଏ ଆଉ ଖୁଆଏ । ସାଇଲୋକେ କୁହନ୍ତି କୁଆଡ଼େ ପିଲାର ଯତ୍ନ ରହିମ୍ ଭଳି କୌଣସି ସ୍ତ୍ରୀ ଲୋକ ବି ନେଇ ପାରିବନି । ରହିମ୍ ହସେ । ଖୋଦା ସେଇ ଗୋଟିକ ଦେଇଛନ୍ତି ଯେ !

ମୁହଁ ବୁଲେଇ ହସନ୍ତି ତା'ର ସାଙ୍ଗସାଥୀମାନେ । ରହିମ୍ ବୁଝେ ଆଉ କଟ୍‌ମଟ୍ କରି ଚାହେଁ ପିଲାଟା ମୁହଁକୁ । ପିଲାଟା ତା'ର ନୁହେଁ— ଖାଁ ସାହେବଙ୍କ ମଝିଆଁ ପୁଅ ରହିମ୍‌ର ସ୍ତ୍ରୀକୁ ଘର ଦେଖି ପାରନ୍ତି କି ନା ! ରହିମ୍ ଭାବିବା ହୁଏ । କାହିଁ ପିଲାଟା ପ୍ରତି ତା'ର ଘୃଣା ହେଉନି ତ ?

ଘୃଣା କିନ୍ତୁ ଆଉ ଯେବେ ହୋଇଥିଲା ସୋଉଦିନ ରାତିରେ ଘରକୁ ଫେରି ତା'ର ସ୍ତ୍ରୀ ହାତରେ ଗୁଞ୍ଜି ଦେଇଥିଲା ଶହେ ଟଙ୍କିଆ ଖଣ୍ଡେ ନୋଟ୍ । ଟଙ୍କା ନ ପାଇଲେ, ପରଦିନ ସକାଳେ ଘର 'କ୍ରୋକ୍' କରିବାର ନୋଟିସ୍ ଦେଇ ଯାଇଥିଲା ମହାଜନ । ଛିଣ୍ଡା ହେଁସ ଉପରେ କ୍ଲାନ୍ତଭାବେ ଶୋଇ ପଡ଼ିଥିଲା ତା'ର ସ୍ତ୍ରୀ ।

ଆଉ ସାରା ରାତି ବସି ବସି ରହିମ୍ ଆଖିରେ ନିଦ ଆସି ନ ଥିଲା । ସେଇଦିନ ବୁଝିଥିଲା ସେ ପଇସାର କରାମତି । ତା'ର କେତେ ମାସ ପରେ ଜନ୍ମ ହୋଇଥିଲା ମୁବାରକ୍ ।

ରହିମ୍ ଉଠିଲା ।

ନାଁ—ପଇସାଟା ମାଗିନେବାକୁ ହେବ । ପଇସାରେ ଠିକ୍ ରହିମ୍ ପକ୍ଷରେ । ତା' ଜୀବନର ସବୁକିଛି ପଇସା ଦେଇ କିଣା ହୋଇ ପାରିଛି !

ମନେ ପଡ଼ୁଥିଲା ତା'ର ଦୋସ୍ତ ଅଜିଜ୍ କଥା ।

ଅଜିଜ ତିଆରି କରିଥିଲା କେତେଗୁଡ଼େ ଖେଳନା ଉଡ଼ାଜାହାଜ ମେଳା'ଲାଗି । ପୁଅ ତା'ର ଅଝଟ ହେଲା—ସବୁଟିକ ତା'ର ଦରକାର ।

Digitized by srujanika@gmail.com

ରାଗରେ ବାଉଁଶକଣ୍ଠା କଟୁରି ଧରି ଅଜିଜ୍ ଗୋଡ଼େଇ ଗଲା ପୁଅକୁ । ପ୍ରାଣ ବିକଳରେ ଧାଇଁ ଯାଉ ଯାଉ ପିଲାଟା ପଡ଼ିଲା ମାଲଭର୍ତ୍ତି ଟ୍ରକ୍ ଆଗରେ । ଆଜି ଚେଷ୍ଟାକରି ମଧ୍ୟ ମନ ଆଗରୁ ସେ ଭୟଙ୍କର ଦୃଶ୍ୟ ଆଡ଼େଇ ପାରିଲାନି ରହିମ ।

—"ଏଡ଼କି ଦୁଷ୍ଟ ତୁ ହେଲୁଣି । ଭିକାରୀଙ୍କ ଭଳି ରାସ୍ତାରୁ ସବୁରିଠାରୁ ଜିନିଷ ମାଗୁଚୁ । ରହ ତୋ ମଜା ବାହାର କରୁଚି ଆଜି । କିଏ କାଢ଼ିକି ନେଇଥିଲୁ ।" ଚିଡ଼ିକି ଉଠିଲେ ରହିମ୍ । ସେଇଟ୍ ଭିତରୁ ଜାକ ଧରି ଟାଣି ଆଣୁଥିଲେ ସେଇ ଗ୍ଲେଟ ପିଲାଟିକୁ ବୋଧେ ତା'ର ବାପା । ରୁକ୍ଷଭାବେ କାଠଘୋଡ଼ାଟା ରହିମ୍ ହାତରେ ଗୁଞ୍ଜି ଦେଲେ ସେ ।

—"ବନ୍ଧରେ ପଡ଼ିଥିଲା କାଠଘୋଡ଼ାରୁ ଜଣେ ଜାଣି ପାରୁଥିଲା ଘୋଡ଼ ଦୌଡ଼ରେ ଜିତିବା ଘୋଡ଼ା କଥା । ଯଦି ମୁଁ ଜାଣି ପାରନ୍ତି— ତେବେ କେତେ ଟଙ୍କା—ଖାଲି ଗୋଟିଏ ଥର ଯଦି— ।"

ପିଲାଟିର ଉଜ୍ଜ୍ୱଳ ଆଖିରେ ଲୁହ ନ ଥିଲା ।

ଯାହା ଥିଲା ରହିମ୍‌ର ତା' ଅଜଣା ନୁହେଁ । ତେବେ—ତେବେ ତା'ର ସବୁ ଧାରଣା ଭୁଲ୍ । ସବୁ ଭୁଲ୍ ।

ଦଡ଼ାମ୍ କରି ତା' ମୁହଁ ଉପରେ ଗେଟ୍‌ଟା ବନ୍ଦ କରିଦେଲେ ବାବୁ ଜଣକ । ସ୍ତବ୍ଧହୋଇ ଠିଆହୋଇ ରହିଲା—ଖେଳନାବିକାଳୀ ରହିମ୍ ମିଆଁ ।

Digitized by srujanika@gmail.com

ଗୋଟିଏ ପରାଜୟର କାହାଣୀ

ଗେଟ୍ ଖୋଲି ବାହାରକୁ ଆସିଲା ରାଜେନ୍ଦ୍ର ।

ଉଃ—ଲୋକଗୁଡ଼ାଙ୍କ ସାଙ୍ଗେ ବକ୍‌ବକ୍ କରି ଗଳା ଶୁଖିଗଲାଣି ମଣିଷର । ଅଥଚ ବିଷୟଟା ଯେ ସେମାନଙ୍କୁ ଠିକ୍ ଭାବରେ ସେ ବୁଝେଇ ପାରିଲା, ଏମିତି ମନେ ହେଉନି ତା'ର । ଘୁଡ଼ ପୁଣି ଯେତେବେଳେ ସେଇ ମୂଳରୁ ଆରମ୍ଭ କରିବାକୁ ହେବ, ବରଂ ଅଳ୍ପ ସମୟ ବିଶ୍ରାମ ନେଇ ମନକୁ ପ୍ରସ୍ତୁତ କରିଯାଉ ସେଥିପାଇଁ ।

"ପକେଟ୍‌ରୁ ସିଗାରେଟ୍ କେସ୍ କାଢ଼ି, ସେ ଖଣ୍ଡେ ସିଗାରେଟ୍ ବାହାର କଲା । ତା'ପରେ ପୁଣି ଥରେ ପକେଟ୍‌ରେ ହାତ ଦେଲା ଡିଆସିଲ୍ ପାଇଁ । କିନ୍ତୁ କ'ଣ ଗୋଟେ ଶବ୍ଦରେ ଚମକି ପଡ଼ି ଅଟକିଗଲା ସେ । ବୁଲି ଚାହିଁଲା ସେ ପଶ୍ଚିମ ଆଖିରେ ।

ପ୍ରାୟ ନିଃଶବ୍ଦରେ ଯୋଉ ଗାଡ଼ିଟା ଆସି ରହିଗଲା ତା' ପଛରେ, ଆଗରୁ କେବେ ଦେଖି ନ ଥିଲେ ବି, ଜାଣିବାକୁ ତା'ର କଷ୍ଟ ହେଉନି ଯେ ସେଇଟାର ଆମଦାନୀ ବିଦେଶରୁ । ଆଉ ଗାଡ଼ିର ଦରଜା ଖୋଲି ଡ୍ରାଇଭିଂ ସିଟ୍‌ରୁ ଯେଉଁ ଭଦ୍ରମହିଳା ଓହ୍ଲେଇ ଆସିଲେ, ତାଙ୍କୁ ଚିହ୍ନି ନ ପାରିଲେ ବି ରାଜେନ୍ଦ୍ରର କେଜାଣି କାହିଁକି ମନେହେଲା ଯେ, ଏହା ପୂର୍ବରୁ ତାଙ୍କୁ ଦେଖିଛି ସେ ।

—"ଆରେ ରାଜେନ୍ଦ୍ର ବାବୁ ଯେ ?" ଭଦ୍ରମହିଳା ଯେମିତି ଆଗ୍ରହୀ ଭାବରେ ଆଗେଇ ଆସିଲେ, ରାଜେନ୍ଦ୍ର ଟିକେ ଶଙ୍କିଗଲା ।

ସତ କଥା ତ ?

Digitized by srujanika@gmail.com

ସେମିତି ଗୋଟାଏ ଗାଡ଼ିରୁ ଓହ୍ଲେଇ ପଡ଼ି ଜଣେ ସୁଦୃଶ୍ୟା ମହିଳା ତାଙ୍କୁ ନାଁ ଧରି ପର୍ଯ୍ୟନ୍ତ ଡାକି ପାରିଲେନି, ଆଉ ସେ ? ଚିହ୍ନା ଚିହ୍ନା ଲାଗିଲେ ବି ଭଦ୍ରମହିଳାଙ୍କୁ ମୋଟେ ମନେ ପକେଇ ପାରୁନି । ଚୌଡ଼ା କଳା ଫ୍ରେମର କଳା ଚଷମାଟା ସେ କାଢ଼ିଲେ ଏଥର ! ସିଗାରେଟ୍ ଲଗାଇବା କଥା ଭୁଲି ରାଜେନ୍ଦ୍ର ନିରୀକ୍ଷଣ କରି ଦେଖୁଥିଲେ ତାଙ୍କୁ । କୋଉଠି ଆଗରୁ ସେ ଦେଖିଛି ତାଙ୍କୁ । କିନ୍ତୁ କୋଉଠି ? ଆଉ କ'ଣ !

ଏଥର ଭଦ୍ରମହିଳା ମୁଣ୍ଡରୁ ତାଙ୍କର କାଢ଼ିଲେ ବଡ଼ ସିଲ୍‌କ ରୁମାଲଟା । ରାଜେନ୍ଦ୍ରର ଆଖି ଆଗରୁ ବିସ୍ମୃତିର ପର୍ଦ୍ଦା ଉଠିଗଲା ଯେମିତି । ଏମିତି ନାଲି ରଙ୍ଗର ବାଳ, ଏମିତି ନିଳୀ ନିଳୀ ଆଖି ଆଉ ଏଇଭଳି ଚକ୍‌ଚକ୍ ଗୋରା ରଙ୍ଗ ।

—"କ'ଣ ଚିହ୍ନିପାରୁ ନାହାନ୍ତି ନା କ'ଣ ?" ବେଶ କୌତୁକରେ ଭଦ୍ରମହିଳା ହସି ପକେଇଲେ ।

—"ଠିକ୍ ଚିହ୍ନିଛି ମୁଁ—କିନ୍ତୁ ଆଶ୍ଚର୍ଯ୍ୟ ଲାଗୁଛି ଏଇଆ ଭାବି ଯେ ଆପଣ ବି ଚିହ୍ନି ପାରିଲେ ।" ରାଜେନ୍ଦ୍ର ସିଗାରେଟ୍‌ଟା ନେଇ ପୁଣି ରଖିଦେଲା କେସ୍‌ରେ ।

ପ୍ରକୃତରେ ଭଦ୍ରମହିଳାଙ୍କ ମୁଣ୍ଡ ଦେଖି ମନେପଡ଼ିଲା ତା'ର । ଆଗରୁ ତାଙ୍କ ମୁଣ୍ଡରେ ସେଇ ଯୋଡ଼ା ଦୁଇଟି ଲମ୍ବା ବେଣୀ ଥିଲା ଆଜି ଅବଶ୍ୟ ଆଉ ନାହିଁ । ତା'ର ସହପାଠିନୀ ଥିଲେ ଏଇ ଭଦ୍ରମହିଳା କଲେଜ ଜୀବନରେ । ସେ ଅନେକ ଦିନ—ତା' ପ୍ରାୟ କୋଡ଼ିଏ ବର୍ଷ ତଳର ଘଟଣା ।

—"ଆସନ୍ତୁ ଲିଫ୍‌ଟ ଦେବି । କୋଉଠିକି ଯିବେ ?" ସେ ଗାଡ଼ିର ଦରଜା ଖୋଲି ଧରିଥିଲେ ।

—"କ୍ଷମା କରନ୍ତୁ, କୋଉଠିକି ଯିବା ପାଇଁ ଅପେକ୍ଷା କରୁ ନ ଥିଲି ମୁଁ । କିନ୍ତୁ ଆପଣ ? ଆପଣ କୁଆଡ଼େ ଯାଉଛନ୍ତି ?"

—"ମୁଁ ଆସିଛି ଛୁଟିରେ । ଆପଣ ?" ସେ ପୁଣି ଗାଡ଼ିରେ ବସିଲେ ଯାଇ ।

Digitized by srujanika@gmail.com

—"ହଁ—ଏମିତି ଗୋଟେ କାମରେ ଆସିଥିଲି ।" ରାଜେନ୍ଦ୍ର ଗଳାକୁ ହାଲ୍‌କା କରି କହିଲା ।

—"କ'ଣ କରୁଚନ୍ତି ଆଜି କାଲି ?"

—"କ'ଣ ଆଉ ? ସମସ୍ତେ ଯାହା କରନ୍ତି । ସରକାରୀ ଚାକରୀ, ସ୍ତ୍ରୀଙ୍କ ପାଖରେ ବାବୁଗିରି ଆଉ ବଡ଼ଙ୍କ ପାଖରେ ଉମେଦାରୀ ।" ରାଜେନ୍ଦ୍ର ହସିଲା ଏଥର । କିନ୍ତୁ ଇଚ୍ଛା ଥିଲେ ବି ପ୍ରବୃତ୍ତି ହେଉଲାନି—ସେ କ'ଣ କରୁଚନ୍ତି ବୋଲି ।

—"ଆଚ୍ଛା—ଆସୁଚି ଆଜି । ପୁଣି କେବେ ଦେଖାହେବ । ନମସ୍କାର ।"

—"ନମସ୍କାର ।" ରାଜେନ୍ଦ୍ର ଗାଡ଼ିଟା ଅଦୃଶ୍ୟ ହେବା ଯାଏ ଚାହିଁଥିଲା । ତା' ପରେ ସିଗାରେଟ୍‌ଟା ପୁଣି ଥରେ କାଢ଼ି ଲଗାଇଲା ।

କ'ଣ ତାଙ୍କ ନାଁ ?

ନଳିମା—ଉହୁଁ—ପ୍ରତିମା—ହଁ ଅସୀମା । ଠିକ୍ ମନେ ପଡ଼ିଛି—ତାଙ୍କ ନାଁ ହେଲା ଅସୀମା ରାୟ ।

ଛାତ୍ର ଜୀବନ କଥା ମନେ ପଡ଼ିଲା ତା'ର ।

ଏଇ ଝିଅଟି ଥିଲା ତା'ର ସହପାଠିନୀ । ବେଶ୍ ହସ ଖୁସି ମିଜାଜ୍‌ର, ପୁଅମାନଙ୍କ ସାଙ୍ଗରେ ବି ଖୁବ୍ ମିଶି ପାରେ—ନର୍ତ୍ତପୂରେ, ନାଟକୋତ୍ସବରେ, ଲଢ଼େଇ ଝଗଡ଼ାରେ । ଖାଲି ଆଶ୍ଚର୍ଯ୍ୟଜନକ ଥିଲା ଗୋଟିଏ କଥା । ତାଙ୍କ ଘର କେଉଁଠି ବା ବାପାଙ୍କ ନାଁ କ'ଣ—ଏସବୁ ଜାଣିବାର ସୌଭାଗ୍ୟ କେବେହେଲେ କାହାରି ହୋଇ ନ ଥିଲା । ରହୁଥାଏ ହଷ୍ଟେଲରେ । ମଝିରେ ମଝିରେ ଦେଖା ସାକ୍ଷାତ କରିବାକୁ ଯେ ଆସୁଥିଲେ, ସେ କୁଆଡ଼େ ତା'ର ଭଉଣୀ । ଅବଶ୍ୟ ସେ ବିଷୟରେ ସେତେବେଳେ ବି କଳ୍ପନା ଜଳ୍ପନା ଓ ତଥ୍ୟ ଅନୁସନ୍ଧାନର ଅଭାବ

Digitized by srujanika@gmail.com

ନ ଥିଲା । ଅନେକ ବର୍ଷ ତଳର କଥା ବୋଲି, ଆଜି ଆଉ ମନେ ନାହିଁ ସେ କଥା । ରାଜେନ୍ଦ୍ର ସିଗାରେଟ୍‌ଟା ଶେଷ କରି ଫିଙ୍ଗିଦେଲେ । ନାଁ—ଆଜି ସମସ୍ତ ନଷ୍ଟ କରିବା ଉଚିତ ନୁହେଁ । ବରଂ କାମଟା ଶେଷ କରି-ଯାଉ । ଅସୀମା—ତା'ର ସହପାଠିନୀ ଅସୀମା ରାଏ କଥା ଆପାତତଃ ଚିନ୍ତା କରିବାର ଆଉ ସମୟ ନାହିଁ ତା'ର । ହୁଏତ କେତେ ଦୂରରେ ଯାଇ ପହଞ୍ଚିବଣି ସେ ।

ଅସୀମା ରାଏ ଗେଷ୍ଟ ହାଉସ୍‌ର ପୋର୍ଟିକୋରେ ଗାଡ଼ି ଥୋଇ ଦେଇ ଓହ୍ଲାଇ ପଡ଼ିଲେ । ଗାଡ଼ିରୁ ସୁଟକେଶଟା ନେଇ ତା'ର ଭିତରୁ ବାହାରକଲେ ରୁମ୍‌ର ଚାବିଟା । ତା'ପରେ ଖୋଲିଲେ ରୁମ୍‌ଟା । ଭିତରକୁ ଯାଇ ଠିଆ ହେଲେ ଡ୍ରେସିଂ ଟେବୁଲ ଆଗରେ । ପ୍ରକାଣ୍ଡ ବଡ଼ ଦର୍ପଣରେ ଘୁରି ଘୁରି ଦେଖୁଥିଲେ ସେ । ଦେଖୁଥିଲେ ନିଜକୁ ସେଇ ରହସ୍ୟମୟୀ ଅସୀମା ରାଏ ।

ଇସ୍—ଗାଲ ଦି'ଟା କେଡ଼େ ଲାଲ ଦିଶୁଛି ?

ମନେ ପଡ଼ୁଛି, ପିଲା ଦିନେ ସମସ୍ତେ କହୁଥିଲେ—ମାନ'ଲର ଆପଲ୍ ଭଳି ଗାଲ ତାଙ୍କର—ସେମିତି ଲାଲ୍ ଆଉ ଚିକ୍କଣ । ଆଖି ଦି'ଟା କେମିତି ଗଭୀର ମନେହେଉ, ସତେ ଯେମିତି ସାଗର ଭଳି ଅତଳ ତା'ର ଦୃଷ୍ଟି । ଚକ୍ ଚକ୍ ମାଠିଆ ଡେଲା ଭିତରେ ନୀଳ ଦୁଇଟି ଆଖିର ତାରା । ବାନ୍ଧବୀ ମାନେ କହୁଥିଲା ନାଁ ? ପଦ୍ମକେଶର ଉପରେ ନୀଳ ଭ୍ରମର ଭଳି । ଓଠ ଦି'ଟା ନିବୁଜ ଭାବରେ ପରସ୍ପର ଉପରେ ଚୁପି ବସିଛି, ହୁଏତ ଓଠ ଖୋଲିଲେଇ ଝରି ପଡ଼ିବ ମୁକ୍ତା ଭଳି ଦାନ୍ତ । ଆଜି ସେଇ ଓଷ୍ଠରେ ବନ୍ଦ କରି ରଖିବାକୁ ହେଉଛି । କେମିତି ବିସ୍ମିତ ଆଖିରେ ଘୁରି ଘୁରି ଦେଖୁଥିଲା ଅସୀମା ନିଜକୁ । ମାତ୍ର ତ—କୋଡ଼ିଏ ବର୍ଷ ତଳର ସେ ଆଉ ବର୍ତ୍ତମାନର ସେ—ପରିବର୍ତ୍ତନ କ'ଣ ଖୁବ୍ ବେଶୀ ହୋଇଛି ?

ଅଥଚ ପରିବର୍ତ୍ତନ ହେବା ଲାଗି କୋଡ଼ିଏଟା ବର୍ଷ ତ ଯଥେଷ୍ଟ ବେଶୀ ସମୟ । ହେଇଛି ସେ ଦିନ ଦେଖା ହୋଇଥିଲା ତା'ର ରୁଷୀ

Digitized by srujanika@gmail.com

ଜୀବନର ବାନ୍ଧବୀ ମୀନା ସାଙ୍ଗରେ । ସମୁଦ୍ର କୂଳରେ ପ୍ରାପ୍ତ ଅଧିଓର୍ଜନେ ପିକ୍‌ନିକ୍‌ର ମେଳରେ ମୀନାକୁ ଦେଖି ସେ ତ ସହଜରେ ଚିହ୍ନି ପାରି ନ ଥିଲା । ଚିହ୍ନିଲା ବେଶ୍ କିଛି ପରେ । ପିଲା ଦିନର ସେଇ ଉଦଣ୍ଡୀ, ଜିଦଖୋର୍ ମୀନା—କେତେ ଗମ୍ଭୀର ହୋଇଯାଇଛି, କେତେ ଧୀରସ୍ଥିର, ଅସୀମାକୁ ନେଇ ଚିହ୍ନା କରେଇ ଦେଲା,—"ମୋର ସ୍ୱାମୀ" ବୋଲି ସୋଉ ଭଦ୍ରଲୋକଙ୍କୁ, ତାଙ୍କର ଦୃଷ୍ଟି ଅନୁଭବ କରି ମୁହଁ ଫେରାଇ ନେବାକୁ ବାଧ୍ୟ ହେଲା ଅସୀମା । ଆଜି ଇଚ୍ଛା କରି, ଅଦୂରରେ ଠିଆ ହୋଇ-ଥିବା ନିଜର ସାଥୀ ଫିଟ୍‌ଫାଟ୍ ଯୁବକଙ୍କୁ ମୀନା ସାଥିରେ ପରିଚୟ କରେଇ ଦେବାର ପ୍ରଶ୍ନ ବି ଉଠେଇଲାନି ସେ । ଅବଶ୍ୟ ଉପଯୁକ୍ତ ବି ନ ଥିଲା । ସେ ତ ତା'ର ସ୍ୱାମୀ ନୁହନ୍ତି ! ଯଦିଓ ହେବାରେ ତାଙ୍କର ଆପତ୍ତି ନାହିଁ, ହେଲେ ବରଂ ଜୀବନକୁ ଧନ୍ୟ ମନେ କରିବେ ସେ । ଯେତେ ଆପତ୍ତି ଖାଲି ଅସୀମାର ।

—"ତମର ସ୍ୱାମୀ—ଏଇ ମୋର ଏକମାତ୍ର ପରିଚୟ ନୁହେଁ ସୁଜାତା ।"

ମୀନର ସ୍ୱାମୀଙ୍କ କଥା କେତେବେଳେ କାନରେ ବାଜି ଧ୍ୟାନ ଭାଙ୍ଗିଲା ଅସୀମାର ।

—"ଅସୀମା ଦେବୀ, ମୁଁ ବିଜୟ ଚୌଧୁରୀ । ଆଇ. ଏ. ଏସ୍ ହେଲାପରେ ଭଲ ପାତ୍ର ଭାବରେ, ଆପଣଙ୍କ ବାନ୍ଧବୀ ମୀନାର ସ୍ୱାମୀ ହେବାର ସୌଭାଗ୍ୟ ଅର୍ଜନ କରିବାର ବାର ତେର ବର୍ଷ ବିତି ଗଲାଣି ।"

ବିଜୟ ବାବୁ କେଜାଣି କାହିଁକି ପୁଣି ଥରେ ନମସ୍କାର କଲେ ।

—"ଆଚ୍ଛା ପୁଣି କେବେ ଦେଖା ହେବ" କହି ନିଜର ସାଥୀଙ୍କ ନିକଟକୁ ଫେରି ଆସୁ ଆସୁ ଅସୀମା କାନରେ ବାଜୁଥିଲା—

—"ମୋତେ ଏମିତି ଭାବରେ ଅପମାନିତ ନ କରି ଥିଲେ କ'ଣ ଚଳି ନ ଥାନ୍ତା ?"

Digitized by srujanika@gmail.com

ମୀନାର କାନ୍ଦ କାନ୍ଦ କଥା ।

—"ଚଳିଥାନ୍ତା—ଯଦି ବହୁ ବର୍ଷ ପରେ ପୁଣି ଥରେ ମନେ ପଡ଼ି ନ ଥାନ୍ତା ଯେ ଜୀବନରେ କେତେ ବେଶି ବଞ୍ଚିତ ହୋଇଛି ମୁଁ ।"

ଅସ୍ପଷ୍ଟ ସ୍ୱରରେ ଶୁଭିଲେ ବି, ରଜତ୍ ବାବୁଙ୍କ କଥା ଶୁଣି ବିବ୍ରତ ବୋଧ କଲା ଅସୀମା ।

ଆଜି ବହୁ ବର୍ଷ ପରେ ଆଜି ଦେଖା ରାଜେନ୍ଦ୍ର ସାଙ୍ଗରେ । କଲେଜ ଦିନର ସହପାଠୀ ରାଜେନ୍ଦ୍ର ଆଜି ଆଜିର ରାଜେନ୍ଦ୍ର—ଆଶ୍ଚର୍ଯ୍ୟର କଥା ଯେ ସେ ଚିହ୍ନି ପାରିଲା । ମୁଣ୍ଡର ବାଳ ଅଧିକରୁ ବେଶି ପାଚି ଗଲାଣି; କପାଳରେ, ଆଖି କୋଣରେ ଚିନ୍ତାର ସ୍ପଷ୍ଟ ବଡ଼ ଗାର । ଜଣେ ଦାୟିତ୍ୱସମ୍ପନ୍ନ ଅଫିସର ରାଜେନ୍ଦ୍ର ପ୍ରଧାନ ।

ଏଇ ରାଜେନ୍ଦ୍ର ଯେ ସେଇ ରାଜେନ୍ଦ୍ର—ଯେ ଛାତ୍ର ଜୀବନରେ ଲାଇବ୍ରେରୀରେ ଇନଷ୍ଟ୍ରୁମେଣ୍ଟ ବକ୍ସ ମାଗିଲେ ସେଥିରେ ଚକୋଲେଟ୍ ଭର୍ତ୍ତି କରି ଦେଉଥିଲା—ଚିନ୍ତା କରି ହୁଏନା । ବରଂ ତାକୁ ଚିନ୍ତା କରିବା ସହଜତର—ଗୋଟିଏ ସାଧାରଣ ମଧ୍ୟବିତ୍ତ ପରିବାରର ଗୃହସ୍ଥ ଭାବରେ । ଅଫିସ୍‌ରେ କାମ ବ୍ୟାପାରେ ବ୍ୟସ୍ତ, ସାହିରେ ପଡ଼ୋଶୀଙ୍କ ଜ୍ୱାଳାରେ ବିବ୍ରତ ଆଉ ଘରେ ବିରକ୍ତ ଘରଣୀଙ୍କ ସଂଖ୍ୟାହୀନ ବିବାଦ୍, ଦାବି ଆଉ ଫରମାଇସ୍‌ରେ । ଦର୍ପଣ ଆଗରୁ ଘୁଞ୍ଚିଗଲା ଅସୀମା । ତା' ପରେ ଅନ୍ୟମନସ୍କ ଭାବରେ ଯାଇ ବସିଲା । କୁସନ୍‌ଲଗା ଡେକ୍ ଚେୟାର୍‌ଟାରେ ।

ଝରକା ଦେଇ ଦିଶୁଥିଲା ରାସ୍ତା ।

କିନ୍ତୁ ଚିନ୍ତିତ ଆଖି ତା'ର ସେ ସବୁ କିଛି ଦେଖିଲାନି । ରାସ୍ତାର ଗାଡ଼ି ମଟର, ଜନସମାଗମ ଆଡ଼େ ଚାହିଁଥିଲେ ବି ଅସୀମା ଭାବୁଥିଲା ସେଇ ମୁହୂର୍ତ୍ତ କଥା । ସେ ଥିଲା ଆହ୍ଲାଦପ୍ରାପ୍ତ, ତା' ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ସେ ଭାବୁଥିଲା ଜଣକ କଥା, ଦୁନିଆର ଏତେ ଲୋକଙ୍କ ଭିତରୁ ଖୋଜି ଜଣକୁ ସେ ବାଛିଛି ନିଜର କରିବାକୁ ।

Digitized by srujanika@gmail.com

ମାନସ କଥା ତା' ମନର ଆଖି ପାଖରେ ଘୂରି ବୁଲୁଥିଲା—ମାନସରଞ୍ଜନ । ନାଁ, ମାନସକୁ ସୁନ୍ଦର ବା ସୁପୁରୁଷ କୁହାଯିବନି । ହୁଏତ କହି ହୋଇଥାନ୍ତା ଯଦି ଅତି ବୁଦ୍ଧିର ତୀକ୍ଷ୍ଣତାରେ ସେତେ ଦୃଢ଼ ଆଉ ଟିକେ ନ ଦିଶନ୍ତା ତା' ମୁହଁ । କିନ୍ତୁ ବିଚିତ୍ର ଅସୀମା ! ସେଇ ଅସୀମା ବହୁ ଆବେଦନ ନିବେଦନ, ବହୁ ପ୍ରଲୋଭନ ଆଉ ଉପଢୌକନ ଯାହାର ମନରେ ରେଖାପାତ ବି କରି ପାରି ନ ଥିଲା—ସେଇ ଅସୀମା ପ୍ରଥମ ଦୃଷ୍ଟିପାତରେଇ ଆହତ ହେଲା । ଆହତ ହେଲା ମାରାତ୍ମକ ଭାବରେ, ମାନସରଞ୍ଜନଙ୍କ ସେଇ ଗଭୀର ଆଖିର ତୀକ୍ଷ୍ଣ ଦୃଷ୍ଟିରେ । ମାନସର ଦୃଷ୍ଟି ଅସୀମାକୁ, ଅସୀମା ମନ ଭିତରର ସବୁଠାରୁ ଗୁପ୍ତ କାମନାକୁ ସତେ ଯେମିତି ଟାଣି ବାହାର କଲା ।

ତା'ର ଆଖିର ଦୃଷ୍ଟି ଅନୁଭବ କରି ଯେଉଁଦିନ ଅସୀମା ଆଖି ଫେରାଇ ନେଇଥିଲା, ସେଇଦିନ ଏ କଥା ବୁଝିବାକୁ ଆଉ ତା'ର ବାକି ରହିଲାନି ଯେ, ତା' ମନର ଗଭୀରତମ ପ୍ରଦେଶର ପ୍ରତିଟି ଆଲୋଡ଼ନ ମାନସ ଦେଖି ପାରିଛି । ମାନସ ନିଶ୍ଚୟ ଜାଣି ପାରିଛି ଯେ ତା'ର ଯେ କୌଣସି ଇଚ୍ଛା ପୂରଣ କରିବାକୁ ଅସୀମା ଯେ କୌଣସି କାମ କରିପାରେ ।

ଅସୀମା ଜାଣି ପାରିଥିଲା—ତା' ମନର ମଣିଷର ଦେଖା ପାଇଛି ସେ, ଶେଷ ହୋଇଛି ତା'ର ସନ୍ଧାନର, ତାର ପ୍ରତୀକ୍ଷାର । ବେଶ୍ କିଛି ଦିନ ଧରି ସେଇ ଅନୁଭବର ଆବେଗରେ ଅନ୍ୟମନସ୍କ ହୋଇ ପଡ଼ିଲା ସେ । ରହି ରହି ବିସ୍ମିତ ଭାବରେ ନିଜକୁ ସେ ପ୍ରଶ୍ନ କରୁଥିଲା—ଏମିତି କାହିଁକି ହୁଏ ?

ତା' ଜୀବନରେ ପୁରୁଷ ସଙ୍ଗୀ ଅଭାବ ନ ଥିଲେ । ତାକୁ ଏକାନ୍ତ ଭାବରେ ନିଜର କରି ପାଇବାକୁ କାମନା କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ନଗଣ୍ୟ ନୁହେଁ । ସେମାନଙ୍କ ମଧ୍ୟରୁ ଅନ୍ତତଃ କେତେଜଣଙ୍କୁ ଶ୍ରୀମନ୍ତ, ସୁପୁରୁଷ, ସମ୍ଭ୍ରାନ୍ତ ଆଉ ସବୁ ଦିଗରୁ ଉପଯୁକ୍ତ କୁହା ଯାଇ ପାରିବ । ଅଥଚ ସେମାନେ କେହି ତା' ମନରେ ରେଖାପାତ ବି କରି ପାରି ନ ଥିଲେ । କିନ୍ତୁ ଏଇ ଜଣକ ପ୍ରଥମ ସାକ୍ଷାତରେ ବଦଳେଇ ଦେଲା ତା' ଜୀବନର ଗତି ।

Digitized by srujanika@gmail.com

ଅନ୍ୟମନସ୍କ ଆଖି ତା'ର ଘଣ୍ଟା ଉପରେ ପଡ଼ିବା କ୍ଷଣି ମନ ତା'ର ଚଞ୍ଚଳ ହୋଇ ଉଠିଲା । ସର୍ବନାଶ ସାତଟା ବାଜିଲା ଯେ !

ମାନସ ସହିତ ତା'ର ଦେଖା କରିବା କଥା ସାଢ଼େ ସାତଟାରେ । ସମୁଦ୍ର କୂଳରେ ସେଇ ଗ୍ରେଟ ରେଷ୍ଟୁରାଣ୍ଟ୍‌ରେ ସେ ଅପେକ୍ଷା କରୁଥିବ । ଅସୀମାକୁ ସେ ନିମନ୍ତ୍ରଣ କରିଥିଲା ରାତି ଭୋଜନ ଲାଗି, ନା—ପ୍ରସ୍ତୁତ ହେବା ଦରକାର, ଉଠିଲା ଅସୀମା ।

ଜଣେ ପୁରୁଷବନ୍ଧୁଙ୍କ ସଙ୍ଗେ ରାତିଭୋଜନ ଅସୀମା ପକ୍ଷରେ ନୂଆ ନୁହେଁ । ମାନସର ନିମନ୍ତ୍ରଣରେ ମଧ୍ୟ କୌଣସି ବୈଶିଷ୍ଟ୍ୟ ନ ଥିଲା । କିନ୍ତୁ ଅସୀମା କେଜାଣି କାହିଁକି ଅନୁଭବ କରିଥିଲା—ଆଜି ଏଇ ସନ୍ଧ୍ୟାରେ ଦୁଇଟି ମନ ନବଭରଣ ହେବ—ଦୁଇଟି ପ୍ରାଣ ଗୋଟିଏ ଇଚ୍ଛା, ଗୋଟିଏ କାମନାରେ ଏକ ହୋଇଯିବ । ସେ ଆଜି ମାନସଠାରୁ ଶୁଣିବ ବହୁ ଆକାଂକ୍ଷିତ ସେଇ କେତେଟି କଥା, ଯାହାର ଉତ୍ତରରେ ସେ ତା'ର ମନର ମଣିଷ ଆଗରେ ଖୋଲି ଧରିବ, ନିଜ ବୁକୁ ତଳର ଅକୁହା କଥା ।

ଶାଢ଼ୀ ଖଣ୍ଡିଏ ଖୋଜିବାକୁ ଯାଇ ଅସୀମା ସମ୍ମୁଖୀନ ହେଲା ପ୍ରଥମ ଦ୍ୱନ୍ଦ୍ୱର । ଆଚ୍ଛା, ନୀଳ ରଙ୍ଗର ଏଇ ଜର୍ଜେଟ୍ ଶାଢ଼ୀଟା ପିନ୍ଧିବ, ନା ଗୁଆ ଟେରେଲିନ୍‌ଟା ? ନୀଳ ଶାଢ଼ୀର ଗାଢ଼ ନୀଳ ବ୍ଲାଉଜ୍‌ଟା ହାତରେ ଧରି ଅସୀମା ମୁହଁରେ ହସ ଫୁଟିଲା । ପ୍ରଥମ ଯୋଉ ଦିନ ଶାଢ଼ୀଟା ପିନ୍ଧିଥିଲା ସେ, ସେ ଦିନ ରଜନୀକାନ୍ତ ସହିତ ତା'ର ସିନେମା ଯିବାର ଥିଲା । ପ୍ରକୃତରେ ଶାଢ଼ୀଟା ବି ସେଇ ରଜନୀକାନ୍ତ ଆଣି ଦେଇଥିଲା ।

—"ଜାଣିଚ ଅସୀମା ! ତୁମ ଆଖିର ତାରା ଅନ୍ୟମାନଙ୍କ ଭଳି ନୁହେଁ, କେମିତି ନୀଳ ରଙ୍ଗର । ସତେ ଯେମିତି—ସେଇ ନୀଳ ପ୍ରତିଫଳିତ ହେଉଚି ଏଇ ଶାଢ଼ୀଟାରେ । ତମେ ମୋର ନୀଳପରୀ ?"

ତା' କଥା ଶୁଣି ସେଦିନ ହସି ଉଠିଥିଲା ଅସୀମା ।

Digitized by srujanika@gmail.com

—"ସତେ ! ଅବଶ୍ୟ ମାଳପଣ ହେବାକୁ ଆପତ୍ତି ନାହିଁ ମୋ'ର, ଯଦି ଆପଣ ଆଶା କରି ନ ବସନ୍ତି ଯେ ଉଡ଼ି ଯାଇ ବରଣମାଳା ମୁଁ ଆପଣଙ୍କର ଗଳାରେ ଦେବ ।"

ଆଜ ପୁଣି ଥରେ ହସିବାକୁ ହେଲା ଅସୀମାକୁ—ସେଇ କଥା ମନେ ପଡ଼ି । କେମିତି ଶେତା ହୋଇ ଯାଇଥିଲା ବିଚାରା ରଜନୀକାନ୍ତ ।

ନାଁ, ଏ ଦୁଇଟାରୁ କୌଣସିଟା ପିନ୍ଧିବନି ସେ । ସେ ପିନ୍ଧିବ—ହାତ ତା'ର ଥାକରି ତଳଆଡ଼୍ଟିଣି ,ଆଣିଲା ଚନ୍ଦ୍ରଚୁଡ଼ା, ସବୁଜମା ଧଡ଼ି, ଧଳା ଶାଢ଼ୀ ଖଣ୍ଡକ । ଏଇଟି ପିନ୍ଧିବ ସେ । ନିଜ ରୋଜଗାରର ଟଙ୍କାରେ, ନିଜେ ବାଛି ପ୍ରଦର୍ଶନୀରୁ କିଣିଥିଲା ସେ ।

ତା' ପରେ ଅଳଙ୍କାର ? ପଥରବସା ଏଇ ସେଟ୍‌ଟା, ନା ତାରକସି କାମର ଏଇଟା ? ଏ ଦ୍ୱନ୍ଦ୍ୱର ସମାଧାନ କରିବାକୁ ବେଶ୍ କିଛି ସମୟ ଲାଗିଲା ତା'ର । ପଥର ବସା ଏ ସେଟ୍‌ଟା—ଶୁଣିଚି ଭାରି ଦାମୀକା । ମନୋହର ଅଗରୱାଲ୍ କହିଥିଲା—ସେଇଟା ତା'ର ପୈତୃକ ସମ୍ପତ୍ତି । ଅସୀମା ସେଇଟା ଜନ୍ମଦିନର ଉପହାର ରୂପେ ଗ୍ରହଣ କଲେ ବି ଚେତାଇ ଦେଇଥିଲା—

—"ମୋର କିନ୍ତୁ ଆପଣଙ୍କର ସମ୍ପତ୍ତି ହେବାର କୌଣସି ଇଚ୍ଛା ନାହିଁ ମନୋହର ବାବୁ ।"

ଆଉ ତାରକସି ସେଟ୍‌ଟା—ପ୍ରକାଣ୍ଡ ଅଳଙ୍କାର ଦୋକାନୀ ଗୋବିନ୍ଦଲାଲ ଶେଠ୍‌ର ଉପହାର ।

ନାଁ, ଏଗୁଡ଼ା ବି ପିନ୍ଧିବନି ସେ । ତା' ପରେ ଅଳଙ୍କାର ପିନ୍ଧିବାର ଆବଶ୍ୟକତା କାହିଁ ? ଦି' ହାତରେ ପାତଳା ଦି' ଦି' ପଟି ଚୁଡ଼ି—ବେଶ୍ ସୁନ୍ଦର ଦିଶୁଚି ତ । ସେଗୁଡ଼ା ତା'ର ନିଜ ରୋଜଗାରରୁ । ଅଫିସ୍‌ରେ ବେଶ୍ ବଡ଼ ଧରଣର ଚାକିରି କରେ ସେ ।

ମାନସ ପାଖକୁ ଗଲାବେଳେ ସେ ଭାବୁଥିଲା—କେବଳ ନିଜକୁ ନେଇଯିବ ସେ । ଅନ୍ୟ କୌଣସି ସ୍ମୃତି, ଅନ୍ୟ କାହାର କାମନାର ପ୍ରତୀକ ନେଇ ମାନସକୁ ଭେଟି ପାରିବନି ସେ । ତା' ପରେ ଯଦି ମାନସ

Digitized by srujanika@gmail.com

ତାକୁ ଗ୍ରହଣ କରିବାକୁ ଚାହିଁବ, ସେ କେବଳ ଅସୀମାକୁ କାମନା କରିବ ସିନା; ତାର ଅଳଙ୍କାର, ପ୍ରତିପତ୍ତି ବା ସମ୍ପତ୍ତିକୁ ନୁହେଁ ନିଶ୍ଚୟ !

ଅସୀମା ଘୁମ୍‌ଟା ଟାଣି ପକାଇ ପୁଣି ବାହାରିଗଲା ।

ତା' ପରର କାହାଣୀ ସଂକ୍ଷିପ୍ତ ।

ରେଷ୍ଟୁରାଣ୍ଟରେ ଖିଆ ସରିଲା, ମାମୁଲି କଥାବାର୍ତ୍ତା ଭିତରେ । ସମୁଦ୍ର କୂଳର ଅପେକ୍ଷାକୃତ ନିର୍ଜନ ଗୋଟିଏ ଜାଗାରେ ବସି ମାନସ କହିଲା—

—"କିନ୍ତୁ ତୁମର ଆଜି ଇଏ କି ବେଶ ଅସୀମା ? ହାତ, ବେକ ଖାଲି, ଦେହର ଶାଢ଼ୀଟା ବି—କ'ଣ ହୋଇଛି ତମର ? ଦେହ ଭଲ ଅଛି ତ ?"

ଅସୀମା ସ୍ତବ୍ଧ ହୋଇଗଲା ।

କେମିତି ଜଡ଼ତା ଅନୁଭବ କଲା ସେ, ହାତ ଗୋଡ଼ରୁ ସତେ ଯେମିତି ଜୀବନ ଚାଲି ଯାଉଛି । କ'ଣ କହିବାକୁ ଚାହେଁ ମାନସ ?

—"ଆମ ପରିବାର ଏ ଅଞ୍ଚଳର ଖୁବ୍ ସମ୍ଭ୍ରାନ୍ତ ପରିବାର—ଶୁଣିଥିବ ନିଶ୍ଚୟ । ମୋର ଆତ୍ମୀୟ ସ୍ୱଜନ ସମସ୍ତଙ୍କ ଇଚ୍ଛା ଯେ—ମୁଁ ସେଇ ସମ୍ଭ୍ରାନ୍ତ ବଜାୟ ରଖେଁ । ଅଥଚ—ମୋ ସାଙ୍ଗରେ ବାହାରିବାକୁ ଆଜି ତୁମର ଏଇ ବେଶ, ପ୍ରକୃତରେ ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଛି ଅସୀମା !"

—"ତୁମଠାରୁ ମୁଁ ଆହୁରି ବେଶି ଆଶ୍ଚର୍ଯ୍ୟ ହୋଇଛି ମାନସ—ଆହୁରି ଅନେକ ବେଶି" ଅସୀମା ହସି ଉଠିଥିଲା । ହସର ବେଦମ୍ ଜୁଆରରେ ଆତ୍ମହରା ହୋଇ ମାନସର ଅନ୍ୟ କୌଣସି କଥା ତା' କାନରେ ପଡ଼ିଲାନି, ମନ ଛୁଇଁବା ତ ଦୂରର କଥା ।

Digitized by srujanika@gmail.com

ଗୋଟିଏ ଅଲୌକିକ ଘଟଣା ସମ୍ପର୍କରେ

ହସିବାକୁ ଇଚ୍ଛା ହେଲା ।

ମନେ ହେଲା ସବୁରିଙ୍କ ଚମକେଇ ଦେଇ, ତାଙ୍କ ମୁହଁ ଉପରେ ହସିଦେବି । ହସିଦେବି—ଖିଲ୍ ଖିଲ୍ କରି, ମନ ଖୋଲି ହସ । କିନ୍ତୁ ହସି ହେଲିନି ।

ଆଶ୍ଚର୍ଯ୍ୟର କଥା ହେଲେ ବି ବୁଝି ପାରିଲି । ଜୀବନରେ ଏମିତି ସମୟ ବି ଆସେ ଯେତେବେଳେ ଇଚ୍ଛା ଥିଲେ ବି ମଣିଷ ମନ ଖୋଲି ହସି ପାରେନି ।

କିନ୍ତୁ ହସିବାର, ହସ ମାଡ଼ିବାର ଯେ ଅନେକ କାରଣ ଥିଲା—ଏକଥା କହିବା ବାହୁଲ୍ୟ ମାତ୍ର । କାରଣ—ଯାହା କଥା ସେ ପଚାରିଲେ, ତାକୁ ଅନ୍ତତଃ କିଛୁଟା ସେ ଚିହ୍ନିଥିବା ମୁଁ ଆଶା କରିଥିଲି । ସେଇ ଝିଅଟି—ଯେ ଖୁବ୍ ରଙ୍ଗଢଙ୍ଗିଆ ସାଟ୍ ପ୍ୟାଣ୍ଟ ପିନ୍ଧି ଆସୁଥିଲା ଆଉ ତା' ସୌନ୍ଦର୍ଯ୍ୟ ଯାହାର ନରମ ଦେହ ବକ୍ଷ ସ୍ଥଳରେ ଆଦୌ ସନ୍ଦେହର ଅବକାଶ ନ ଥିଲା—ସେ ପଚାରିଲେ ତା'ରି କଥା । ସେଇ ଝିଅଟି କଥା—ଯାହା କଥା ପଚାରୁଥିଲେ ସମଗ୍ର ଅଫିସ୍‌ର ଅଧିକାଂଶ ଲୋକ । ଆଉ ଯାହା ଶୁଣିଥିଲି ତା' ଯଦି ସତ ହୋଇଥାଏ—ତା ହେଲେ ହସ ନ ମାଡ଼ିବ କେମିତି ?

—"ଝିଅଟି କିଏ ?" ପ୍ରଶ୍ନ କରି, ପ୍ରଶ୍ନକର୍ତ୍ତା ଖୁବ୍ ଗମ୍ଭୀର ଭାବରେ ଚାହିଁ ରହିଥିଲେ—ମନେହେଲା, ଉତ୍ତରର ଅପେକ୍ଷା କରୁଛନ୍ତି ସେ ।

—"ଆପଣ ଚିହ୍ନନ୍ତିନି ତାକୁ ?" ଗମ୍ଭୀର ସ୍ୱରରେ ମୁଁ ଓଲଟା ପ୍ରଶ୍ନ କଲି ।

Digitized by srujanika@gmail.com

କ'ଣ ଉତ୍ତର ଦେବେ ସେ ?

ହୁଏତ କହିବେ—"ଆଗରୁ ଦେଖିଛି ହୁଏତ, ତେବେ ମନେ ପଡୁନି ।" ଅବା କହି ପାରନ୍ତି—"ନାଁ ଚିହ୍ନିନି, ଚିହ୍ନିବାକୁ ଚାହେଁ ।"

ସତରେ କ'ଣ ମୁଁ ଆଶା କରିଥିଲି ଯେ ସେ କହିବେ—"ହଁ ଚିହ୍ନିଛି । ଗତକାଲି ସନ୍ଧ୍ୟାରେ ଅନ୍ତରଙ୍ଗ ହେବାକୁ ବି ଚେଷ୍ଟା କରିଥିଲି । କିନ୍ତୁ ତା'ର ଫଳାଫଳ ସ୍ୱରୂପ ହାତର ଏଇଁ ଖଣ୍ଡିଆ ଆଉ ଗାଲରେ ଚଟି ମାଡ଼—ଅବଶ୍ୟ ତା'ର ଚିହ୍ନ ନାହିଁ ।"

ନାଁ—ସେମିତି କିଛି ସେ କହିବେନି ବୋଲି ମୁଁ ଜାଣିଥିଲି, ସେ ବି ସେମିତି କିଛି କହିଲେନି । ତଥାପି ଠିକ୍ ଏଇଆ ଘଟିଥିବାର ବେଶ୍ ମୁଖରୋଚକ, ଚମକପ୍ରଦ ବର୍ଣ୍ଣନାର ଗୁଞ୍ଜନ—ଏ ମଧ୍ୟରେ ଅଫିସ ସାରା ଉଠିଚି । କିନ୍ତୁ କଥାଟା ସତ ହେଉ ବା ନ ହେଉ ସେ କଥା ଯେ କହିଲେନି ।

ବରଂ କ'ଣ ଗୋଟାଏ ଫାଇଲ୍ ପଢ଼ିବାରେ ମନ ଦେବାର ଛଳନା କରି ସେ ଉତ୍ତର ଦେଲେ—

—"ନାଁ—ଚିହ୍ନି ଥିଲେ ପଚାରନ୍ତି କାହିଁକି ?"

ସତରେ ତ !

କେଡ଼େ ନିର୍ଦ୍ଦୋଷ, ନିରୀହ ଅଥଚ ଭଦ୍ର, ସୌଜନ୍ୟପୂର୍ଣ୍ଣ କଥା କେତେଟା ! ଏ କଥା ଶୁଣିଲେ, ଏ ଚେହେରା ଦେଖିଲେ—କିଏ ବା କାହିଁକି ସନ୍ଦେହ କରନ୍ତା—ଏହି ଘୋଡ଼ଣି ତଳେ ଅଛି—ସେ ଯୋଉ୍ ଅନ୍ୟ ଚେହେରାଟାର କଥା ! ମୁଁ କିନ୍ତୁ ବହୁ କଷ୍ଟରେ ହସ ସମ୍ବରଣ କଲି । କାରଣ—ସେ ଅନ୍ୟ ରୂପଟା ପ୍ରତ୍ୟକ୍ଷ ଭାବରେ ଦେଖିବାର ଦୁର୍ଭାଗ୍ୟ ନ ହୋଇଥିଲେ ବି ତା'ର ବହୁ ବର୍ଣ୍ଣନା, ବହୁବାର ଶୁଣିଥିଲି ମୁଁ । ମୋଟାମୋଟି ମୁଁ ଜାଣିଥିଲି ।

—"ଆମ ଅଫିସ୍‌ର ପାର୍ଟଟାଇମ୍ ଟାଇପିଷ୍ଟ୍ ।"

Digitized by srujanika@gmail.com

ମୁଁ ବି ସଂକ୍ଷିପ୍ତ ଉତ୍ତର ଦେଲି—ସେମିତି ନିର୍ଭୀକ, ନିର୍ଦ୍ଦୋଷ ଆଉ ଭଦ୍ର, ସୌଜନ୍ୟପୂର୍ଣ୍ଣ ଭାବରେ ।

ଘରଟାର ଚାରିଆଡ଼େ ଆଖି ବୁଲି ଆସିଲା ମୋର ।

ଠିକ୍ ଦୁଆର ଉପରେ କାନ୍ଥରେ—ସିଧାସଳଖ ଆଖି ଆଗରେ ଏନ୍‌ଲାର୍ଜ ହୋଇ ରଙ୍ଗୀନ ଗୋଟିଏ ଫଟୋ—ବେଶ୍ ବଡ଼ ଦୁଇଟି ପାଦ, ଫୁଲ ପାଖୁଡ଼ାରେ ସଜା ହେଲେ ବି ଲୁଚି ଯାଇନି, ମୁଣ୍ଡ ଉଠେଇଲେଇ ଆଖିରେ ପଡ଼ିବ । ବାଁ ପଟ କାନ୍ଥରେ ମହାତ୍ମାଙ୍କ ବାଣୀ, ବେଶ୍ ମହତ୍ତ୍ୱପୂର୍ଣ୍ଣ ସବୁ ମହାତ୍ମାଙ୍କ ବାଣୀ ଭଳି । ଶାନ୍ତମତ ଫଟୋ ବନ୍ଧା ହୋଇ ରହିଛି । ଡାହାଣ ପଟେ ସ୍ୱୟଂ ମହାତ୍ମା ନିଜେ ବିଦ୍ୟମାନ—ପ୍ରକାଣ୍ଡ ମଣିଷ ଆକାରର ଛବିରେ । ଏହିଭଳି ଚତୁର୍ଦ୍ଦିଗରେ ମହାତ୍ମାଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିଲା ପରେ ବି କେମିତି ଯେ ମନକୁ ଏଭଳି କଥା ସବୁ ଆସେ !

ମନେ ପଡ଼ିଗଲା ମୋ ଜୀବନରେ କେତୋଟି କଥା, କୋଡ଼ିଏ ବର୍ଷ ତଳର ହେଲେ ବି ଭୁଲିନି ମୁଁ । ଆଜି କାଲିର ମୁଁ, ଆଉ କୋଡ଼ିଏ ବର୍ଷ ତଳର ସେଇ ମୁଁ—ପାର୍ଥକ୍ୟ ଥିଲା ନିଶ୍ଚୟ । ବୟସ କୋଡ଼ିଏ ବର୍ଷ କମ୍ ଥିଲା, ମନରେ ଥିଲା ଗଭୀର ଆତ୍ମସମ୍ମାନ ଜ୍ଞାନ ଆଉ ଯେ କୌଣସି ପ୍ରକାରର ଅନ୍ୟାୟ ଅବିଚାର ବିରୁଦ୍ଧରେ ଅନେକ ଘୃଣା, ଉତ୍କଟ ବିରକ୍ତି ।

କିନ୍ତୁ ନିଜର ସମ୍ମାନ ରକ୍ଷା ଲାଗି, ସେଇତକ ଯଥେଷ୍ଟ ନୁହେଁ ବୋଲି ଜାଣିଲା ପରେ—ମନେ ପଡ଼ୁଛି—ଦିନାକେତେ ବେଶ୍ ଅସୁବିଧାରେ ପଡ଼ିଥିଲି ।

ତା' ପରେ ଠିକ୍ କରି ନେଇ ପାରିଲି କଭଳି ବ୍ୟବସ୍ଥା କରିବାକୁ ହେବ, ଯାହା ଫଳରେ ବିରକ୍ତିକର ଅଯଥା ବନ୍ଧୁତ୍ୱ ବା ତଥାକଥିତ ଅକାରଣ ହିତାକାଂକ୍ଷା—ଉଭୟ ଅବସ୍ଥାରୁ ନିଜକୁ ଦୂରେଇ ନେଇ ହେବ । ମୁଁ ବହୁତ ଭାବିଚିନ୍ତି ଆଶ୍ରୟ ନେଲି—ମୋର ପରିବାରର ସାମାଜିକ ପ୍ରତିଷ୍ଠା ଆଉ ସମ୍ଭ୍ରାନ୍ତ ପଦମର୍ଯ୍ୟାଦାର ।

Digitized by srujanika@gmail.com

—"ଭଦ୍ରମହିଳା ଭାରି ଗର୍ବୀ । ଦେଖୁନା କେମିତି ଡାଣ୍ଟର ଗାଡ଼ିରୁ ଓହ୍ଲାଇଲେ ଆଉ କଥା କହୁଚନ୍ତି—କେଡ଼େ ବେପରୁଆ ଭାବରେ !" ସହକର୍ମୀମାନଙ୍କ ମଧ୍ୟରୁ ସବୁଠୁଁ ଟିକ୍‌କଣାଗ୍ରାହକଣ ସେଇ ଲୋକଟି—ପରେ ଅବଶ୍ୟ ନାଁ ବି ଜାଣିଲି—ଯେଉଁଦିନ ସେଇ କହିବାର ଶୁଣିଲି, ସେଇଦିନ ବୁଝିଲି—ମୋର ବ୍ୟବସ୍ଥା ଫଳପ୍ରଦ ହୋଇଛି ।

କିନ୍ତୁ ସମସ୍ତେ ମୋ ଭଳି ସୁବିଧାର ଅଧିକାରୀ ନ ଥିଲେ ।

ଯେଉଁମାନେ ମୋ ସାଙ୍ଗେ ସାମାନ୍ୟ ପରିଚୟକୁ ଅନେକ ଦିନର ନିର୍ଦ୍ଦୋଷ ସହକର୍ମୀ ସୁଲଭ ବନ୍ଧୁତ୍ୱ ବୋଲି ଜାହିର କରିଥିଲେ—ସେଇମାନେ ଅଯାଚିତ ଭାବରେ କେତୋଟି ଝିଅଙ୍କ ସମ୍ପର୍କରେ ଅନେକ ବିବରଣୀ ମୋତେ ଦେଉଥିଲେ—ଅଯାଚିତ ଭାବରେ । ମୋର ଜାଣିବାକୁ ବାକି ନ ଥିଲା—ଦୁର୍ବଳ ଏ ଲୋକଗୁଡ଼ାକ, ଅପେକ୍ଷାକୃତ ଦୁର୍ବଳତର କେତୋଟି ଝିଅଙ୍କ ଦୁର୍ବଳତାର ସୁଯୋଗ ନେବାକୁ କୁଣ୍ଠିତ ନୁହନ୍ତି ।

—"ତା କଥା ଜାଣିନା ? ସେ ତ ଏକକାଳୀନ ଚାରି ଜଣଙ୍କ ସାଙ୍ଗେ ବନ୍ଧୁତ୍ୱ—ମାନେ ବେଶ୍ ଗଭୀର ବନ୍ଧୁତ୍ୱ କରି ଚାଲିଚି । ଝିଅଟାକୁ ବେଶ୍ କରିତ୍‌କର୍ମା କହିହେବ ।" ଦିନେ ଆଜିର ଏଇ ଭଦ୍ରଲୋକ କହିଥିଲେ—ଅପେକ୍ଷାକୃତ ବେଶି ଉଦ୍‌ବେଳିତ, ଚୁପ୍‌ଚାପ୍ ଝିଅଟି ସମ୍ପର୍କରେ ।

ମୁଁ ସେ ଦିନ ବି ହସିଥିଲି ମନେ ମନେ । ଆଉ ଆଜି ବି ସେମିତି ହସିଲି ମନେ ମନେ । ସେ ଦିନର ସେ ଝିଅଟି ଅନେକ ଦିନ ଆଗରୁ ଚାକିରି ଛାଡ଼ି ସାରିଚି—କିନ୍ତୁ ଆଜିର ଏ ଜଣକେ ? ଆଉ ବର୍ତ୍ତମାନ ବି ଏଇ ଭଦ୍ରଲୋକଙ୍କ ହାତରେ ଷ୍ଟିକିଂପ୍ଲାଷ୍ଟର ଲାଗିଚି—ଅବଶ୍ୟ ଚଟି ମାଡ଼ର ଦାଗ ରହେନି—ରହିନି । ନିଶ୍ଚୟ ଆଜିର ଏ ଝିଅଟିର ବିଷଦାନ୍ତ ବି ଅଛି—ଯେମିତି ଅଛି ଲିପ୍‌ଷ୍ଟିକ୍ ଲଗା ନାଲି ଓଠ ଭିତରେ, ମୁକ୍ତା ଭଳି ସୁନ୍ଦର ହସିଲା ଦାନ୍ତ !

—"ତାକୁ ଏଠିକି ଆଣିଲା କିଏ ? ମନେ ହଉଚି ଝିଅଟା କାମଦାମ କିଛି ଜାଣେନା ।" ଏଥରର ବକ୍ତବ୍ୟ ବେଶ୍ ବିରକ୍ତିପୂର୍ଣ୍ଣ, ପ୍ରଚ୍ଛନ୍ନ ଅର୍ଥ

Digitized by srujanika@gmail.com

ମଧ୍ୟ ବେଶି ସହଜରେ ବାରି ହୋଇ ପଡ଼ିଲା । ମୁଁ ନମ୍ରତାର ଛଳନା କଲି ଅବଶ୍ୟ ।

—"କାହିଁକି କୁହନ୍ତୁ ତ ? ଆପଣ ତାଙ୍କୁ କିଛି କାମ ଦେଇଥିଲେ ନାଁ କ'ଣ ?" ଜମା କିଛି ନ ଜାଣି ଥିବାର ଯେଉଁ ପ୍ରକାର ଭଙ୍ଗୀ କରିବାକୁ ହେଲା ବୁଝି ପାରିଲେନି ସେଥିରେ କେତେ ପରିମାଣରେ ସଫଳ ହେଲି ମୁଁ ।

—"ନାଁ — ମାନେ ଶୁଣିଥିଲି, ଆଗରୁ କୋଉଠି କିଛି କାମ କରିବାର ଅଭିଜ୍ଞତା ନାହିଁ ତା'ର । ଯେତେହେଲେ ଆମ ଏଠାର କାମରେ ଭୁଲ୍ ଭଟ୍କା ହେଲେ ତ ଚଳିବନି ।" ସେ ଖୁବ୍ ଗମ୍ଭୀର ଭାବରେ କହିଲେ । ଅର୍ଥାତ୍ — ବଗୁରର ସୁରକ୍ଷାଟି ଯିବା ଉପରେ ।

ମୁଁ ଏଥର ସ୍ୱଭାବତ ଚିନ୍ତାରେ ପଡ଼ିଲି ।

କ'ଣ କରାଯିବ ?

ମୁଁ ଜାଣେ — ଝିଅଟାର ସୁରକ୍ଷା କରିବା ନିତାନ୍ତ ଦରକାର । ଘରେ ଆପାତତଃ ସେଇ ଏକମାତ୍ର ରୋଜଗାରକ୍ଷମ । ଅଥଚ ଯଦି ଏଇଭଳି କିଛି ଗୋଟାଏର ଆଳ ଦେଖାଇ ! ମୁଁ ବୁଝି ପାରୁଥିଲି ମୋତେ ମାଧ୍ୟମ କରାଗଲା, ତାଙ୍କୁ ଖବରଟା ଦେବାକୁ । ହୁଏତ ବା ବାଧ୍ୟ କରିବାକୁ—ଇଚ୍ଛା ପୂରଣ କର, ନ ହେଲେ—!

କିନ୍ତୁ — ମୋତେ କାହିଁକି ?

—"ନାଁ — ଭୁଲ୍ ଭଟ୍କା ହେବ କାହିଁକି ? ଠିକେ ଦେଖେଇ ଦେବାକୁ, ବତେଇ ଦେବାକୁ ହେବ । ପଢ଼ାଶୁଣା କରିଚି — ନିଶ୍ଚୟ ଶିଖିନେବ । ଏମିତି କ'ଣ ବା କାମ ?" ମୁଁ କଥାଟାକୁ ଠିକ୍ ହାଲ୍କା କରି ଆଣିବାକୁ ଚେଷ୍ଟା କଲି ।

ଅସଲ କଥାଟା ହେଲା — ମୁଁ କିଛି ସମୟ ବୁଝିଁଲି । କ'ଣ କରାଯାଇପାରେ ? ମାନେ — ସାପ ମରିବନି କି ବାଡ଼ି ଭାଙ୍ଗିବନି ।

Digitized by srujanika@gmail.com

—"ବେଶ୍ ତାଙ୍କୁ ମୋ ପାଖକୁ ପଠେଇ ଦେଲେ ମୁଁ ତା'ର ଭୁଲ୍‌ଗୁଡ଼ା ତାଙ୍କୁ ବୁଝେଇ ଦେବି।" କଥାଗୁଡ଼ା ବି ଖୁବ୍ ହାଲ୍‌କା କରି କହିବାର ପ୍ରଚେଷ୍ଟା ଯେ ନ ହେଉଥିଲା, ଏକଥା କହି ହେବନି। ତଥାପି —ମୁଁ ସନ୍ତ୍ରସ୍ତ ହୋଇ ପଡ଼ିଲି।

—"ବେଶ୍—ମୁଁ ଏଇକ୍ଷଣି ଡାକୁଛି ତାଙ୍କୁ। ବରଂ ମୁଁ ବି ଜାଣି ରଖିଥାଏ—ପରେ ତାଙ୍କୁ ବୁଝେଇ କହିବାକୁ।" ମୁଁ ଟେଲିଫୋନ ଉପରେ ହାତ ରଖିଲି।

—"ନାଁ—ଏଇକ୍ଷଣି କ'ଣ ମୋର ସମୟ ଅଛି? ମୁଁ ତ ବ୍ୟସ୍ତ ଅଛି। ବରଂ ତାଙ୍କୁ କହିବ—ପାଞ୍ଚଟା ପରେ, ସେ ବି କାମ ସାରିଥିବ, ମୋର ବି କାମ ସରିଥିବ।" ବଡ଼ ସହାନୁଭୂତିର ସେ କଥା କେତୋଟା। ସେଥିରେ କେତେ ଦରଦ, କେତେ ଶୁଭକାମନା! ଏମିତି ମନୋଭାବ—ଜଣେ ଅପେକ୍ଷାକୃତ ନବାଗତ ସହକର୍ମୀ ଲାଗି ମନ୍ତ୍ରୀର ଥିବା ଦରକାର।

ମୁଁ ଉଠିଲି।

ବୁଝିଲି—କିଛି ଗୋଟାଏ କରିବାକୁ ହେବ।

ସନ୍ଧ୍ୟା ପାଞ୍ଚଟା—ଶୀତଦିନର ସନ୍ଧ୍ୟା ପାଞ୍ଚଟା ମାନେ ପ୍ରାୟ ରାତି। ଭୃତ ଉପରର ଜଣାକଥା ଏଇ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ, ଦାୟିତ୍ୱପୂର୍ଣ୍ଣ ସରକାରୀ କାମ ପାଇଁ ଯେମିତି ଉପଯୋଗୀ, ଏଇଭଳି ଗୋଟାଏ ଅତି ଗୋପନୀୟ ବ୍ୟକ୍ତିଗତ କାମ ପାଇଁ ମଧ୍ୟ। ପାଞ୍ଚଟା—ଅଫିସ୍ ଛୁଟି ପରେ ସମସ୍ତେ ବି ପ୍ରାୟ ଚାଲି ଯାଇଥିବେ। ବାଧା ଦେବାକୁ, ପ୍ରତିବନ୍ଧକ ସୃଷ୍ଟି କରିବାକୁ କେହି ଥିବେନି ତା'ର ସାମାନ୍ୟତମ ଆଶଙ୍କା ବି ନ ଥିବ।

କିନ୍ତୁ—ମୁଁ ଚିନ୍ତାରେ ପଡ଼ିଲି।

କ'ଣ କରଯାଇ ପାରେ?

ବ୍ୟାପାରଟା ସମ୍ପର୍କରେ ଜଣେ ଦି' ଜଣଙ୍କ ସାଙ୍ଗେ ପରାମର୍ଶ ମଧ୍ୟ କରି ଦେଖିଲି।

Digitized by srujanika@gmail.com

—"ସମସ୍ତେ ଏକ ମାର୍ଗରେ ଘର ଭିତରକୁ ପଶି ଯାଉ—ଚଟି, ଜୋତା, ରୁଲର୍, ପେପର୍‌ଓ୍ୱେଟ୍—ଏ ସବୁର ସଦ୍‌ବ୍ୟବହାର ।" କହିଲି ରୁକ୍ମଣୀ । ମୁଁ ବାଧା ଦେବାକୁ ବାଧ୍ୟ ହେଲି । କାରଣ କଥାଟା ସହଜସାଧ୍ୟ ନୁହେଁ, ନିଃଶବ୍ଦରେ ମଧ୍ୟ କରି ହେବ କି ନାହିଁ—ସନ୍ଦେହଜନକ ।

—'ବଡ଼ ସାହେବଙ୍କୁ କୁହାଯାଉ ।" ସୁଧାର ପରାମର୍ଶ ମଧ୍ୟ ଅଗ୍ରାହ୍ୟ ହେଲା । କିଏ ଜାଣେ ? ହୁଏତ ସାହେବ ଓଲଟା ବୁଝି ଅଫିସ୍‌ରେ ଗୋଟାଏ ଅଯଥା ଗଣ୍ଡଗୋଳ ଭିଆଇ ପୋଲିସ୍‌ରେ ଖବର ଦେବେ । ତାଛଡ଼ା ଜଣେ ଅଫିସର୍ ଆଉ ଜଣେ ଅଫିସର୍ ଭାଇଙ୍କ କଥା ବିଶ୍ୱାସ ନ କରି କ'ଣ ବିଶ୍ୱାସ କରିବେ ଅଧଃସ୍ତନ କେତେ ଜଣ କର୍ମଚାରୀଙ୍କୁ ? ତା'ର କୌଣସି ନିଜର କେହି ଦେଖାଇ ପାରିଲେନି ।

ବାଧ ହେଇ—ମୁଁ ସେ ସବୁଟିକି ନିରସ୍ତ ହେବାକୁ କହିଲି । ତା ଛଡ଼ା ସତ କଥା କହିବାକୁ ଗଲେ—ମୁଁ ମନସ୍ଥିର କରି ସାରିଥିଲି । ଲୋକଟାକୁ କେତେ ସମୟ ପାଇଁ ସେ ଘରୁ ଅନ୍ୟ ଯାଗାକୁ ପଠାଇ ଦେବା ହେଲା ଏକମାତ୍ର ଆବଶ୍ୟକତା । କାନଟା ସୁର୍‌ଖୁର୍‌ରେ ହେଇଗଲେ ରକ୍ଷା ।

—"ମୁଁ ଭୁଲି ଯାଇଥିଲି—ଆଜି ପାଞ୍ଚଟା ପୂର୍ବରୁ ଷ୍ଟୋର ଭେରିଫିକେସନ୍ ହେବା ଦରକାର । ତା' ନ ହେଲେ—ଆଜି ଡାକରେ ଷ୍ଟେଟ୍‌ମେଣ୍ଟଟା ଯାଇ ପାରିବନି । ରମାଇଣ୍ଡାର ଆସି ସାରିଛି ।" ଅମୋଘ ଅସ୍ତ୍ର—ମୁଁ କହିଲି ଖୁବ୍ ବିନୀତ ଭାବରେ ।

କାମଟି କରିବା କଥା—କରାଗଲା ।

ପାଞ୍ଚଟା ବାଜିଲା ।

ଉପୁଙ୍କର ଶବ୍ଦଟା ପାଇଁ ପ୍ରାୟ ଅପେକ୍ଷା କରୁଥିଲେ ବି ଶବ୍ଦଟା ମୋତେ ଚମକେଇ ଦେଲା । କାଚର ଝଣ୍‌ଝଣ୍ ଆଉ କାଠର ଧଡ଼୍‌ଧାଡ଼ ତା' ସାଙ୍ଗକୁ ମଣିଷ କଣ୍ଠର ଆର୍ତ୍ତନାଦ—ବେଶ୍ ଉପୁଙ୍କର ଶୁଭିଲା । ତେବେ କହିବା କଷ୍ଟକର—କାହା ପରେ କୋଉଟା ଶୁଭିଲା । ସବୁ

Digitized by srujanika@gmail.com

ଗୁଡ଼ାକ ଶୃଙ୍ଖଳ — ଏତିକି କୁହାଯାଇ ପାରେ । ଆଉ ତା'ପରେ ଶୃଙ୍ଖଳା ବହୁ କଣ୍ଠର ବହୁ ଚିତ୍କାର, ଡାକହାକ, ପରାମର୍ଶ ଓ ମତାମତ ।

ହଁ — ଘଟଣାଟା ଥିଲା ବେଶ୍ ମାରାତ୍ମକ ଗୋଟାଏ ଦୁର୍ଘଟଣା । ତା'ର କାରଣ ସମ୍ପର୍କରେ ଅନେକ କଥା କୁହାଗଲା ବି ସେଇଟା ଯେ କାହାର ପୂର୍ବ ପରିକଳ୍ପିତ — ସେ କଥା କେହି ଜାଣି ବି କହି ନ ଥିଲେ । ଭିଡ଼ ଠେଲି, ଅନ୍ୟ ସଭିଙ୍କର ଅନେକ ପ୍ରଶ୍ନ ଆଉ ମତାମତକୁ ଅତିକ୍ରମ କରି ମୁଁ ଯେତେବେଳେ ତାଙ୍କ ପାଖରେ ପହଞ୍ଚିଲି — ସେତେବେଳେ କେତେ ମୁହୂର୍ତ୍ତ ଲାଗି ଠିକେ ଦୟା ଲାଗିଲା ।

ଆହା ବିଚରା !

କିନ୍ତୁ — ପ୍ରାୟ ପରେ ପରେ — ମତେ ବି ହତବାକ୍ ହେବାକୁ ହେଲା, ଗର୍ବର ବିସ୍ମୟରେ । ଇଏ କ'ଣ ହେଲା ?

ମୁଣ୍ଡ ଫାଟି ଧାର ଧାର ରକ୍ତ ବହି ଯାଉଥିଲା ଯାହାର, କପାଳ ଗାଲ, ନାକରେ ଅସଂଖ୍ୟ ଖଣ୍ଡିଆରୁ ଅଳ୍ପ ବହୁତ ରକ୍ତ ବାହାରୁଥିଲା ଯାହାର — ତା'ର ଆଖିରେ ଥିଲା ଭୟ, ଭକ୍ତି ଆଉ ଶ୍ରଦ୍ଧା ।

ଭୟ—!

ହୁଏତ ପାପର ଏମିତି ସିଧାସଳଖ ଶାସ୍ତି ମିଳିବାରୁ ।

ଭକ୍ତି—!

ମହାତ୍ମାଙ୍କର ଏଭଳି ଅଲୌକିକ ଶକ୍ତି ପ୍ରଦର୍ଶନର କ୍ଷମତା ଦେଖିବାରୁ ।

ଆଉ ଶ୍ରଦ୍ଧା !

ନିଜର ଭକ୍ତ ଲାଗି ସହସ୍ର ସହସ୍ର ମାଇଲ ଦୂରରେ ଥାଇ ମଧ୍ୟ ମହାତ୍ମାଙ୍କର ଏଭଳି ମଙ୍ଗଳକାମନା ଲାଗି । ସମସ୍ତଟା ମହାତ୍ମାଙ୍କର ଅଲୌକିକ ଶକ୍ତି, ଆଉ ତାଙ୍କ ଲାଗି ତାଙ୍କ ଭକ୍ତର ଗର୍ବର କୃତଜ୍ଞତା । ସତରେ—ମୁଁ ନିର୍ବାକ୍ ହୋଇଗଲି ।

ସତ କଥା ।

Digitized by srujanika@gmail.com

ମନ ଠିକ୍ ସେଇ ମୁହୂର୍ତ୍ତରେ ଦୁଆର ଉପର କାନ୍ଥରୁ, ବଗିଚାକାଯୁ ସେଇ ଫଟୋଟା, ଯୋଉଥିରେ ଥିଲା ଫୁଲଡ଼ଙ୍କା ସେ ଦୁଇଟି ପାଦ— ଖସି ପଡ଼ି ନ ଥାନ୍ତା କେତେ ବଡ ପାପର ଭାଗୀ ହେବାକୁ ପଡ଼ି ନ ଥାନ୍ତା ତାଙ୍କୁ ? ମୁଣ୍ଡ, ଦେହର ଏସବୁ କ୍ଷତ -- ତା'ର ଚିକିତ୍ସା ଅଛି । ସେଥିରେ ସେ ସବୁ ଭଲ ହେଇଯିବ । କିନ୍ତୁ ମନର ପାପର ସେ ଦୁର୍ଗନ୍ଧମୟ କିଛି ରୋଗ ଭଳି ଯେଉଁ କ୍ଷତ — ଥରେ ହେଲେ ସେଥିରୁ କିଭଳି ବା ଆରୋଗ୍ୟ ଲାଭ କରିଥାନ୍ତେ ସେ ? ସେଇଥି ପାଇଁ ସେ ନିର୍ବାକ୍ ହୋଇଥିଲେ -- ମହାତ୍ମାଙ୍କ ମହିମା ଉପଲବ୍ଧି କରି !

ହଁ — ମହାତ୍ମାଙ୍କ ପାଦର ଫଟୋଟା, ତଳେ ପଡ଼ି ରହିଥିଲା— ଚୂନା ଚୂନା ଅସଂଖ୍ୟ କାଚ ଆଉ ଭଙ୍ଗା ଫ୍ରେମ୍ ତଳେ । ତା'ରି ଭିତରେ ମୁଣ୍ଡରେ ଦେହରେ କ୍ଷତବିକ୍ଷତ ହୋଇ, ପଡ଼ି ରହିଥିଲେ ସେ ମହାତ୍ମାଙ୍କର ଅତି ପ୍ରିୟ ଭକ୍ତ — ଯାହାକୁ ରକ୍ଷା କରିବାକୁ ମହାତ୍ମାଙ୍କର ଏଇ ଅତିମାନବୀୟ ବିଭୂତି ପ୍ରକାଶ ।

ବହୁ କଷ୍ଟରେ ମହାତ୍ମାଙ୍କ ପାଦ ପଦ୍ମର ଫଟୋକୁ ଉଠାଇ, ଟେବୁଲ ଉପରେ ରଖା ଗଲା ପରେ — ତାଙ୍କୁ ଉଠେଇ, ଡାକ୍ତରଙ୍କ ପାଖକୁ ପଠାଗଲା । ଡ୍ରକ୍ତରେ କଥାଟା ମୋତେଇ ଉଠେଇବାକୁ ହେଲା ।

ଏତେ ବଡ଼ ଗୋଟାଏ ଆଘାତ, ସେ ପୁଣି ମୁଣ୍ଡରେ — ସେଥିରେ ଫେର୍ ଆଘାତ କେବଳ ଶାରୀରିକ ନୁହେଁ, ମାନସିକ ମଧ୍ୟ । ନିଶ୍ଚୟ ଡାକ୍ତର ବାବୁ ନିଜ କ୍ଲିନିକରେ ତାଙ୍କୁ ଠିକ୍ ନିଖ୍ କରି ପରୀକ୍ଷା କରି ପାରିବେ, ଆଉ ଠିକ୍ ଭାବରେ କରି ପାରିବେ ତାଙ୍କର ଚିକିତ୍ସା ବ୍ୟବସ୍ଥା ।

ଆଉ ମୁଁ ବି କାମଟା ସାରିବାକୁ ଚାହୁଁଥିଲି ।

ଅବଶ୍ୟ ମାତ୍ର ପାଞ୍ଚ ମିନିଟ୍‌ର କାମ । ଫଟୋ ପଛଆଡ଼ର ଦଉଡ଼ିଟା ବଦଳରେ, ଯେଉଁ ସୂତା ପ୍ରଭୃତି ଲାଗି ଯାଇଥିଲା ତାଙ୍କୁ କାଢ଼ି, ପୂର୍ବ ଭଳି ଦଉଡ଼ି ଇତ୍ୟାଦି ଲଗାଇ ଦେବାକୁ ପାଞ୍ଚ ମିନିଟ ସମୟ ନେଇଥାନ୍ତା ।

Digitized by srujanika@gmail.com

ମହାତ୍ମାଙ୍କର ସମସ୍ତ ଅଲୌକିକ ଶକ୍ତି ସତ୍ତ୍ୱେ ମୁଁ ଜାଣିଥିଲି ଠିକ୍ ଏଇ ଅବସ୍ଥାରେ ଯଦି କେହି ମୋ ଟୋକାକୁ ମନ ଧ୍ୟାନ ଦେଇ ଦେଖନ୍ତା, ହୁଏତ ତା' ମନରେ କିଛି ସନ୍ଦେହ ଆସିବ ।

ଆହୁରି ଗୋଟେ କାମ ବି ଥିଲା ।

ତଳର ସେଇ ଝିଅଟା !

ମନର ଅସମ୍ଭବ ଆତ୍ମବିଶ୍ୱାସ, ବହୁ ଅଭ୍ୟାସଗତ ନିର୍ବିକାର ଭାବ ସତ୍ତ୍ୱେ ବି ବରଡ଼ା ପତ୍ର ଭଳି ଥରୁଥିଲା ସେ । ତାକୁ ବି ତ ବୁଝା ଶୁଝା କରି ଘରକୁ ପଠେଇବାକୁ ହେବ ? ହୁଏତ ଏଇ ସମୟରେ କୁହା ଯାଇପାରେ—ବେଶଭୂଷାକୁ ଆଉ ଟିକେ ସଯତ, ଦେହକୁ ଆଉ ଟିକେ ଆବୃତ କରିବାକୁ ।

ଅନ୍ୟମାନଙ୍କ ଦୃଷ୍ଟିକୁ ଟାଣି ଆଣିବାର ପ୍ରଚେଷ୍ଟା ବି ଅନେକ ସମୟରେ ବିପଦକୁ ନିମନ୍ତ୍ରଣ କରି ଆଣେ । କିଏ ଜାଣେ ?

ମନର ଏଇ ଅବସ୍ଥାରେ ହୁଏତ ସେ ଏକଥାକୁ ମୋର ଅନଧିକାର ଚର୍ଚ୍ଚା ବୋଲି ନ ଭାବି, ବୁଝି ପାରିବ କଥାଟାର ତାତ୍ପର୍ଯ୍ୟ ।

ମୁଁ ତଳକୁ ଓହ୍ଲାଇ ଗଲି ।

ଏ କଥା କ'ଣ ସତ ନୁହେଁ ଯେ ମହାତ୍ମାମାନେ ତାଙ୍କ ଭକ୍ତ-ମାନଙ୍କ ହାତରେ ନିଜର କାମ କରାଇ ନେଇ ପାରନ୍ତି—ଅଭୀଷ୍ଟ ସିଦ୍ଧି କରାଇ ନେଇ ପାରନ୍ତି ? ଏମିତିକା ମାଦକଶକ୍ତିମାନ ଭଗବାନଙ୍କର ବି ସେ ଦୁର୍ନାମ ଅଛି । ଅବଶ୍ୟ ସେ ପର୍ଯ୍ୟନ୍ତ ମୁଁ କୌଣସି ମହାତ୍ମାଙ୍କର ଭକ୍ତ ହୋଇ ନ ଥିଲି ।

ତେବେ ହେଲେ କ୍ଷତି କ'ଣ ?

Digitized by srujanika@gmail.com

ଝିଙ୍କା

—"ତା'ହେଲେ ତମେ ଯିବନି ?"

କଥା କେତେଟା ଏତେ ଦୂରରେ ଥାଇ ମଧ୍ୟ କାନରେ ବାଜିଲା । ଥରେ ଚମକି ପଡ଼ି ବୁଲି ଚାହିଁଲା ସେ । ତା' ପରେ ଅଗଣାରୁ ଉଠିଗଲା ଘର ଭିତରକୁ । ବାଡ଼ି ଡାଳିଟା ଆଜିକାଲି ଆଣୁ ଆଣୁ କେମିତି ଅବଶ ଲାଗୁଥିଲା ତାକୁ । ଦରଛିଣ୍ଡା ମସିଣାଟା ଘର କଣକୁ ପାଡ଼ି ଦେଇ ପଡ଼ିଗଲା ସେ ।

ସେ ଥର ବଜାରରୁ ତା' ବର ଯୋଡ଼ିଏ ଫୁଲପକା ଶାଢ଼ୀଟା ଆଣିଥିଲା—ଜମାରୁ ପସନ୍ଦ ହେଲାନି ତା'ର । ଶାଢ଼ୀ ଖଣ୍ଡିକ ସେମିତି ପଡ଼ି ରହିଲା । ପୁରୁଣା ଲୁଗା ପିନ୍ଧି ପାତର ଦେଖି ବାହାରିଲା ସେ । ଆଜି ତା' ବର ହରିଆର ସେ କି ରାଗ ! ହାଣ୍ଡି ଚୁଲ୍ଲୀ ପିଟି, ବୋତଲ ମାଠିଆ ଭାଙ୍ଗି ଏକାକାର କଲା ସେ । ତା'ପରେ ଶାଢ଼ୀ ଖଣ୍ଡିକ ଫିଙ୍ଗି-ଦେଲା ବାଡ଼ି ପଟକୁ । ଅଖିଆ ଅପିଆ ଦିହେଁ ଘରର ଦି' କଣରେ ପଡ଼ି ରହିଲେ ।

ରାତି କେତେ କେଜାଣି—ବାଡ଼ି ପଟେ ବିକଟ ଚିତ୍କାର କରି ଭେରଣ୍ଡାଟା ବୋବେଇ ଉଠିଲା । ମଶାଣି ପାଖ—କେଜାଣି କି ନାହିଁ କି ଜନ୍ତୁ !

—"ଇଲେ ମାଲେ"—ବୋଲି ଚିତ୍କାର କରି ସେ ଧାଇଁଗଲା ହରିଆ ପାଖକୁ । କଳିକଜିଆ ସେଇଠି ସରିଲା । ପରଦିନ ସକାଳ ନ ହେଉଣୁ ସେଇ ଶାଢ଼ୀଖଣ୍ଡିକ ପିନ୍ଧି ପ୍ରଥମେ ହରିଆ ପାଦ ତଳେ ମୁଣ୍ଡ ଥୋଇଥିଲା ସେ । ଦୁହିଁଙ୍କ ମୁହଁରେ ହସ ଥିଲା ସରମର ।

ସଞ୍ଜ ହୋଇ ଗଲାଣି ।

Digitized by srujanika@gmail.com

ଅନ୍ଧାର ଘର ଭିତରେ ମଶାଙ୍କ ଗୁଣୁ ଗୁଣୁ ଶବ୍ଦରେ ନିଦ ଭାଙ୍ଗ୍ ହେଲା ତା'ର । ସଞ୍ଜବତୀ ଦିଆ ହୋଇନି । ସେ ଧଡ଼ପଡ଼ କରି ଉଠି ବସିଲା । ମଶାରି ଖଣ୍ଡ ଚଉକି ମୂଳେ ଥୋଇ, ସାମ୍ନା ଥାକରୁ ଦିଆସିଲି ବେକ ମୋଡ଼ି ସେଠି ଗୁଡ଼େଇ ମୁଣ୍ଡିଆ ମାରିଲା ସେ । ସବୁଦିନ ପରି, ଆଜି ତା' ଆଖିରେ ଲୁହ ନ ଥିଲା । କେଜାଣି କାହିଁକି ନିଜ କଥା ମନରେ ନ ପଡ଼ି ଆଖି ଆଗକୁ ଆସିଥିଲା ଆଉ ଗୋଟିଏ କଥା !

ବାବୁଟାର ମୁହଁଟି କେମିତି ଶୁଖିଗଲା । ହାତରୁ କାଗଜ ମୋଡ଼ା ପୁଡ଼ିଆଟା ତଳେ ଖସି ପଡ଼ିଲା । ଆଉ ତା' ଆଡ଼କୁ ଥରେ ବି ନ ଚାହିଁ ରାଗରେ ଗରଗର ହୋଇ ଯେ ଆସି ଝରକା ପାଖେ ଠିଆ ହେଲା—ସେ ତା'ର ଅବସ୍ଥା ନୁହେଁ । ସେଇ ବନ୍ଦ କରିଦେଲା ଝରକାଟା ଧଡ଼୍ କରି ।

ଭାରି ସୁନ୍ଦର ସେ । ରଜା ଝିଅ ଭଳି ରୂପ—ରାଗରେ ଆଖି ଦି'ଟା ଜଳି ଜଳି ଉଠୁଥିଲା ଯେମିତି, ଆଉ ଗାଲ ଦି'ଟା ଲାଲ ହୋଇ ଯାଉ-ଥିଲା । ସେ ସୁନ୍ଦର—ସେଇଥି ପାଇଁ ଏତେ ଅହଙ୍କାର ତା'ର । ନ ହେବଲ—।

ଉଠି ନେଇ ଘର ଭିତରକୁ ଯାଇ, ଭଙ୍ଗା ପେଟରା ଭିତରୁ ଖୋଜି, ଫଟା ଦର୍ପଣ କାଢ଼ିଲା ସେ । ତା' ପରେ ଦୀପରେ ଦେଖିଲା ନିଜ ମୁହଁ ।

ଆଖି ଭିତରକୁ ପଶି ଯାଇଚି ଗାତେ ଗାତେ, ଠେଲି ହୋଇ ବାହାରି ଆସିଚି ହନୁହାଡ଼ ଦି'ଟା । ପଶିଲା ପଶିଲା ଗାଲ, ଗାରପଡ଼ା କପାଳ, କାନ, ବେକ ନଙ୍ଗଳା, ଗୁନ୍ଥା ଆଉ କପାଳ ଖାଲି ।

ନିଜ ଅଜାଣତରେ ଦର୍ପଣଟା ଦୂରକୁ ଫିଙ୍ଗିଦେଲା ସେ । କାନ୍ଥରେ ବାଜି ଚୂନା ହୋଇଗଲା ସେଇଟା ଆଉ କାନ୍ଥ ଦେଖାଇ ହୋଇ ଝଡ଼ି ପଡ଼ିଲା ମୁଠେ ମାଟି । ଘର ମରାମତି ହୋଇ ପାରିନି—ଚୂଳ ଛୁଆଣି ଏ ବର୍ଷ ବି କରି ହେଲାନି । ଉଠି ଆଲୁଅରେ ନିଜ ହାତକୁ ଚାହିଁଲା ସେ । ଶିରା ଭର୍ତ୍ତି, ଠାଣୁଆ, ହାଡୁଆ ହାତ । ଖଟି ଖଟି ନଖ ଭାଙ୍ଗି ଜମିଚି କଳା ମଇଳା, ପାପୁଲିରେ ଚମଡ଼ା ହୋଇ ଯାଇଚି ଲୁହା ଭଳି ଟାଣ ।

ହରିଆ କହେ—

Digitized by srujanika@gmail.com

—"ତୋ ହାତ ମୋ କପାଳରେ ବାଜିଲେ, ରୋଗ ମୋର ଅଧେ ଭଲ ହେଇଯାଏ । ହାତ ନୁହେଁ ତ—ଫେଣ୍ଟାଏ ଫୁଲ ।" ମନ ଭିତରେ ଖୁସି ଲାଗିଲେ ବି ସେ ମୁହଁରେ ରାଗି ଯାଏ—ଆଉ ଟାଣି ନିଏ ହାତ ।

—"ମୋ ହାତରୁ ସହଜରେ ହାତ କାଢ଼ି ନେଇ ପାରିବୁନି ଲୋ ।" ହରିଆ ବାଁ ହାତରେ ତା' ହାତ ନେଇ ଓଠରେ ଲଗାଏ । ସେ ଆହୁରି ରାଗି ଯାଏ ।

—"ତୁ ଜାଣିନୁ—ରାଗି ଗଲେ ତୁ କେଡ଼େ ସୁନ୍ଦର ଦିଶୁ ।" ମଣିପ ତା' ପରେ ବି ପୁଣି ରାଗ୍ଗି ପାରେ ?

କେମିତି ହାଲ୍‌କା ଲାଗୁଥିଲା ମୁଣ୍ଡଟା । ସେ ଯୋଉ ବାଡ଼ି ପଟ ଅଣ-ଓସାରିଆ ବାରଣ୍ଡାରେ ବସିଲା ଅନ୍ଧାରରେ । ଝରକା ଖୋଲା ଅଛି ।

ଘର ଭିତରେ ଜଳୁଛି ନାଲି ଆଲୁଅ । ଦୂରରୁ ଭାସି ଆସିଲା ପରି ଶୁଭୁଛି କ ଗୋଟେ ବାଜା । ଆଲୁଅରେ ଦିଶୁଛି ଦ'ଟା ଖଟ—ପରିଷ୍କାର, ସୁନ୍ଦର ବିଛଣା । ଖଟ ବାଡ଼ରେ ଥୁଆ ହେଇଚି ଦୁଇଟି ମଲ୍ଲିମାଳ । ଦୁଏତ ମିଠ୍‌ମାଠ୍ ହେଇଚି କଳା କଜଆ ।

ଦର୍ପଣ ଆଗରେ ଠିଆ ହେଇ ସେ ସଜାଉଛି ନିଜକୁ । କପାଳରେ ଟିପା, ସୁନ୍ଥାରେ ସରୁ ସିନ୍ଦୂର ଗାର, କାନ, ହାତ, ବେକରେ ଝଲ୍‌ମଲ କରୁଚି ପଥର ବସା ଅଳଙ୍କାର । ଏତେ ଯେ ସୁନ୍ଦର, ତା'ର ପୁଣି ଅଳଙ୍କାରର ଦରକାର କ'ଣ ?

ପଛଆଡ଼େ ଠିଆ ହେଇ ସିଲ୍‌କ ପଞ୍ଜାବୀ ପିନ୍ଧା ବାବୁଟି ଖୋସାରେ ତା'ର ଗୁଞ୍ଜିଦେଲେ ମଲ୍ଲିମାଳ । ଧୀରେ ଧୀରେ ମୁହଁ ତାଙ୍କର ନଇଁ ଯାଉଛି । ହଠାତ ଛଡ଼େଇ ଦୂରେଇ ଗଲା ଝିଅଟି ।

ବାବୁଟି ମୁହଁରେ ସିଧା ଆଲୁଅ ପଡ଼ିଲା ଏଥର; କିନ୍ତୁ ଇଏ କିଏ ? ଇଏ ତ ସେ ବାବୁ ନୁହେଁ !

ଧଡ଼୍ କରି ଉଠିଲା ଛାତି ତା'ର । ଏ କ'ଣ ହେଲା ?

ପକେଟ୍‌ରୁ କ'ଣ ଗୋଟିଏ କାଢ଼ି ବାବୁଟି ଆଲୁଅରେ ଟେକାଇ ଧରିଲେ । ଚଉଡ଼ା, ଦାମୀ ହାରଟେ । ଝିଅଟି ଥମ୍‌କି ଠିଆ ହୋଇଗଲା ।

Digitized by srujanika@gmail.com

ମୁଣ୍ଡ ତା'ର ଝିମ୍ ଝିମ୍ କରି ଉଠିଲା । ଆଖି ଆଗରେ ସବୁ ଜାଲୁଜାଲୁଆ ହୋଇ ଉଠିଲା ।

ହରିଆ ଗାଡ଼ି ନେଇ ସେ ଦିନ ଯାଇଥିଲା ପାଖ ଗାଁକୁ । ସଞ୍ଜ-ବେଳେ ଯାହାଲ ସହାଲ ପଖାଳ ଗଣ୍ଡେ ଖାଇ ସେ ଶୋଇ ପଡ଼ିଥିଲା । ସାରା ଦିନ କାମ କରି ଆଉକଡ଼ିଆ ଲାଗିଥିଲା ତାକୁ । ଲାଗିବା କଥା । ଛ'ଅ ମାସର ଗର୍ଭ ତା'ର ।

ଘୁଇ ନିଦ ଲାଗି ଆସିଥିଲା ତାକୁ ।

ଡାଟି ଖୋଲି କିଏ ଜଣେ ଘର ଭିତରକୁ ଆସିଥିଲା । ନିଦ ବାଉଳାରେ ସେ ଧରି ନେଇଥିଲା ହରିଆ ବୋଲି । ଧଡ଼୍ କରି ଉଠି ବସିଲା ସେ—ଯେତେବେଳେ କିଏ ଜଣେ ଧୀରେ ଦେହରେ ତା'ର ହାତ ଥୋଇଲା । ଏ ହାତ ତ ହରିଆର ନୁହେଁ ?

ଅଧା ଅନ୍ଧାରିଆ ଘର ଭିତରେ ଫିସ୍ ଫିସ୍ କରି କିଏ ଯେମିତି କହୁଥିଲା—

—"ବହୁତ ଟଙ୍କା ତତେ ଦେବି, କେହି କିଛି ଜାଣିବେନି "

କଥା ତା'ର ଶେଷ ହୋଇ ନ ଥିଲା ।

ଏକା ଡିଆଁରେ ଘର ପାର୍ ହୋଇ ବାଡ଼ିଆଡ଼କୁ ଧାଇଁ ଯାଇଥିଲା ସେ ।

ପେଟ ଭିତରଟା କେମିତି ଦୋହଲି ଗଲା ! ସେ ନଇଁ ପଡ଼ି ବାରି ପିଣ୍ଡାରୁ ଭାରି ପନିକଟା ଉଠେଇ ନେଲା ।

—"ଭଲ ଦଶା ଅଛି ତ ଜୀବନ ନେଇ ଫେରି ଯା"—। ପାଟିରୁ ତା'ର ଆଉ କିଛି ବାହାରିଲାନି ।

ବରଷା ପନ ପରି ଥରୁଥିଲା ଦେହ ତା'ର । ଆଖି ଆଗରେ ନିଆଁ ଝିଲିକି ଦିଶିଲା, ମୁଣ୍ଡ ଝିମ୍ ଝିମ୍ ହୋଇଗଲା ।

କିନ୍ତୁ ତାରି ଭିତରେ ଦେଖିଲା ସେ—ଦାଣ୍ଡ ଡାଟି ଆଡ଼େଇ ଯେ ବାହାରିଗଲା ସେ ଦୋକାନ ମାଲିକର ପୁଅ । ତାଙ୍କରି ଘରେ କାମ କରି ଦି' ପଇସା ସେ ଆଣୁଥିଲା ବୋଲି, ହରିଆ କେତେ ଥର

Digitized by srujanika@gmail.com

ଗାଳି ମନ୍ଦ କରୁଛି । ଲୋକଟା ଚାଲିଗଲା । ଆଜି ଧପ୍ କରି ମାଟି ଉପରେ ପଡ଼ି ଯାଇ, ଜ୍ଞାନ ଚାଲି ଯିବା ପୂର୍ବରୁ ସେ ବୁଝି ପାରିଥିଲା—ମା' ହେବାର ଆଶା ସଫଳ ହୋଇଛି ।

ରାତିରେ ଫେରି ସବୁ ଶୁଣିଲା ହରିଆ । ଚୁପ୍ ହୋଇଗଲା ସେତିକ-ବେଳଠୁଁ । ଚାରିଦିନ କୁଆଡ଼େ ନ ଯାଇ ତା'ର ପାଖରେ ବସି ରହିଲା । ମଲା ପିଲା ଜନ୍ମ କରି ଦରମରା ହୋଇ ପଡ଼ି ରହିଥିଲା ସେ ।

ଚାରିଦିନ ପରେ ଦିନେ ରାତିରେ ସେତେବେଳେ ହରିଆ କିଛି ନ କହି ବାହାରି ଗଲା—ସେ ଜାଣି ପାରିଥିଲା ହରିଆ ଆଉ ଫେରିବନି । ଘର କଣରୁ ମାଟି ତଳୁ ଧାରୁଆ ଛୁରୀଟା ଅନ୍ଧାରେ ନେଇ ବାହାରି ଯାଇଥିଲା ସେ । ସେଦିନ କାନ୍ଦ ମାଡ଼ି ନ ଥିଲା ତାକୁ । ବରଂ ମନରେ କେମିତି ଗର୍ବ ଆସିଥିଲା ।

ପରେ ସବୁ ଶୁଣିଥିଲା ସେ । ଖୁନ୍ କରି ଥାନାରେ ପହଞ୍ଚି ଥିଲା ହରିଆ । ଆଜି କଚେରିରେ ତାକୁ ଦଣ୍ଡ ମିଳିଥିଲା—ଫାଶୀ ଦଣ୍ଡ ।

କାନ୍ଥକୁ ଆଉଜି ବସିଥିଲା ସେ ଅନ୍ଧାରରେ । ଝରକା ବନ୍ଦ ହୋଇ ଯାଇଛି । ଚାରିଆଡ଼ ନିସ୍ତବ୍ଧ ହେଲାଣି । ରାତି କେତେ ହେଲାଣି ହୋସ୍ ନ ଥିଲା ତା'ର । ବର୍ଷା ପଡୁଛି ଟିପ୍ ଟିପ୍ । ନିଶ୍ଚଳ ଦେଖି ମଶାଗୁଡ଼ା ନିଶ୍ଚିନ୍ତରେ ତା' ରକ୍ତ ଖାଉଥିଲେ ।

ସେ ତାଟି ବନ୍ଦ କରି ଉଠିଗଲା ଘରକୁ ।

କେମିତି ଥଣ୍ଡା ଲାଗିଲା ତାକୁ । କେଜାଣି ଏତେ ରାତି ଯାଏ ବର୍ଷା, କାକରରେ ବସି ବୋଧେ ଜର ହେବ ତାକୁ । ସେ ଦୁର୍ବଳ ହାତରେ ଅଣ୍ଡାଳି ଅଣ୍ଡାଳି ମସିଣା ପକେଇଲା । ଦିହ ନଇଁଇ ଢୋଙ୍ଗ ହୋଇ ଶୋଇ ପଡ଼ିଲା ସେ ।

ପର ଦିନ ଟିକେ ଡେରିରେ ନିଦ ଭାଙ୍ଗିଲା ତା'ର । ଉଠି ବସି ତରବର କରି ମସିଣା ଉଠେଇ ଉଠେଇ କେମିତି ଗୋଟେ ଗୋଳମାଳ କାନରେ ବାଜିଲା ତା'ର । ଛାତି ଭିତରଟା ପୁଣି ଥରେ ଧଡ଼୍ କରି ଉଠିଲା । ଦାଣ୍ଡ ତାଟି ଆଡ଼େଇ ବାହାରକୁ ଗଲା ସେ । ପଡ଼ିଶା ଘର ସେବକ୍ଷି ତା' ପିଣ୍ଡାରେ ଠିଆ ହୋଇଥିଲା ।

Digitized by srujanika@gmail.com

—"କ'ଣ ହେଲା କହିଲ ?"

—"ସେଇ ଯୋଉ ଭଡ଼ାଟିଆ ବାବୁ ମ ? ବେକରେ ଦଉଡ଼ି ଦେଇଛନ୍ତି ।"

ସେକଥା ଘର ପିଣ୍ଡାରେ ଲଥ୍ କରି ବସି ପଡ଼ିଲା ସେ । ସେକଥା କ'ଣ ସେମିତି କହୁଥିଲା । କିନ୍ତୁ କିଛି ବୁଝି ପାରିଲାନି ସେ । ଶେଷ କଥା କେତୋଟି ଖାଲି କାନରେ ବାଜିଲା ।

—"ଆଉ ତାଙ୍କ ଘରଯା—କାଲି ରାତିଠୁ କୁଆଡ଼େ ଯାଇଛନ୍ତି ଘର ।"

ଫେରିଲା ସେ । ବାଡ଼ି ପଟ ବାରଣ୍ଡାରେ କାନ୍ଥକୁ ଆଉଜି ବସି ଆଖି ବୁଜିଲା ସେ ।

ଝରକାଟା ବନ୍ଦ ହୋଇ ଯାଇଥିଲା ।

Digitized by srujanika@gmail.com

ନୀଡ଼

—"ତା'ପରେ ଦେଶର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ବିଷୟ ଭୁଲିଗଲେ ଚଳିବନି । ସେଇସବୁ ଦୃଷ୍ଟିରୁ ଏ ପ୍ରକାରର ଖର୍ଚ୍ଚ ବରାଦକୁ ଗୁରୁତର ଅପରାଧ ବୋଲି— ।"

ଆଲୋଚନା ଚାଲିଥିଲା କେତେକ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ । ଆଗ କାଳରେ ରାଜା ମହାରାଜାଙ୍କଠାରୁ ସମ୍ମାନ ଓ ପ୍ରତିଷ୍ଠା ଲାଭ ସାଙ୍ଗେ ସାଙ୍ଗେ ଶିଳ୍ପୀମାନେ ଯଥେଷ୍ଟ ଅର୍ଥସମ୍ପତ୍ତି ମଧ୍ୟ ପାଉଥିଲେ । ସେଥିପାଇଁ ଅନ୍ୟ କାହାର ସାହାଯ୍ୟ ପାଇବାକୁ ସେମାନେ ବ୍ୟାକୁଳ ନ ଥିଲେ କି ଅନ୍ୟର ସାହାଯ୍ୟ ଆଶାରେ ସେମାନଙ୍କୁ ତୋଷାମଦ କରିବାକୁ ଦରକାର ମନେ କରୁ ନ ଥିଲେ ।

ସେଥିରେ ଅନ୍ତତଃ ଗୋଟିଏ ସୁବିଧା ଥିଲା । ଗୋଟିଏ ପ୍ରଭୁର ମନକୁ ଯୋଗାଇ ଚଳିଲା ପରେ, ପ୍ରାୟ ସ୍ୱାଧୀନ ଥିଲା ତାଙ୍କ ଜୀବନ । ଏବେ କିନ୍ତୁ ପ୍ରଭୁ ବି ଅନେକ, ପ୍ରତିଦ୍ୱନ୍ଦ୍ୱୀ ବି ଅନେକ । ଗୀତିମୟ ବାବୁ ଅନ୍ୟମନସ୍କ ହୋଇ ପଡ଼ୁଥିଲେ ।

ସୁଗନ୍ଧ କହୁଥିଲା—

—"ସାର୍—ଅନ୍ତତଃ ଏଇ କେତୋଟା ମାସ ଟିକେ ସାହାଯ୍ୟ କରିବେ ମତେ । ବି. ଏ.ଟା ପାଶ୍ କରିଗଲେ, ମୁଁ ଆଉ ଆପଣଙ୍କୁ ବିରକ୍ତ କରିବିନି । ମୁଣ୍ଡ ଉପରେ ପରୀକ୍ଷା ଫିସ୍— ।"

କଥା କେତୋଟା ଭାବିବାକୁ ଯାଇ ହସ ମାଡ଼ୁଥିଲା ଗୀତିମୟ ବାବୁଙ୍କୁ । ପାଠ ପଢ଼ିବେନି ବୋଲି ସ୍ଥିର କରି, ଚଉଦ ବର୍ଷ ବୟସରେ

Digitized by srujanika@gmail.com

ସେ ନିଜେ କିନ୍ତୁ ଦିନେ ଘର ଗୁଡ଼ିଥିଲେ । ସେ ଆଜିକି ପଚାଶ ବର୍ଷ ତଳର କଥା । ପୁରୁଣା କଥା ହୋଇ ଗଲାଣି ।

ଶୋଭାବତୀ ଦେବୀ ଗୃ' କପୂର୍ଚା ଆଗେଇ ଦେଇ କହିଥିଲେ—

——"ଆପଣ ତ ମୋର ଜ୍ୟେଷ୍ଠ ଭାଇ ଭଳିଆ । କୋଉ କଥା ମୋର ଅଜଣା ଆପଣଙ୍କୁ ! ଟିକେ ଦେଖିବେ—ଗୃନ୍ଦପୁର ଡାକ୍ତର-ଖାନାରେ ଆପଣଙ୍କ ଭଉଣୀଙ୍କ ଲାଗି ପଚାଶଟି ଟଙ୍କା ପଠେଇବାକୁ ହଉଚି । ମୋ ନିଜ ପାଇଁ ମୋର ଚିନ୍ତା ନାହିଁ । ଟିଉସନ୍ କରି ବା ଅନ୍ୟ ଯେମିତି ହଉ ମୁଁ ଚଳିଯିବି । ଅନ୍ତତଃ ସେଇ ଟଙ୍କା ପଚାଶଟା— ।"

ଗୀତିମୟ ବାବୁ ରାଜା ନୁହନ୍ତି କି ମହାରାଜା ନୁହନ୍ତି । ଅଥଚ ଏତେ ଲୋକଙ୍କର ଏତେ ଅନୁରୋଧ ଉପରୋଧ, ଏତେ ନିର୍ଭର—ସବୁ ତାଙ୍କର ପାଖରେ । ନିଜେ ଇଚ୍ଛା କଲେ ବି କ'ଣ ସବୁରିକି ଖୁସି କରି ହେବ ? ସେଇକଥା ଭାବି ଗୀତିମୟ ବାବୁଙ୍କ ମନଟା ବିଗିଡ଼ିଗଲା ପୁଣି ଥରେ ।

—"ଯେତିକି ଖର୍ଚ୍ଚ ନହାନ୍ତି ନ କଲେ ନ ଚଳେ, ସେତିକି ଖର୍ଚ୍ଚ କରି କାମ କରିବାକୁ ମୁଁ ଆପଣମାନଙ୍କୁ ପରାମର୍ଶ ଦେବି । ଅବଶ୍ୟ କମ୍ ଖର୍ଚ୍ଚରେ ବି କାମ କରି ହବ—ଯଦି ଆପଣମାନଙ୍କର ଉଦ୍ୟୋଗ, ଉତ୍ସାହ ଆଉ ଉଦ୍ୟମ ଥାଏ ।" ଗୀତିମୟ ବାବୁ ପୁଣି ଥରେ ଅନ୍ୟମନସ୍କ ହୋଇ ପଡ଼ିଲେ ।

ଏଥର କିନ୍ତୁ ନିଜ ମନର ଚିନ୍ତା ତାଙ୍କୁ ଅନ୍ୟମନସ୍କ କରି ନ ଥିଲା । ବରଂ ସେଥିପାଇଁ ଦାୟୀ କରାଯିବ—ଚିଁ ଚିଁ ଶବ୍ଦ କରି, ଘରସାରା ଉଡ଼ି ବୁଲୁଥିବା ଦ'ଟି ଘରଚଟିଆ ଚଢ଼େଇଙ୍କି । ଅପେକ୍ଷାକୃତ ଗାଢ଼ ମାଟିଆ ରଙ୍ଗର ଚଢ଼େଇଟି, ବାଁ ପଟ ଘର କଣର ଖିଲଣ ଉପରେ ଗୋଟି ଗୋଟି କରି ଆଣି ଜମା କରୁଥିଲା—କୁଟା, କାଠି, ଛିଣ୍ଡା କାଗଜ, ଶୁଖିଲା ପତ୍ର । ତା' ଠାରୁ ଶ୍ରେଷ୍ଠ ଚଢ଼େଇଟି ସେଇ କଣରେ ବସି ସେଗୁଡ଼ିକୁ ସଜାଡ଼ି ଲାଗିଥିଲା । ଅବିଶ୍ରାନ୍ତ, ଅକ୍ଳାନ୍ତ ସେମାନଙ୍କର ଉଦ୍ୟମ । ତା' ସାଙ୍ଗେ

Digitized by srujanika@gmail.com

ସାଙ୍ଗେ ଟାଁ ଟାଁ—ସେ ଶବ୍ଦର ବି ବିରାମ ନାହିଁ । ଗୀତିମୟୀ ବାବୁ କେମିତି ଚେଲିଥି ଆଖିରେ ଚୁହିଁ ରହିଥିଲେ ।

ଘର ତିଆରି କରୁଚନ୍ତି ସେମାନେ । ନିଜ ଇଚ୍ଛା ଅନୁସାରେ, ନିଜର ଦରକାରକୁ ଦେଖି ସେମାନେ ନିଜେ ଘର ତିଆରି କରି ପାରୁଚନ୍ତି । କିନ୍ତୁ ସବୁରି ପକ୍ଷରେ ତା' ସମ୍ଭବ କି ? କାହିଁ ସେ ନିଜେ ତା' କରି ପାରି ନାହାନ୍ତି ତ ? ଅଥଚ ମଣିଷ ହୋଇଥିବା ଯୋଗୁଁ ବୁଦ୍ଧି ବା ବଳର ବି ଅଭାବ ନାହିଁ ତାଙ୍କଠାରେ । ତଥାପି କେତେ ନିରୁପାୟ ସେ, କେତେ ଅକର୍ମଣ୍ୟ !

ଚନ୍ଦ୍ରେଇଙ୍କ ଆଉ ଆଖି ଫେରାଇ ନେଲେ ସେ—କାଭଲି ଏକ ପ୍ରକାରର ବିତୃଷ୍ଣାରେ । କିଏ ଜାଣେ ? ତାଙ୍କ ମନର କୋଉ କୋଣରେ ସାମାନ୍ୟ ହିଂସା ଥିଲା କି ନାହିଁ ?

ଉଦ୍ୟମ !

ସେ ପୁଣି ଉଦ୍ୟମ କରିବେ !

ଆଖି ତାଙ୍କର ଦେଖି ନ ଦେଖିଲା ପରି, ଭିନ୍ନ ଭିନ୍ନ ଅନେକ-ଗୁଡ଼ିଏ ମୁହଁ ଉପରେ ବୁଲି ବୁଲି ଆସି ପଡ଼ିଲା ତାଙ୍କ ନିଜ ଗୋଡ଼ରେ । ନିଜ ମୁହଁ ତ ଆଉ ନିଜେ ଦେଖି ହୁଅନ୍ତାନି ? ସେ ପୁଣି ଉଦ୍ୟମ କରିବେ ! ଚଟି ହଳେ ନିଶ୍ଚୟ ଏଇ ମାସରେ କିଣିବାକୁ ହେବ । ପ୍ରାୟ ପ୍ରତି ମାସରେ ଭାବିଚନ୍ତି ସେ, ବେଶ୍ କେତେ ମାସ ହେବ । ଦରଚିରା ଚଟି ହଳଟାରେ ହୁଏତ ଆଉ କେତେଦିନ ଚଳି ହୋଇଥାନ୍ତା । ହେଲେ ବର୍ଷା ବାଦ ସାଧିଲା ସେଥିରେ । ଅଦିନିଆ ବର୍ଷା ଯୋଗୁଁ ଦେଶରେ ଫସଲ ହାନି ହେବା ବା ଖାଦ୍ୟାଭାବ ହେବା କଥା ଭାବିବା ଆଗରୁ, ଚଟିର ଏଇ ଦୁର୍ଦ୍ଦଶା ଲାଗି ମନେ ମନେ ବର୍ଷାକୁ ଗାଳି ଦେଉଥିଲେ ସେ । କିନ୍ତୁ ନୂଆ ଚଟି ଆଉ କିଣା ହେଇନି ।

କିଛି ହେଇନି । ଚଟି କିଣା ହେଇନି, ଘର ବି ସୁବିଧା କରି ହେଇନି । ଘର ଖଣ୍ଡିଏ ନେବାକୁ ତାଗିଦ୍ ପରେ ତାଗିଦ୍ ଜଣାଇ, ମାନ

Digitized by srujanika@gmail.com

ଅଭିମାନ, ତାଙ୍କ ଅପାରଗତା ଲାଗି ବିରକ୍ତି ପ୍ରକାଶ କରି ସେ ଛଟି ପରେ ଛଟି ପାଇଛନ୍ତି । ଆଉ ସବୁ ବିଷକୁ ହଜମ କରି ଦେଇଛନ୍ତି ଯେ ନିର୍ବିବାଦରେ । ତାଙ୍କ ନାଁ ପ୍ରକୃତରେ ନୀଳକଣ୍ଠ ହେବା ଉଚିତ ଥିଲା । ଏଥର ପୁଣି ହସିଲେ ସେ । ପ୍ରକୃତରେ ଯେମିତି ଭାବରେ ଦେଖିବାକୁ ଗଲେ ସମସ୍ତେ ତ ଜଣେ ଜଣେ ନୀଳକଣ୍ଠ !

ଅନ୍ୟମନସ୍କ ଆଖି ତାଙ୍କର ପଡ଼ିଲା, ହାକିମଙ୍କ କଥାକୁ ପ୍ରାୟ ପିଇ ଯାଉଥିବା ଭଳି ଅବସ୍ଥାରେ ରମେଶ ବାବୁଙ୍କ ଉପରେ । କେତେ ଗାଳିମନ୍ଦ, କେତେ ସମାଲୋଚନା, କେତେ ଅପମାନ ହଜମ କରି ଦେଇଛନ୍ତି ରମେଶ ବାବୁ—ଉପୁରି ଦି’ ପଇସା ଲାଗି । ଛ’ଟି ପିଲାଙ୍କୁ ନେଇ ଏତେ ବଡ଼ ପରିବାର ତାଙ୍କର । ଏତେ ଲୋକଙ୍କର ଏତେ ଅଭାବ କେମିତି ବା ମିଣ୍ଟାନ୍ତେ ସେ, କେବଳ ମାତ୍ର ନିଜର ରୋଜଗାରରେ !

ନୀଳକଣ୍ଠ ନାମ ଲାଗି ସବୁଠାରୁ ବେଶି ଉପଯୁକ୍ତ ହେଲେ ଆଉ ଜଣେ—ନରେନ୍ଦ୍ର ବାବୁ । କାରଣ ପ୍ରକୃତରେ ବିଷକଣ୍ଠ ସେ । ଗୀତିମୟ ବାବୁଙ୍କ ଆଖି ନରେନ୍ଦ୍ର ବାବୁଙ୍କ ଫିଟ୍‌ଫାଟ୍ ଚେହେରା, ବେଶ ପୋଷାକ ଉପରେ ଘୂରିଗଲା । ସେ ମନେ ପକାଉଥିଲେ ମାତ୍ର କେତେଦିନ ତଳର କଥା । ସନ୍ଧ୍ୟାବେଳଟାରେ ଲାଇଟ୍ ଖୁଣ୍ଟର ଉଜ୍ଜ୍ୱଳ ଆଲୁଅରେ ଗୀତିମୟ ବାବୁ ଯୋଉ ଅବସ୍ଥାରେ ତାଙ୍କୁ ଦେଖିଥିଲେ । ଅବଶ୍ୟ ନିୟମିତ ଭାବରେ, ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଧାରିତ ସ୍ଥାନରେ ନରେନ୍ଦ୍ର ବାବୁ ଯେ ବିଷପାନ କରନ୍ତି—ଏ ଖବର ଅନ୍ୟ ସବୁରି ଭଳି ତାଙ୍କର ବି ଅଜଣା ନ ଥିଲା ।

ସେମିତି ଖୋଜି ବସିଲେ—କିଏ ବା ନୀଳକଣ୍ଠ ନୁହେଁ ?

—“ସୁତରାଂ ସରକାରଙ୍କର ବିଶ୍ୱସ୍ତ ଆଉ ନିର୍ଭରଯୋଗ୍ୟ କର୍ମଚାରୀ ଭାବରେ, ଆସନ୍ତୁ ଆମର କର୍ତ୍ତବ୍ୟ କରିଯିବା । ଏଇ କର୍ତ୍ତବ୍ୟ ହେଲା ବ୍ୟୟ ସଙ୍କୋଚ ।”

Digitized by srujanika@gmail.com

ଶୀତମୟ ବାବୁ ପୁଣି ସଚେତନ ହେଲେ, କଥା କେତୋଟା କାନରେ ବାଜି, କାନ ଭିତରେ ଦେଇ କଥା କେତୋଟା ତାଙ୍କ ମର୍ମସ୍ଥଳକୁ ସ୍ପର୍ଶକଲା ଯେମିତି !

ହେବା କଥା ।

ସେ କହୁଥିଲେ, ତାଙ୍କ କଣ୍ଠରେ ବେଶ୍ ଜୋର୍ ଥିଲା । ସକାଳୁ ନିଷ୍ଠପୂ ଉପବାସ ଭଙ୍ଗ କରି ଯାଇଛି ପ୍ରଚୁର ଜଳଖିଆ ଦେଇ । ଗୋଟାକବେଳେ ଟେବୁଲ୍ ଭର୍ତ୍ତି ଖାଇବାର ନେଇ ଲଞ୍ଚ, ଟିଫିନ୍, ସ୍ନାକ୍, ରାତିର ଡ଼ିନର୍—ଏ ସବୁ ତ ଅଛି । ତା' ଛଡ଼ା ଅଛି ଅଫିସ୍‌ରେ କାମ କରିବାର କ୍ଲାନ୍ତି ଦୂର କରିବା ଲାଗି ଆବଶ୍ୟକୀୟ, ହୁଏତ ଅନିବାର୍ଯ୍ୟ—ଚ୍, କଫି ।

ଆଜି ତାଙ୍କ କପାଳରେ ?

ସକାଳର ଜଳଖିଆ ବୋଇଲେ—ପାଖ ବଜାର ଗୁଲୁଗୁଲା ଦୋକାନରୁ ଦି'ଟା ବରା, ଗ୍ଲେଟ ଟିଲସରେ ଗୋଟାଏ ଚ୍', ଦିନ ଗୋଟେ ଭିତରେ ପହଞ୍ଚ ପାରିଲେ ରାଧୁନାଥର 'ବିଶୁଦ୍ଧ ହିନ୍ଦୁ ହୋଟେଲ୍'ର ଅସିଦ୍ଧ ଭାତ ତରକାରୀର ଗୋଟେ ମିଲ୍ । ଆଉ ତା' ପରେ ଯାଇ ସେଇ ରାତି ଦଶଟାରେ ଶୁଖିଲା କେଇଖଣ୍ଡ ରୁଟି ସାଙ୍ଗରେ ମେଞ୍ଚେ କଖାରୁ ମୂଳା ତରକାରୀ, ସତେ ଯେମିତି ସେଇ ତରକାରୀର ସ୍ୱାଦ ପାଟିରେ ଅନୁଭବ କଲେ ସେ ।

ଅଥଚ ସେ ଚେଷ୍ଟା କରିଥିଲେ । ଉଦ୍ୟମ କରିଥିଲେ ଘରଟିଏ ନେବେ ସେ ଆଉ ଗାଁରୁ ଆଣିବେ ଘରଣୀଙ୍କୁ । ତା' ପରେ ଅସୁବିଧା ଅସୁବିଧା ଭିତରେ ହେଉ ପଛେ ସେ ରହିବେ,. ତାଙ୍କର ଗ୍ଲେଟ ମାଡ଼ିଟିଏ । ଧନୀ ହେବାକୁ ସେ ଚାହିଁ ନ ଥିଲେ କି ଜ୍ଞାନୀ ପଣ୍ଡିତ ହେବାକୁ ବି ନୁହେଁ । ତାଙ୍କ ଇଚ୍ଛା ଥିଲା କେତେ ସାମାନ୍ୟ, କେତେ ନଗଣ୍ୟ; କିନ୍ତୁ ସେଇତକ ବି ହେଲାନି ।

ଦଶ ଫୁଟ ଲମ୍ବା ଆଉ ଦଶ ଫୁଟ ଚୌଡ଼ା—ସେଇ ବଖରାଏ ଘରେ ଅଂଶୀଦାର ସେମାନେ ତିନିଜଣ । ପଶ୍ଚିମ ପଟେ ଗୋଟେ ଝରକା ଆଉ

Digitized by srujanika@gmail.com

ପୂର୍ବପଟେ ଗୋଟିଏ ଦୁଆର ଖରା ଦିନେ ପବନ ତ ଆସେନି, ଆସେ ଉପର ବେଳାର ଝାଇଁଝାଇଁଆ ଖରା; ଶୀତ ଦିନେ କିନ୍ତୁ ଖରା ଆସେନି । ଆସେ ହାଡ଼ଥରା କାକୁଆ ପବନ ।

ବାଁ ହାତ କାନ୍ଥକୁ ଲାଗି ତାଙ୍କର ଦୁଇ ଫୁଟ ଚୌଡ଼ା ଖଟଟା, ଡାହାଣ ହାତ କାନ୍ଥକୁ ଲାଗି ହରିହରର ଖଟ ଆଉ ଝରକାର ଠିକ୍ ତଳେ ରଜନୀ ବାବୁଙ୍କ କ୍ୟାନ୍‌ଭାସ୍ ଖଟିଆ । ପଡ଼ାପଢ଼ି କରିବାକୁ ଭଲ ପାଆନ୍ତି ବୋଲି, ଟିକେ ଆଲୁଅ ଆଶାରେ—ରଜନୀ ବାବୁ ଖରାଦିନର ଖରା, ବର୍ଷା ଦିନର ବର୍ଷା ଛିଟ ଆଉ ଶୀତ ଦିନର ଥଣ୍ଡା ସବୁ ସହନ୍ତି । ସୁତରାଂ ପଢ଼ାପଢ଼ି କରୁଥିବା ଲାଗି ସେ ଯେତେଟା ଗର୍ବ ଓ ଗୌରବ ଆଶା କରନ୍ତି, ବୋଧେ ସେଇଟା ତା'ର ପ୍ରାପ୍ୟ ।

ଘରଟା ଛୋଟ ବୋଲି ଯେ ଗୀତମଧୁ ବାବୁ କ୍ଷୁଣ୍ଣ ବା ବିରକ୍ତ—ତା ନୁହେଁ । ଛୋଟ ହେଲେ ବି ଘରଟା ଯଦି କେବଳ ଏକୁଟିଆ ତାଙ୍କର ହୋଇ ଥାଆନ୍ତା ! ସେଇ ଘରଟି ହୋଇଥାନ୍ତା ତାଙ୍କର ସ୍ୱର୍ଗ । ଛାଡ଼—ଯାହା ହେବାର ନୁହେଁ ।

ହେଲେ ଘରଟା ଦିନେ ସେ ନିଜେ ଠିକ୍ କରିଥିଲେ । ଆଲକାତରାଲଗା ଦୁଆର ଉପରେ—'ଘର ଭଡ଼ା ଦିଆଯିବ'—ପଟା ଖଣ୍ଡିକ ପଢ଼ି ସେଦିନ ଘର ମାଲିକଙ୍କ ସାଙ୍ଗେ ଦେଖା କରିଥିଲେ ସେ ନିଜେ ।

ବୃଦ୍ଧ ଭଦ୍ରଲୋକ ରୁପା ଫ୍ରେମ୍‌ର ଚଷମାଟାକୁ ନାକ ଆଗକୁ ଟାଣି ଆଣି, ଭ୍ରୂ କୁଞ୍ଚେଇ ପଚାରିଥିଲେ—

—"କାହାକୁ ଖୋଜୁଚନ୍ତି ?"

—"ଆଜ୍ଞା ଏଇ ପାଖ ଘରଟା ଭଡ଼ା ଦିଆଯିବ ବୋଲି ଶୁଣିଲି ଯେ— ।" ବିନମ୍ରତେ ଗୀତମଧୁ ବାବୁଙ୍କର ପ୍ରାୟ ବିଗଳିତ ଅବସ୍ଥା ।

—"କାହାଠୁଁ ଶୁଣିଲେ ?" ଭଦ୍ରଲୋକଙ୍କ ଆଖିର ଦୃଷ୍ଟି ଏ ମଧ୍ୟରେ ଆହୁରି ତୀକ୍ଷ୍ଣ ହୋଇ ସାରିଚି ।

Digitized by srujanika@gmail.com

—"ମାନେ—ଶୁଣିନ । ପଢ଼ିଲି, ଦୁଆରେ ଲେଖା ହେଇଛି କି ନା ?"

—"ବେଶ୍—ଭଡ଼ା କେତେ ଜାଣନ୍ତ ତ ?"

—"ଜାଣିନ—ସେଇ କଥା ପଚାରିବାକୁ ଆସିଛି । ଘରଟା ଆପଣଙ୍କର ?"

—"ଘର ମୋର । ଗୋଟିଏ ବଖରା ପକ୍କା ଘର—ଭଡ଼ା ଚାଳିଶ ଟଙ୍କା ପଡ଼ିବ ! ପାଇଖାନା, କୂଅ, ସେପଟକୁ ଅଛି । କାହାର ଘର ଦରକାର ?"

—"ଘର ଦୁଆରେ କାହାର ଦରକାର ନୁହେଁ କହିଲେ ? ଦରକାର ନ ହେଲେ କିଏ ବା କାହିଁକି ଏଠି ରହିବାକୁ ଚାହିଁବ ?"

ଏତିକି କହିଦେଲା ପରେ ସତର୍କ ହେଇ ପଡ଼ିଲେ ଗୀତିମୟ ବାବୁ । ତାଙ୍କ ଦରକାରଟା କେତେ ଜରୁରୀ, ସେକଥା କହିଦେଲେ—ଘରର ଭଡ଼ା ସେଇ ଅନୁପାତରେ ବଢ଼ି ଯିବନି ତ ?

—"ଘରଟା ଆପଣ ନେବେ ତ ?"

ସନ୍ଦିଗ୍ଧ କଥା କେତେଟା ଶୁଣି ଏଥର ସେ ଉତ୍ତର ଦେଲେ ମାପିଚୁପି ।

—"ହଁ, ମୁଁ ନେବି ଘରଟା ।"

—"ଭଡ଼ା ଚାଳିଶ ଟଙ୍କା, ଦୁ' ମାସର ଭଡ଼ା ଅଗ୍ରୀମ ଦେବାକୁ ହେବ । ଆପଣ ବିବାହ କରିଚନ୍ତି ତ ?"

ଏଇଥର ଗୀତିମୟ ବାବୁଙ୍କର ଧୈର୍ଯ୍ୟଚ୍ୟୁତି ହେଲା ।

ଆଶ୍ଚର୍ଯ୍ୟ— !

ଏ ତ ଅତ୍ୟନ୍ତ ଅନ୍ୟାୟ ଆବ୍‌ଦାର୍ । ଘରଭଡ଼ା ଦେବେ ବୋଲି ବିବାହ କରିଛି କି ନାହିଁ, ଏ ପ୍ରଶ୍ନ ବି ପଚାରିବାର ଅଧିକାର ତାଙ୍କର ଅଛି ନାଁ କ'ଣ ?

Digitized by srujanika@gmail.com

—"ନାଁ—ବିବାହ କରିନି କି କରିବିନି ଜମାରୁ ।" ରାଗରେ ପାଟିରୁ ବାହାରି ଗଲା ତାଙ୍କର । ପରେ ପରେ ଅବଶ୍ୟ ଅନୁତପ୍ତ ହେଲେ ସେ । ବିବାହ ଭଳି ଏକ ସର୍ବଜନ ଆଦୃତ କାମ କରି ନାହାନ୍ତି ବୋଲି, ସେ ଘରଭଡ଼ା ନେବାର ଉପଯୁକ୍ତ ନୁହନ୍ତି, ଯଦି ଏଇ କଥା ଧରି ନିଆଯାଏ ।

—"ଭଲ କରିଚନ୍ତି ଆଜ୍ଞା—ଅତି ଉତ୍ତମ କାମ କରିଚନ୍ତି । କଥାରେ କହନ୍ତି ପରା—'ଦିଲ୍ଲୀକା ଲଡ୍ଡୁ'—ଯେ ଖାଇବ ସେ ପସ୍ତେଇବ, ଯେ ନ ଖାଇବ ସେ ବି ପସ୍ତେଇବ । ହଁ ବାହା ହେବାର ଦିନ କାଳ କ'ଣ ବିତି ଯାଉଚି ? ମନୋମତ ପାତ୍ରୀ ମିଳିଲେ, ଯେଉଁମିତି ସୁଲକ୍ଷଣା ଝିଅଟିଏ ମିଳିଲେ ଯାଇ— ।"

ରାଗଟା ଶାନ୍ତ ହୋଇ ଆସିଥିଲା । ମୁହଁ ପୋଛିବାକୁ ରୁମାଲ କାଢ଼ିବାକୁ ଯାଇ ହାତକୁ ଲାଗିଲା କାଗଜ ଖଣ୍ଡିଏ । ପକେଟ୍‌ରେ ତାଙ୍କର ଥିଲା ଚିଠି ଖଣ୍ଡେ । ଲେଖିଥିଲେ ଗାଁରୁ ତାଙ୍କ ସହଧର୍ମିଣୀ—ମାନେ ସ୍ତ୍ରୀ । ପ୍ରକୃତରେ ଅନ୍ୟ ସବୁଥର ଅପେକ୍ଷା ଏଥରର ଚିଠିଟା ଥିଲା ଟିକେ ଭିନ୍ନ ପ୍ରକାରର । ଭାଷାଟା ତା'ର ଯେମିତି ମୋଲାଏମ୍, ଅର୍ଥଟା ବି ଠିକ୍ ସେମିତି ଭାବ ଗଦ୍ ଗଦ୍ । ଚିଠିଟା ବହି ଆଣିଥିଲା—କେମିତି ଗୋଟେ ରହସ୍ୟର ଗନ୍ଧ । କ'ଣ ଗୋଟେ କହିବାକୁ ଯାଇ, ସତେ ଯେମିତି କହି ହୋଇ ନ ଥିଲା ।

ପ୍ରକୃତରେ ଏଇ ଚିଠିଟା ପାଇବା ପରେ, ତାଙ୍କର ଘର ଖୋଜିବାର ଆବଶ୍ୟକତା ଆଉ ଗୁରୁତ୍ୱ—ଦି'ଟା ଯାକର ବଢ଼ି ଯାଇଥିଲା । ଘରଟା ତାଙ୍କୁ ମିଳିଥିଲା ସତ; କିନ୍ତୁ ତାଙ୍କର ଦୁଃଖ ଗଲା କୋଉଠି ? ବରଂ ବଢ଼ିଗଲା । ଖର୍ଚ୍ଚର ପରିମାଣ ପ୍ରାୟ ଦୁଇ ଗୁଣ । ଘରଣୀଙ୍କୁ ଆଣିବାର ଉପାୟ ରହିଲାନି ଆଉ, ଫଳରେ ଏଠି ଆଉ ଗାଁରେ ଦି'ଟା ଘର ଚଳେଇବାକୁ ପଡ଼ୁଚି ତାଙ୍କୁ । ହେଲେ ଉପାୟ ?

ଉପାୟ ଗୋଟେ କରି ସାରିଥିଲେ ଚଟେଇ ଦି'ଟା । ଏଇ ଅଳ୍ପ ସମୟ ଭିତରେ କାନ୍ଥ ଖିଲାଣରେ କାଗଜକୁ—ସୁନ୍ଦର, ଛବି ଭଳି ଚଟେଇ

Digitized by srujanika@gmail.com

ବସାଟିଏ ତିଆରି ହେଇ ସାରିଥିଲା । ତା' ଭିତରେ ଆରାମରେ ରହି ଥିବାର ଭାବଭଙ୍ଗୀ ଦେଖାଇ, ଦି' ଚାରି ଥର ବ୍ୟସ୍ତ ଭାବରେ ଏପାଖ ସେପାଖ ତଦାରଖ କରି, ବେଙ୍ଗୁଟ ଚଢ଼େଇଟି ତା' ଭିତରେ ଅଦୃଶ୍ୟ ହେଇ ସାରିଥିଲା । ଆଉ ଚଢ଼େଇଟି ଆପାତତଃ କାମ ସାରି ଥାଇକି ଭାବି, ବିଶ୍ରାମ ନେବା ଉଦ୍ଦେଶ୍ୟରେ ବୋଧେ ଜାଗା ଖୋଜୁଥିଲା । ଘରଟି କହିବାକୁ ଗଲେ ସେଇ ତୋଳିଲା, ଅଥଚ ସେଠି ତା'ର ଜାଗା ନାହିଁ । ଚଢ଼େଇଟି ଏ କଥା ଭାବିଲା କି ନାହିଁ କହି ହେବନି । ସେ କିନ୍ତୁ ଫୁର୍ ଫୁର୍ କରି ଦି' ଚାରି ଥର ଏପଟ ସେପଟ ଉଡ଼ି ଠିକ୍ ଯୋଉ ସମୟରେ ପଙ୍ଖା ଉପରେ ବସିବାକୁ ଗଲା, ବକ୍ତୃତା ଦେବାର ପ୍ରଚୁର ପରିଶ୍ରମ ପରେ ବକ୍ତା ମହାଶୟ ମଧ୍ୟ ଠିକ୍ ସେଇ ସମୟରେ ପଙ୍ଖା ବୁଲେଇବାକୁ ଠିକ୍ କଲେ ।

ଫଳ ଆଦୌ ଭଲ ହେଲାନି ।

ଚଢ଼େଇଟା କେଜାଣି କାହିଁକି ଚିଁ-ଚିଁ କରି ଦି' ଥର ଶବ୍ଦ କରି, ପ୍ରାୟ ଘର ଚଟାଣର ମଝିରେ ପଡ଼ିଗଲା । ସମସ୍ତେ ବେଶ୍ ଚମକି ପଡ଼ି ଚାହିଁଲେ ତା'ରି ଆଡ଼କୁ । ଦୁଇ, ତିନି ମିନିଟ୍ ଗୋଡ଼, ଡେଣା, ଦେହ ହଲିଗଲା ତା'ର । ତା'ପରେ ସବୁ ଚୁପ୍‌ଚାପ୍ । କେମିତି ଗୋଟେ ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହେଲା—କେମିତି ଗୋଟେ ଅବାସ୍ତବତା ।

ଏ ପରିସ୍ଥିତିର ପ୍ରଭାବରୁ ମୁକ୍ତ ମନେହେଲେ କେବଳ—ପରିସ୍ଥିତିର ସୃଷ୍ଟିକର୍ତ୍ତା ବଡ଼ ସାହେବ ନିଜେ, ଆଉ ଘର ଚଟାଣରେ ପଡ଼ିଥିବା—ପ୍ରାୟ ନିସ୍ତବ୍ଧ ଚଢ଼େଇଟା । ଗୀତିମନ୍ତୁ ବାବୁଙ୍କ ବଡ଼ ବଡ଼ ଆଖି ଦି'ଟା ଥରେ କୁଟା କାଠିରେ ଝଞ୍ଜା ବେଙ୍ଗୁଟ ଚଢ଼େଇ ବସା ଉପରେ, ଆଉ ଥରେ କୁଣ୍ଡେଇ ଭଳି ସ୍ଥିର, ଅଚଞ୍ଚଳ ଚଢ଼େଇ ଉପରେ ବୁଲି ଆସିଲା । କାନରେ ବାଜୁଥିଲା ଅସ୍ପଷ୍ଟ ଆଉ ଗୋଟେ ଶବ୍ଦ ।

କେମିତି ରହି ରହି ଶୁଭୁଥିଲା ।

ହୁଏତ ଆଉ ଚଢ଼େଇଟି ନୀଡ଼ ଭିତରେ ରହି ସେ ପର୍ଯ୍ୟନ୍ତ ଏ ସବୁ କିଛି ଜାଣିପାରି ନ ଥିଲା । ଜାଣିପାରି ନ ଥିଲା ଯେ ତା'ର ଡାକ

Digitized by srujanika@gmail.com

ଶୁଣିବାକୁ, ତାକୁ ନିଜ ଉପସ୍ଥିତିରେ ଅଭୟ ଦେବାକୁ ସାଥୀ ତା'ର ଆଉ ନାହିଁ ।

—"ରମେଶ ବାବୁ ହରିଶଙ୍କୁ କହିବେ ତ ରୁମ୍‌ଗୁଡ଼ା ଏକଦମ୍ ସଫା ହଉନି । ଅଳନ୍ଧୁ, ଧୂଳି, ମଇଳା—ଏମିତି ଗୁଳିଲେ ଘର ଭିତରେ ସାପ ବିଚ୍ଛୁ ବି ରହିବେ ଯେ ! ଉଇମରା ପାଇଁ ଏ ବର୍ଷ ତ କିଛି ଟଙ୍କା ମଞ୍ଜୁର ହୋଇଚି ? ଅନ୍ତତଃ କିଛି କାମ ତ କରି ଦେଖାଇବାକୁ ହବ ?" ହାକିମଙ୍କ କଥା ଶୁଣି ନ ଶୁଣିଲା ଭଳି, ଉଠି ପଡ଼ିଲେ ଗୀତିମୟ ବାବୁ !

ବର୍ତ୍ତମାନ ପ୍ରଶ୍ନ ହଉଚି—ଗୀତିମୟ ବାବୁ ଚିନ୍ତା କରୁଥିଲେ—ଯୋଉଥିପାଇଁ ଚଢ଼େଇଗୁଡ଼ା ବସା ତିଆରି କରିବାକୁ ଚାହୁଁଥିଲେ, ସେଇଥିପାଇଁ ଶ୍ରୀମତୀଙ୍କର ଘର ଖୋଜିବାର ଚାହିଦା ନୁହେଁ ତ ? ସେ କେମିତି ହଠାତ୍ ଆଜ ସ୍ତମ୍ଭୀଭୂତ ହୋଇ ଯାଇଥିଲେ—କଥା କେତେଟାର ଗୁରୁତ୍ୱ ଉପଲବ୍ଧି କରି ।

Digitized by srujanika@gmail.com

ସ୍ୱପ୍ନ—ଗୋଟିଏ କାମନାର

ଗାଧୋଇବାକୁ ଯିବା ଆଗରୁ ସେ କେତେ ମିନିଟ୍ ସମୟ ମୁଣ୍ଡ ବାନ୍ଧିବାକୁ; ଆଉ ଗାଧୋଇ ସାରିବା ପରେ ସେଇ କେତେ ମିନିଟ୍ ଚେହେରାଟାକୁ ସୁନ୍ଦର ନ ହେଲେ ବି ଭଦ୍ର କରିବାକୁ । ସୁମନା ବାରମ୍ବାର ବିରକ୍ତ ହେଲେ ବି ବାଧ୍ୟ ହୁଏ ନିଜକୁ ଦେଖିବାକୁ ସେଇ କେତେ ମିନିଟ୍ ଲେଖାଁ । ଦେଖିବାକୁ ହୁଏ ଡ୍ରେସିଂ ଟେବୁଲ ଆଗରେ ବଡ଼ ଆଇନାରେ ।

ନିଜର ଏଇ କଳା, ଅସୁନ୍ଦର ମୁହଁଟାକୁ ସବୁଠୁଁ ବେଶି ଘୃଣା କରେ ସେ । ସୁନ୍ଦର ନ ହେଲେ ବି ଅନ୍ତତଃ ଯଦି ସେ ଅସୁନ୍ଦର ନ ହୋଇ ଥାନ୍ତା ! ନିଜେ ସେ ସୁନ୍ଦର ନୁହେଁ, ହେଲେ ଅସୁନ୍ଦର ହେବା ସତ୍ତ୍ୱେ ସୌନ୍ଦର୍ଯ୍ୟ କ'ଣ—ସେ କଥା ତା'ର ଅଜଣା ନୁହେଁ । ବରଂ ଅନ୍ୟ ସବୁରି ଅଗୋଚରରେ କହିବାକୁ ଗଲେ ନିଜର ବି ପ୍ରାୟ ଅଜାଣତରେ ସେ ସୌନ୍ଦର୍ଯ୍ୟର ବିଭିନ୍ନ ଦିଗକୁ ନାନା ଭାବରେ ପରୀକ୍ଷା କରି ଦେଖିଛି ।

ଲତିକାର ଆଖି ଦି'ଟି ସୁନ୍ଦର ।

ସରୁ କଳା ଭ୍ରୂ ତଳେ, ଲମ୍ବା ଆଙ୍କି ଦେଲା ଭଳି ଦୁଇଟି ଆଖି । ଭାରି ଆଖି ପତା, ଚାହାଣି ଅଳସ ଆଉ ପତାର ଲମ୍ବା ବାଳଗୁଡ଼ା ଛୁଇଁ ଛୁଇଁ ଯାଏ ଗାଲକୁ, ଭ୍ରୂକୁ । ସେ ଆଖି ଥରେ ଦେଖିଲେ ଆଉ ଥରେ ଦେଖିବାକୁ ଇଚ୍ଛା ହୁଏ । କୁଆଡ଼େ ସେ ଆଖିରେ ଆଖି ମିଳାଇଲେ, ମନେହୁଏ ଗଭୀର ହୋଇ ସେ ଚାହାଣି ବିନ୍ଧି ଯାଇଛି ମନର ସବୁଠାରୁ ନରମ ଅଂଶଟାରେ । ଅନ୍ତତଃ ସେଇଆ ଥରେ କହିଥିଲା ଅତନୁ । ଶୁଣି ହସିଥିଲା ଲତିକା ।

Digitized by srujanika@gmail.com

ସୁମନା କିନ୍ତୁ ବୁଝିଁଥିଲେ ବି ହସିପାରି ନ ଥିଲା । ଚିରଦିନ ସକାଳେ ଦର୍ପଣ ଆଗରେ ବସି ମୁଣ୍ଡ କୁଣ୍ଡାଇବାକୁ ଯାଇ ତା'ର ମନେ ପଡ଼ିଗଲା ସେ କଥା । ତା'ର ଆଖି ବି ଲମ୍ବା, କଳା ପାତଳା ଭ୍ରୂ ତଳେ—ଆଙ୍କି ଦେଲା ପରି । ମାତ୍ର କେବଳ ଅଲଗା କରି, ଆଖି ଦି'ଟା ଦେଖିଲେ ହୁଏତ କାହାକୁ ସୁନ୍ଦର ଦିଶିଥାନ୍ତା । କିନ୍ତୁ ତାକୁ କେମିତି ବା ଅଲଗା କରିହେବ—ଅସୁନ୍ଦର, କୁତ୍ସିତ ଏଇ ମୁହଁଟାରୁ ? ବିରକ୍ତ ଭାବରେ ଦର୍ପଣ ଆଗରୁ ସୁମନା ଉଠି ଯାଇଥିଲା ।

ସୁନ୍ଦର କୃଷ୍ଣାର କଳା, କୁଞ୍ଚିତ କେଶରାଶି ।

ମଥା ଭରା, ଆକାଶର କଳା ମେଘ ଭଳି ନଇଁ ଆସି କୃଷ୍ଣାର ଅପେକ୍ଷାକୃତ ସାଧାରଣ; କିନ୍ତୁ ଗୋରା ମୁହଁ ଲାଗି ଯୋଗାଏ ସୁଦର୍ଶନ ଏକ ପୃଷ୍ଠଭୂମି । ଦେଖିଲେ ମନହୁଏ ସଜାଡ଼ି ଦେବାକୁ କପୋଳର ଅଳକା, ଇଚ୍ଛା ହୁଏ ଆଉଁସି ଦେଇ କଳିବାକୁ ତା'ର କେଶ ସାଗରର ସେ ଢେଉର ଉଦ୍ଦାମତାକୁ । ଆଦର କରିବାକୁ ମନ ଧାଇଁ ଯାଏ ।

କବି ଅତନୁ ତ ସେଦିନ ଆତ୍ମହରା ହୋଇ କହି ଦେଇଥିଲା । କହିଥିଲା—ପାପର ସାଗର ଭଳି ଅସୀମ ଅବଗାହନ କରି ମଧ୍ୟ ସେଥିରୁ ସମ୍ପୂର୍ଣ୍ଣ ଆହରଣ କରି ହେବନି ସୌନ୍ଦର୍ଯ୍ୟ ସୁଧାକୁ । ମନ ହେବ—ଚିରଦିନ ବୁଡ଼ି ରହିବାକୁ, ହଜି ନିଶ୍ଚିହ୍ନ ହୋଇ ଯିବାକୁ, ସମସ୍ତ ସତ୍ତା ହଜାଇ ଆତ୍ମହତ୍ୟା କରିବାକୁ । ତା' କଥା ଶୁଣି ଅନ୍ୟମନସ୍କ ଭାବରେ କପାଳରୁ ଚୂର୍ଣ୍ଣକୁନ୍ତଳ କେତୋଟା ଆଡ଼େଇ ଦେଇ କୃଷ୍ଣା ହସିଥିଲା—ନିରୁତ୍ତାପ ହସ । ସେଦିନ ବି ହସି ପାରି ନ ଥିଲା ସୁମନା ।

କେତେଦିନ ପରେ ଗାଧୋଇଲା ଉତ୍ତାରୁ ଦର୍ପଣ ଆଗରେ, ମୁହଁଟାକୁ ସାଧାରଣ ଦେବାର ମାମୁଲି ଚେଷ୍ଟା କରୁ କରୁ ପୁଣି ଥରେ ବିଗିଡ଼ି ଗଲା ସେ, ଆଉ ଉଠିଗଲା ସେଠୁ । ରାଗରେ କପାଳରେ କୁଙ୍କୁମ ଟିପାଟା ଦେବାକୁ ବି ଭୁଲିଗଲା ସେ ।

ତା'ର ବି ଥିଲା—ବିରକ୍ତିକର, ଭ୍ରମର-କଳା କେଶସମ୍ଭାର । ବର୍ତ୍ତମାନ ବି ମୁଣ୍ଡ କୁଣ୍ଡାଇବାକୁ ଯାଇ ଖଣ୍ଡମତ ଭିଡ଼ା ଓଟରି କରିବାକୁ

Digitized by srujanika@gmail.com

ପଡ଼େ ତାକୁ । ଆଗରୁ ପିଲାଦିନେ ବରଂ ଲମ୍ବା ସେ କେଶ ସଜାଇବାର ଦାୟିତ୍ୱ ଥିଲା ବୋଉର । କିନ୍ତୁ ଅଡ଼ୁଆ ଛଡ଼ା, ବେଣୀ ବନ୍ଧା ଏ ସବୁର ଉତ୍ପାତରେ ତିନି ଚାରି ଦିନରେ କେବଳ, ଥରେ ମୁଣ୍ଡ କୁଣ୍ଡାଇବାକୁ ସେ ରାଜି ହେଉଥିଲା । ସେ ଥିଲା ପିଲା ଦିନର କଥା ।

ଏବେ ବି ସେ ସେ ଅଧିକ କିଛି ଯତ୍ନ ନିଏ ସେ କଥା କହି ହେବନି । ତଥାପି ଆଶ୍ଚର୍ଯ୍ୟ ! କୌଣସି କ୍ଷତି ବୃଦ୍ଧି ନାହିଁ ସେ କେଶର । ଯେମିତି ଥିଲା ଆଜି ବି ସେମିତି, ପିଠିର ସୀମା ଟପି ଲମ୍ବା ସାପ ଭଳି ବେଣୀଟା ଆଣ୍ଠୁ ଛୁଏଁ । କିନ୍ତୁ ତଥାପି ସେ କଥା କାହା ଆଖିରେ ପଡ଼େ କି ନାହିଁ ସନ୍ଦେହଜନକ । ମନ ଛୁଇଁବା ତ ଦୂରର କଥା ।

ଅସୁନ୍ଦର, କଳା ସେଇ ମୁହଁକୁ ଆଖି ଆଗରେ ଦେଖି କିଏ ବା କାହିଁକି ତା'ର ପୃଷ୍ଠଭୂମି କଥା ଚିନ୍ତା କରିବ, ବା ଲକ୍ଷ୍ୟ କରିବ ତା'ର ସୌନ୍ଦର୍ଯ୍ୟକୁ ? ସୁମନା କ୍ଳାନ୍ତ, ପରାଜିତ ମନ ନେଇ ଦର୍ପଣ ଆଗରୁ ଉଠି ଆସିଥିଲା ।

ସେ ଅସୁନ୍ଦର—ଅସୁନ୍ଦର ତା'ର କଳା ରଙ୍ଗ ।

ଅଥଚ ଏଇ କଳା ରଙ୍ଗର ତାରଫ୍‌ର ଅଭାବ ବି ଏ ଦୁନିଆରେ ନାହିଁ ତ ? ସ୍ୱାତିର ରଙ୍ଗ କଳା । ସ୍ୱାତି ହୁଏତ ତା'ର ନାକ, ଆଖି, ତା'ର ଗଢ଼ଣି ସୁନ୍ଦର । କିନ୍ତୁ ରଙ୍ଗ ତା'ର ମଇଳା—ହୁଏତ ସୁମନାଠାରୁ ବି ବେଶି କଳା ସେ । କିନ୍ତୁ କେଜାଣି କାହିଁକି ସ୍ୱାତିକୁ ଦେଖି ତା'ର କଳା ରଙ୍ଗକୁ କେହି ମନେ ପକାନ୍ତିନି । ବରଂ କେତେ କବିତା, କେତେ ବର୍ଣ୍ଣନା ତା'ର ସେଇ ଉଜ୍ଜ୍ୱଳ ଶ୍ୟାମ ବର୍ଣ୍ଣକୁ ନେଇ ।

ସୁଜିତ୍ କହିଥିଲା—କବିଙ୍କ ବର୍ଣ୍ଣନାର ସେଇ 'ଦଳିତ ଅଞ୍ଜନ କାନ୍ତି' କଥାଟାର ଅର୍ଥ ହିଁ ବୁଝିଲା ସେ ସ୍ୱାତି ମୁହଁକୁ ଚାହିଁ । ରମେଶ ମତରେ—ସୌନ୍ଦର୍ଯ୍ୟର ପ୍ରତିଫଳନ ଲାଗି ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ଯେତିକି ଉପଯୋଗୀ ହୁଏତ ଅନ୍ୟ କୌଣସି ରଙ୍ଗ ସେଭଳି ନୁହେଁ । ଶେଷରେ ମନେ ପଡ଼ିଗଲା ଅତନୁର କଥା କେତେଟା ।

Digitized by srujanika@gmail.com

ସ୍ୱାତିର ରଙ୍ଗ କୁଆଡ଼େ ଅତନୁକୁ ମନେ ପକେଇ ଦିଏ—ଦିନ ଶେଷର ସ୍ଥିର, ଗଭୀର ସାଗରର ରଙ୍ଗ—ଯାହା ଅଳ୍ପ ଆଗରୁ ବିଚିତ୍ର, ଅସଂଖ୍ୟ ରଙ୍ଗରେ ରଂଜିତ ଥିଲା । ପୁଣି ଯାହା ଅଳ୍ପ ପରେ ଉଦ୍ଭାସିତ ହୋଇ ଉଠିବ ଚନ୍ଦ୍ରର କିରଣରେ, ଉଜ୍ଜ୍ୱଳ ବର୍ଣ୍ଣାଢ୍ୟରେ । କିନ୍ତୁ ହେବନି ଯେ—ସେ କେବଳ ଅନ୍ୟର ସୌନ୍ଦର୍ଯ୍ୟର ପ୍ରତିଫଳନ ମାତ୍ର, ପ୍ରତିବିମ୍ବ ଅନ୍ୟର ରଙ୍ଗର । ନିଜସ୍ୱ ଏକ ଗଭୀର ଶୋଭା ଅଛି ତା'ର । ସେ ବର୍ଣ୍ଣାଢ୍ୟ, ସେ ଉଜ୍ଜ୍ୱଳତା ଯାହାର କେବଳ ଅଳଙ୍କାର ମାତ୍ର ।

ଏତେ କଥା ବୁଝେନା ସୁମନା; କିନ୍ତୁ ଅନୁଭବ କରିପାରେ ପ୍ରକୃତରେ ସ୍ୱାତି ସୁନ୍ଦର । କଳା ହେଲେ ବି ତା' ମୁହଁକୁ ଚାହିଁଲେ ସେ କଥା କାହାର ମନେ ପଡ଼େନା । ଅଥଚ—

ଦର୍ପଣରେ ନିଜ ମୁହଁକୁ ପୁଣି ଥରେ ନିରେଖି ଦେଖୁଥିଲା ସେ । କଳା ସେ ବି ଏବଂ ଏତିକି କୁହାଯାଇ ପାରେ ଯେ ହୁଏତ ସେ ସ୍ୱାତି ଭଳି କଳା ନୁହେଁ । ଆଉ ସେ ସ୍ୱାତି ଭଳି ସୁନ୍ଦର ବି ନୁହେଁ । ତା' ମୁହଁକୁ ଦେଖି ସୌନ୍ଦର୍ଯ୍ୟର ପ୍ରତିଫଳନ କଥା କାହା ମନକୁ ଆସିନି କି ତା'ର ନିଜସ୍ୱ ଶୋଭା ସମ୍ପର୍କରେ କେହି କେବେ ମୁଣ୍ଡ ଖେଳେଇନି । ତା'ର କାରଣ ହେଲା—ତା' ମୁହଁର ବେଶ୍ଚିଠ ବଡ଼ କେତୋଟି ଦାଗ । ଖୁବ୍ ପିଲା ଦିନେ ହୋଇଥିଲେ ବି ବସନ୍ତର ସେ ସ୍ୱାକ୍ଷର ଏବେ ବି ତାକୁ ପଦେ ପଦେ ବଞ୍ଚିତ, ବାରମ୍ବାର ଲାଞ୍ଛିତ, ଅବହେଳିତ କରୁଛି ।

ନାଁ—ଭଲ ପାଇବା କାହା ପାଖରୁ ସେ ଆଶା କରି ପାରିନି ସତ । ନିଜର ଅନିଚ୍ଛା ସତ୍ତ୍ୱେ ସେ କିନ୍ତୁ ପାଇଛି ଅନେକଙ୍କର ବିଶ୍ୱାସ । ଅନେକଙ୍କର ମନକଥା ଶୁଣିବା ଲାଗି, ଜଣେ ଦରଦୀ ଶ୍ରୋତା ବୋଲି ଅନେକଙ୍କର ଆଦର ବି ପାଇଛି ସେ । ସେମାନଙ୍କର ସେଥିରେ ସେ କି ଉପକାର କରିଛି, ସେ ସମ୍ପର୍କରେ ପରିଷ୍କାର ଧାରଣା ନ ଥିଲେ ବି ମନେ ମନେ ସେଥିପାଇଁ ତାକୁ ବିବ୍ରତ ହେବାକୁ ପଡ଼ିଛି । କ'ଣବା ଲାଭ ସେଥିରେ ? ଅଯଥା ନିଜର ଅନାଦୃତ, ଅବାଞ୍ଛିତ ହେବା କଥା ବାରମ୍ବାର ସ୍ମରଣ କରିବା ଛଡ଼ା ।

Digitized by srujanika@gmail.com

ଲତିକାର ଗୃହାଣିର ଗରିରେ ବନ୍ଧ ଅତନୁ, ଯେଉଁଦିନ ଲତିକାର ହୃଦୟ ଅଧିକାର କରିବା ଚେଷ୍ଟାରେ ବିଫଳ ହେଲା, ସେଦିନ ସେ ପ୍ରଥମେ ସୁମନା ନିକଟରେ ବ୍ୟକ୍ତ କରିଥିଲା ତା'ର ଶୋଚନୀୟ ପରାଜୟର ସେ କାହାଣୀ । ନିଜର ଗୃହାଣିରେ ଅନେକଙ୍କର ଶାନ୍ତି ନଷ୍ଟ କରି ମନରେ କାମନାର ଝଞ୍ଜା ବୁହାଇ ଦେଇଥିଲେ ବି ଲତିକା ସେମାନଙ୍କୁ ହୃଦୟ ଦେବାକୁ ଅସ୍ୱୀକାର କରିଥିଲା । ଅତନୁ ଥିଲା ସେଇ-ମାନଙ୍କ ଭିତରୁ ଜଣେ ।

କଥା ଛଳରେ ପ୍ରଶ୍ନ କରି ସୁମନା ସେଇଥିପାଇଁ ଲତିକାଠାରୁ ଉତ୍ତର ପାଇଥିଲା—

—"କବିଙ୍କୁ ମଣିଷ ଭଲ ପାଏ ତାଙ୍କର କବିତା ଶୁଣିବାକୁ, ପ୍ରେମ ବା ବିବାହ କରିବାକୁ ନୁହେଁ ।"

କଥା କେତେଟା ସୁମନା ଓଲଟେଇ ପାଲଟେଇ ପରୀକ୍ଷା କରିଥିଲା । ମନେ ତ ! ତା' କବିତା ଭଲ ଲାଗେ ବୋଲି ଯେ କବି ଅତନୁକୁ ବି ପ୍ରେମ କରିବାକୁ ହେବ ସେଥିରେ ବା କି ଯୁକ୍ତି ଅଛି ?

କିନ୍ତୁ ନିଜ ମନ ଭିତରଟା ପରୀକ୍ଷା କରି ଦେଖିବାକୁ ଯାଇ ଚମକି ପଡ଼ିଲା ସେ । ଅତନୁର ଲେଖାର ପ୍ରତିଟି କଥାର ପ୍ରତିଧ୍ୱନି ଯଦି ସେ ତା' ହୃଦୟ କନ୍ଦରରୁ ପାଏ ? ଯଦି ! ଇଚ୍ଛା କରି ସେ ଆଉ ଅଧିକ ଚିନ୍ତାରୁ ନିବୃତ୍ତ ହୋଇଥିଲା ସେଦିନ ।

ତା'ର କେତେଦିନ ପରେ କେଶ ସାଗରରେ ଅସୀମ ଅବଗାହନ କରିବା ତ ଦୂରର କଥା, କୃଷ୍ଣାର ଗୋରା ଗାଲ ଉପରୁ କେତେଟା ଚୂର୍ଣ୍ଣକୁନ୍ତଳ ଆଡ଼େଇ ଦେବାକୁ ଯାଇ ଯେତେବେଳେ ଅତନୁ ହଠାତ୍ ଅନୁଭବ କଲା ଯେ ସେ କୃଷ୍ଣାକୁ ଭଲ ପାଏ ! ତା' କଥା ଶୁଣି କୃଷ୍ଣା କୁଆଡ଼େ ଗମ୍ଭୀର ହୋଇ ଯାଇ କହିଥିଲା—

—"ପାପର ସାଗର ସବୁରିକି ଆକର୍ଷଣ କଲେ ବି ଅବଗାହନ କରିବାର ଶକ୍ତି କ'ଣ ସବୁରି ଥାଏ ?"

Digitized by srujanika@gmail.com

ଆଉ ସେଦିନ ବି ଅତନୁ ନେକ କଥା ପ୍ରକାଶ କରିଥିଲା ସୁମନାକୁ । ସୁମନା ବାଧା ଦେବାକୁ ଚେଷ୍ଟା କରିଥିଲା ଅତନୁ କଥା ଶୁଣିବାକୁ ସେ ଚାହେଁ ନା । ଅତନୁ ତା' କଥା ଶୁଣି ନ ଥିଲା । ସୁତରାଂ ସୁମନାକୁ ଶୁଣିବାକୁ ପଡ଼ିଲା । ନିଜ ମନ ଭିତରକୁ ଫେରି ଯାଇ ସେ ଭାବୁଥିଲା—ଭାବୁଥିଲା ସଂସାର ସାଗର ଭଳି, ପାପର ସାଗର ଲାଗି ହୁଏତ ଦରକାର ସେଇ ଏକ ଉପକରଣ । ଦରକାର ସମ୍ପତ୍ତି, ପ୍ରତିପତ୍ତି, ସମାଜରେ ପ୍ରତିଷ୍ଠା । ଅତନୁର ସେ ସବୁ ନାହିଁ, ଅଛି ଜିତେନ୍ଦ୍ରର । ସେଇଥିପାଇଁ ହୁଏତ ଜିତେନ୍ଦ୍ରକୁ ଇ ଶେଷ ପର୍ଯ୍ୟନ୍ତ ଜୀବନ ସାଥୀ କରିବ କୃଷ୍ଣା । ଜୀବନ ପଥକୁ ଯେ ସୁଗମ କରି ନ ପାରିଲା ସେ ବା କିପରି ହେବ ଜୀବନ ସାଥୀ !

ମନର ଦ୍ୱାରକୁ ସଂପୂର୍ଣ୍ଣ ରୁଦ୍ଧ କରିବାକୁ ଚାହୁଁଥିଲେ ବି ଅତନୁ କଥା ଶୁଣୁ ଶୁଣୁ, ସୁମନା ନିଜ ମନର ଗଭୀରତମ ଅନ୍ଧାରିଆ ଅଂଶଟାକୁ ଖୋଜି ବସିଲା । ହେଲେ କାହିଁ ଅନ୍ଧାର ? ଅତନୁ କଥା, ନିଜ ଉପରେ ଅତନୁର ଏଇ ଅଦ୍ଭୁତ ନିର୍ଭରଶୀଳତାର କଥା, ଅତନୁ ସହିତ ତା'ର ଏଇ ଏକାନ୍ତ ଅନ୍ତରଙ୍ଗତାର କଥା ଚିନ୍ତା କରୁ ନ କରୁଣୁ ତା' ମନର ସବୁ ଅନ୍ଧାରକୁ ଦୂର କରି ବିଚିତ୍ର ଏକ ଜ୍ୟୋତି ଭରିଗଲା । ଭୟରେ ମନର ଦ୍ୱାର ରୁଦ୍ଧ କଲା ସୁମନା । ନାଁ, ଆଉ ଅଧିକ ଦେଖିବାକୁ ଚାହେଁନା ସେ ।

ଆଉ ଦିନେ—ସେ ଦିନ ସ୍ୱାତିର ସୌନ୍ଦର୍ଯ୍ୟର ଗଭୀରତା ଅତନୁ କଳିବାକୁ ଚାହୁଁଥିଲା, ନିଜ ମନର ଆକର୍ଷଣର ଉଦ୍ଦାମତା ଦେଇ । କିନ୍ତୁ ସେଦିନ ବି ସେ ବ୍ୟର୍ଥ ହୋଇଥିଲା ବ୍ୟର୍ଥ ହୋଇଥିଲା ସ୍ୱାତିର ସୌନ୍ଦର୍ଯ୍ୟ ସାଗରରେ ସାମାନ୍ୟତମ କଲ୍ଲୋଳ ସୃଷ୍ଟି କରିବାରେ । ସେ ଦିନ ପୁଣି ଥରେ ସୁମନା ପାଖକୁ ଆସିଥିଲା ଅତନୁ ।

ସୁମନା କିନ୍ତୁ ସେଦିନ ସ୍ଥିର କରିଥିଲା—ନିଜକୁ ଦୂରେଇ ରଖିବାକୁ ! ଦରକାର ପଡ଼ିଲେ କଠୋର ହେବ ସେ । ଆଶ୍ରୟ ନେବ ରୁକ୍ଷତାର । ଅତନୁ ତାକୁ କ'ଣ ମନେକରେ ? ତା'ର କ'ଣ ଧାରଣା

Digitized by srujanika@gmail.com

ସେ ଦରଜା ଦ୍ବାରଦେଇ ଥିଲେ ବି ସୁମନା ବଞ୍ଚିତ ଆକର୍ଷଣ ଅନୁଭବ କରିବାରୁ ? ବାରମ୍ବାର ଅନ୍ୟମାନଙ୍କ ପ୍ରେମ, ଭଲ ପାଇବା କଥା ଶୁଣି ସହାନୁଭୂତି ପ୍ରକାଶ କଲେ ବି ତା ଦ୍ୱାରା ପ୍ରଭାବିତ ହେବା ସୁମନାର ଶକ୍ତିର ବାହାରେ ? ଘଣ୍ଟା ପରେ ଘଣ୍ଟା ଅନ୍ତରଙ୍ଗ ଭାବରେ ବସି, ଅତନୁ ମନର ଗୋପନତମ କଥା ଏକାନ୍ତରେ ଶୁଣିବା ତା'ର କର୍ତ୍ତବ୍ୟ ହେଲେ ବି ନିଜ ମନର ସବୁ କାମନା, ହୃଦୟର ଯେତେ ଅକୁହା କଥା ମନର ଗଭୀରତମ ପ୍ରଦେଶରେ ନିଶ୍ଚିହ୍ନ କରି ଲୁଚାଇ ରଖିବା ତା' ପକ୍ଷରେ ଜରୁରୀ ? ସୁମନାର ମନ ବିଦ୍ରୋହ କରି ଉଠିଥିଲା ।

—"ଜୀବନଟା ସାରା କେବଳ ପ୍ରେମ କରି ଗଲି ମୁଁ—ପ୍ରେମିକ ହେବା ଆଉ ଜୁଟିଲାନି ମୋ ଭାଗ୍ୟରେ ।"

ସ୍ୱାତିର ପ୍ରତ୍ୟାଖ୍ୟାନର ଅପମାନରେ ଜର୍ଜରିତ ଅତନୁ ଘଟଣାଟାକୁ ହାଲ୍‌କା କରିବାକୁ ଚେଷ୍ଟା କରୁଥିଲା । ତା' ନ କରି ଉପାୟ କ'ଣ ? ମଣିଷକୁ ବଞ୍ଚିବାକୁ ହେଲେ ଅନେକ କଥାକୁ ହାଲ୍‌କା କରିବାକୁ ପଡ଼େ—ଅନ୍ତତଃ ପକ୍ଷେ ନିଜେ ପାଇଥିବା ଲାଞ୍ଛନା, ପରାଜୟ ଆଉ ଅବହେଳାଗୁଡ଼ାକୁ । ତା' ନ ହେଲେ ସେ ବଞ୍ଚିବ କିପରି ?

ବଞ୍ଚିବାକୁ କିନ୍ତୁ ଚାହୁଁ ନ ଥିଲା ସୁମନା ।

ଅତନୁକୁ ମନକଥା ଖୋଲି କହିଲା ପରେ—ବଞ୍ଚିବା ମରିବା ଦୁଇଟା ତା' ପକ୍ଷରେ ସମାନ ବୋଲି ମନେହେଲା ତା'ର । ଅସୁନ୍ଦରୀ ହୋଇଥିବାରୁ, ବିନା ଦୋଷରେ ମଧ୍ୟ ବହୁ ଲାଞ୍ଛନା ପାଇ ତାକୁ ନିଜ ମନ ମଧ୍ୟରେ ଲୁଚାଇ ରଖି ପାରିଥିଲା ସେ । ଆଜି କିନ୍ତୁ ଏ ଭଲ ପାଇବାକୁ ଲୁଚାଇ ରଖିବାକୁ ତା'ର ମନ ମଧ୍ୟ ଅସମର୍ଥ ହେଲା ।

ଦୁନିଆରେ ଏଇ ଗୋଟିକ ଲୋକ—ଯାହାକୁ ସେ କାମନା କରିଥିଲା । ତା'ର ଆଗରେ ମନକଥା ଖୋଲି କହିବାଟା କେମିତି ବଞ୍ଚିବା ମରିବା ଠାରୁ ବି ବେଶି ଜରୁରୀ ହୋଇ ପଡ଼ିଥିଲା ।

Digitized by srujanika@gmail.com

—"ରୂପ ଆଉ ପ୍ରେମ, ଦୁଇଟାଯାକ ପାଖରେ ପାଖରେ ଥାଏ କେବଳ ସେଇ ପର୍ଯ୍ୟନ୍ତ—ଯେ ପର୍ଯ୍ୟନ୍ତ ଯେ ରୂପ ସୃଷ୍ଟି କରେ ଭଲ ପାଇବାର, ପ୍ରେମର ସ୍ୱପ୍ନ—ଅନ୍ୟ ମନରେ । ଦୁର୍ଭାଗ୍ୟର କଥା ହେଲ—ରୂପ ଯାହାର ଅଛି ପ୍ରେମ ତା'ର ମନରେ ସୃଷ୍ଟି ହେବା କେବଳ ବିଧିର ବିଧାନ !"

କଥାଟାର ପରିସମାପ୍ତି କରିବାକୁ ଯାଇ କହିଥିଲା ଅତନୁ । ଯେ କୌଣସି ଭଲ କାହାଣୀର ଉପସଂହାର ଭଳି ଶୁଭିଲେ ବି ସୁମନା ସେ କଥା ଶୁଣି ବି ଶୁଣିଲାନି ।

ତା' ପାଇଁ ସେ କାହାଣୀ ଶେଷ ହୋଇ ନ ଥିଲା—ବରଂ ହୁଏତ ସେଇ ଥିଲା ତା' କାହାଣୀର ଅଯୁମାରମ୍ଭ । ସେ ଅପେକ୍ଷା କରୁଥିଲା—ଅତନୁର କଥା ଶେଷ ହେବାକୁ । ତା'ର କଥା ଶେଷ ହୋଇଛି । ଏଇ ଥର ଆରମ୍ଭ ହେବ ତା' ନିଜ କଥା—ଆରମ୍ଭ କରିବ ସୁମନା ନିଜେ ।

—"ତମେ କ'ଣ ମନେକର—ଯାହାର ରୂପ ଅଛି ପ୍ରେମ କରିବାର ଅଧିକାର କେବଳ ତା'ର ?" ମନର ବନ୍ଧ ପ୍ରଶ୍ନକୁ ସୁମନା ରୂପ ଦେଲା ସେଇ ଗୋଟିଏ କଥାରେ । ଅତନୁ ଚମକି ପଡ଼ିଥିଲା । ଲଡ଼ିକୀର ଆଖି ସୁନ୍ଦର ଲାଗିଥିଲା—କିନ୍ତୁ ତାକୁ ଏମିତି ଭାବବିହ୍ୱଳ ହେବା କାଇଁ ସେ ଦେଖିନି ତ ?

"ନାଁ—ମାନେ—ପ୍ରେମଟା ତ ହୃଦୟର ।"

ଅତନୁର କଳ୍ପନାକୁ ରୂପ ଦେବାରେ ଧୁରନ୍ଧର କବିପ୍ରାଣ ସତେ ଯେମିତି ବାସ୍ତବକୁ ଉପଲବ୍ଧି କରିବାରେ ଅକ୍ଷମ ହେଲା ।

—"ଯାହାକୁ ବିଶ୍ୱାସ କରି ହେବ, ମନର ଗୋପନତମ କଥା ଯାହା ପାଖରେ ଅନାୟାସରେ କହିହେବ, ତୁମେ କ'ଣ ଭାବୁଚ ? ତାକୁ ଭଲ ପାଇ ହେବ କି ନାହିଁ ?"

ସୁମନାର ଏ ପ୍ରଶ୍ନ ଥିଲା ଆହୁରି ଜଟିଳ । ନିରୁପାୟ ଅତନୁ ସ୍ଥିର କରି ପାରିଲାନି କେଉଁଟା କୁଟୀଳତର ? ସୁମନାର ଆଖି ଦୁଇଟି

Digitized by srujanika@gmail.com

ବେଣୀର ଆବର୍ତ୍ତ—ନାଁ ତା'ର ପ୍ରଶ୍ନର ଭଉଁରୀ ? ନିଜ ମନର ଶତ-ସହସ୍ର, ସ୍ଫୁଟ ଅସ୍ଫୁଟ ଭାବନାକୁ ରୂପ ଦେବାରେ ଅଭ୍ୟସ୍ତ ହେଲେ ବି ଆବେଗ ଅଧୀର ଏଭଳି ଏକ ମନର ଗଭୀରତା କଳିବାରେ ଅସମର୍ଥ ହୋଇ ଯାଉଛି ।

—"ତୁମ ଭଳି ସୌନ୍ଦର୍ଯ୍ୟର ପିପାସା ନାହିଁ ମୋର । ମୁଁ ସୁନ୍ଦର ନୁହେଁ । ବାରମ୍ବାର ସୌନ୍ଦର୍ଯ୍ୟର ସନ୍ଧାନ କରିନି ମୁଁ ତୁମ ଭଳି । ମୁଁ ତୁମକୁ ଭଲପାଏ—ତୁମର ପ୍ରେମ ମୁଁ କାମନା କରେ । ହେଲେ ବିଶ୍ବାସ କର—ମୋର ଭଲ ପାଇବାର ଆରମ୍ଭ ତୁମରି ଠାରୁ ଆଉ ଶେଷ ହେବ ସେଇ ତୁମରି ପାଖରେ ।"

ଏତେ କଥା ଏକାଠି ସୁମନା ଠାରୁ କେବେହେଲେ ଶୁଣିନି ଅତନୁ । କେବେ ବି ଦେଖିନି ସେ ଏମିତି ଉଜ୍ଜଳ ମୁହଁ । କିଛି ସମୟ ଲାଗି ପ୍ରଗଲ୍‌ଭତା ତା'ର ଲୋପ ପାଇଲା ।

ଆଖି ଆଗରେ ଯାହାକୁ ଦେଖୁଛି ସେ—ତା' ଠାରୁ ଅଧିକା କ'ଣ ବା ସେ ପାଇଥାନ୍ତା ଲତିକା, କୃଷ୍ଣା, ବା ସ୍ବାତି—ଏମାନଙ୍କ ଠାରୁ ? ମନ ସ୍ଥିର କରିବାର ଶକ୍ତି ବି ହରାଇଲା ଅତନୁ ।

—"ତୁମର ଦୟା ମୁଁ ଚାହେଁନା, ମୋ ପାଖରେ କିଛି ମୂଲ୍ୟ ନାହିଁ ତୁମ ଅନୁକମ୍ପାର ।"

ସୁମନାର ତୀକ୍ଷ୍ଣ ସ୍ବର କାନରେ ବାଜୁଥିଲା । ଲତିକାର ନୟନ-ବାଣର ତୀକ୍ଷ୍ଣତା, କୃଷ୍ଣାର କେଶ ସାଗରର ଗଭୀରତା, ପୁଣି ସ୍ବାତିର ରଙ୍ଗର ଉଜ୍ଜ୍ୱଳ ବର୍ଣ୍ଣଚ୍ଛଟା—ଏସବୁ କ'ଣ ସେ ଭୁଲିଯାଇ ପାରିବ ସୁମନା ଭିତରେ ନିଜକୁ ହଜାଇ ଦେଇ ପାରିଲେ ? ମନ କ'ଣ ? ସେଇ ସନ୍ଧାନ କରିବ ସେ । ସୁମନା ଭିତରେ ସେ ଖୋଜିବ—ନିଜ ମନର କେତେ ସ୍ବପ୍ନ, ହୃଦୟର କେତେ ଆବେଗ, କଳ୍ପନାର କେତେ ରୂପ ।

ସୁମନା ଦେଖାଣି କେମିତି ଅତନୁ ମନକଥା ଏଥର ବି ଜାଣି ପାରିଥିଲା । ତଥାପି ମୁହଁରେ ତା'ର ଆତ୍ମତୃପ୍ତିର, ବିଜୟିନୀର ଦୀପ୍ତ

Digitized by srujanika@gmail.com

ହସଟି ଲାଗି ରହିଥିଲା । ଅତନୁର ସବୁ ଖୋଜିବା ଏଥର କେବଳ ସୁମନାକୁ ନେଇ । ସୁମନା ଜାଣିଥିଲା—ତାର ଭିତରେ ଅତନୁ ଖୋଜିବ କେତେବେଳେ ଲତିକା, କେତେବେଳେ କୃଷ୍ଣା, ଆଉ କେତେବେଳେ ସ୍ୱାତିକୁ ।

ଖୋଜିବ ଆଉ ପାଇବ ମଧ୍ୟ !

Digitized by srujanika@gmail.com

ସୀମାନ୍ତ

—"ଥଣ୍ଡାଟା ଟିକେ ବେଶି ପଡ଼ୁଛି । କେଜାଣି ରାତି ଆଡ଼କୁ ଆହୁରି ବଢ଼ିବ କି କ'ଣ ?"

ହାବିଲଦାର୍ ସାର୍ଵର୍ ସିଂ ଟିକେ ଜଡ଼ ମୋଡ଼ି ହୋଇ ହାତ ଗୋଡ଼ ଟିକେ ଝାଡ଼ିନେଲା । ସାରା ଦିନର ପହରା ପରେ କ୍ଳାନ୍ତ ସେ । ହାତ ଗୋଡ଼ରେ ଜୀବନ ନାହିଁ ଯେମିତି ।

ଏ ନିର୍ଜୀବତା କ୍ଳାନ୍ତି ଯୋଗୁଁ ନୁହେଁ—ହୋଇଥିଲା ଥଣ୍ଡାରେ । ବେଶ୍ କିଛିଦିନ ଧରି କ୍ରମାଗତ ବରଫ ପଡ଼ୁଥିଲା । ବର୍ତ୍ତମାନ ଇଞ୍ଚେ ବୋଲି କଳା ମାଟି କୋଉଠି ହେଲେ ଦିଶୁନି । ସବୁ ଧଳା, ଶକ୍ତ, ଜମାଟ୍ ବରଫ୍ । ଦିନ କେତୋଟା ଭିତରେ ସେଇ ନରମ, ଜୀବନ୍ତ ଆଉ ପରିଚିତ ମାଟିଟା କେମିତି ଯେ ଏତେ ବଦଳିଗଲା, ମୋଟେ ବୁଝି ପାରୁ ନ ଥିଲା ସେ ।

ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ପ୍ରକୃତରେ ଜାଗାଟା ତା' ପାଇଁ ନୂଆ ଆଉ ନୂଆ ଲାଗୁଥିଲା ଏଇ ଶକ୍ତ, ନିର୍ଜୀବ ବରଫ । କେତେ ମାସ ପୂର୍ବ ପର୍ଯ୍ୟନ୍ତ ଏତେ ବରଫ ସେ କେବେ ଦେଖି ନ ଥିଲା । ସବୁଜ ସମତଳ ଭୂମିର ଲୋକ ସେ । ମାଟିର ସେ ମିଠା, ଉଗ୍ର ପାଗଳକରା ଭିଜା ବାସ୍ନା ତା'ର ଚିହ୍ନା । ଚିହ୍ନା ସେ ମାଟିର ଗଛ, ତା'ର ଫୁଲ ଆଉ ଫଳ । ସେ ମାଟି ତା'ର ପରିଚିତ— ଅତି ନିଜର ।

Digitized by srujanika@gmail.com

ପରିଚିତ ସେଇ ଦେଶରୁ ସେ ଆଜି କେତେ ଦୂରରେ । କେଜାଣି କାହିଁକି ମନଟା ତା'ର ଖରାପ ହୋଇଗଲା । ସାବର୍ ସିଂ ଅଳ୍ପ ହସି ଷ୍ଟୋର ତମ୍ବୁ ଆଡ଼କୁ ହାତ ଦେଖାଇଲା ।

—"ରାତି ଲାଗି ଖାଇବାକୁ ପିଇବାକୁ ଯଥେଷ୍ଟ ଅଛିରେ । ବ୍ୟସ୍ତ ହବୁନି । ତେବେ ଟିକେ ହୁସିଆର୍ ରହିବୁ । ରାତିରେ ବୋଧେ ପୁଣି ବରଫ ପଡ଼ିବ ।"

ବରଫ ପଡ଼ୁଥିଲା ଆଜି ସକାଳ ପର୍ଯ୍ୟନ୍ତ । ବନ୍ଦ ଅଛି ସେତିକି ବେଳରୁ । ଚୌକିରେ ଆଜି ତା'ର ଏଠି ଡ୍ୟୁଟି ନ ଥିଲା । ଥିଲା ତା'ର ବନ୍ଧୁ ବାହାଦୂର ଥାପ୍ପାର । କିନ୍ତୁ କେତେଦିନ ଧରି ସେଇ ବରଫ ଝଡ଼ ଭିତରେ ଡ୍ୟୁଟି କରି ବାହାଦୂର ଆଜି ହଠାତ୍ ଅସୁସ୍ଥ ହୋଇ ପଡ଼ିଲାରୁ ଆସିବାକୁ ହେଲା ତାକୁ ।

—"ଆସୁଛି ରେ ମୁଁ ହୁସିଆର୍—ସେ ଆଗ ପାହାଡ଼ ପାଖରେ ଦି' ପହରରେ ଦି'ଜଣ ଲୋକଙ୍କୁ ମୁଁ ଦେଖିଛି । ଏଆଡ଼େ ଆସିଲେନି, କିଛି ବେଳ ସେଇଠି ରହି ପୁଣି ଚାଲିଗଲେ ପାହାଡ଼ ଆରପଟକୁ । ନଜର୍ ରଖିବୁ । ମୁଁ ଆସେ— ।"

ସାବର୍ ସିଂର ଭାରି ବୁଟ୍‌ର ଶବ୍ଦ, ଧୀରେ ମିଳେଇ ଯାଉଥିଲା—ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇ ଦୂରକୁ । ବେଶ୍ କିଛିଦୂର ଯିବାକୁ ହେବ ତାକୁ ଘଣ୍ଟା ବି ଡେରିନାହିଁ ବେଶି । ବନ୍ଧୁକ ଧରି ଲେଫ୍ଟ ରାଇଟ୍ କରି, ବେଶ୍ କିଛି ଥର ଏପଟ ସେପଟ ହୋଇଗଲା ସେ ।

ଯେ କୌଣସି ପଟକୁ ଚାହିଁଲେ ବି ଆଖିରେ ନୂଆ କିଛି ପଡ଼ିବନି । ଘଣ୍ଟା ଘଣ୍ଟା, ଦିନ ଦିନ, ମାସ ମାସ—ସେଇ ଏକା ଦୃଶ୍ୟ । ଯେତେଦୂର ଆଖି ଯିବ ବରଫ ଆଉ ବରଫ । ଆଉ ତା'ରି ଭିତରେ ତାକୁ ବନ୍ଦୀ କରି ଘେରି ରହିଲା ପରି ପର୍ବତଗୁଡ଼ା—କଳା, ମାଟିଆ, ପାଉଁଶିଆ, ଧଳା । କିନ୍ତୁ ସେଠି ବି ବରଫ ଆଉ ବରଫ ଆଉ ବରଫ ।

ସେଇ ବରଫ ଭିତରେ ବୁଡ଼ିଗଲା ସୂର୍ଯ୍ୟ—ତା' ସାଙ୍ଗରେ

Digitized by srujanika@gmail.com

ଗୁଳିଗଲା ଧୀରେ ଦିନର ଆଲୁଅ, ଆଲୁଅର ଉତ୍ତାପ, ଆଉ ଉତ୍ତାପର ଜୀବନ । ତିଳ ତିଳ କରି ମରି ଯାଉଛି ଦିନ । ତା'ର ଶେଷ ରକ୍ତାକ୍ତ ନିଶ୍ୱାସ ଛୁଟି ଦେଇଛି—ନେଳିଆ ନେଳିଆ ରକ୍ତ ଅଧା ମରା ଆକାଶଟାରେ, ପାଉଁଶିଆ ବରଫଢଙ୍କା ମୃତ୍ୟୁ ପାଣ୍ଡୁର ମାଟି ଉପରେ !

ଦେହର ରକ୍ତ ସତେ ଯେପରି ଜମାଟ୍ ବାନ୍ଧି ଯାଉଛି ଶିରା, ପ୍ରଶିରାରେ । ପରିଷ୍କାର, ପାତଳା ପବନରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ! ବନ୍ଧୁକ ଧରି ଠିଆ ହୋଇ ପଡ଼ିଲା ସେ ।

କାନ୍ଧରୁ ଓହ୍ଲାଇ ସେ ଭାରି ବ୍ୟାଗ୍‌ଟା ଥୋଇଦେଲା ନେଇ ତମ୍ବୁ ଭିତରେ । ତା'ପରେ ଗୁଞ୍ଜି ପକେଟ୍‌ରୁ କାଢ଼ିଲା ଖଣ୍ଡେ ଚିଠି । ଆସିଥିଲା ଘରୁ । ପୂଜାରେ ଛୁଟି ନେଇ ଘରକୁ ଯାଇନି ବୋଲି ଅଭିମାନ କରି ଲେଖିଥିଲା ତା'ର ସ୍ତ୍ରୀ ।

—"ନ ଆସିଲେ ନାହିଁ—ଆଉ କେତେଟା ଦିନ ସବୁର କରି ଆସିବ ଯେ, ଦେଖିବ ମୋର ମଲା ମୁହଁ ।"

ଗଲା ବର୍ଷ ଛୁଟି ମିଳିଥିଲା ତାକୁ ।

କେତେ ଖୁସିରେ ଦିନ କେଇଟା ଗୁହୁଁ ଗୁହୁଁ କଟି ଯାଇଥିଲା । ଆଉ ଛୁଟିରୁ ଫେରିବାର କେଇଟା ମାସ ପରେ ବି ସେ ଖୁସିର ଚିହ୍ନ ଲିଭି ନ ଥିଲା ମନରୁ । ଖବର ପାଇଥିଲା ସେ । ତା' ଘରକୁ ଆସୁଛି ନୂଆ ଆଗନ୍ତୁକ । ତା'ର ବଂଶର ମୁହଁ ଉଜ୍ଜ୍ୱଳ କରିବାକୁ ତା'ର ମନର କାମନା ପୂର୍ଣ୍ଣ କରି ତା'ରି ରକ୍ତରୁ ଜନ୍ମ ହେବ ଗୋଟିଏ ମଣିଷ ଶିଶୁ । ସେ ଏକାନ୍ତ ଭାବେ ତା'ର ।

ଚିଠିଟା ପକେଟ୍‌ରେ ରଖି ବାହାରକୁ ଆସିଲା ସେ । ପୁଣି ଘୂରି ବୁଲିଲା ସେ । ପାଦ ପାଦ ହୋଇ ଥରେ ଆଗକୁ, ପୁଣି ବୁଲି ପଡ଼ି ଫେରିଲା ପାଦ ପାଦ କରି ।

ଗଭୀର ନିସ୍ତବ୍‌ଧ ଗୁରିଆଡ଼ । ରାତି ହୋଇ ଯାଇଛି ଆଉ ପାହାଡ଼ର ପଛପଟୁ ଦୁଷ୍ଟ, ଲାଜକୁଳା ପିଲାଟି ଭଳି ଉଙ୍କି ମାରୁଛି ଚନ୍ଦ୍ର—ଚତୁର୍ଦ୍ଦଶୀ ଚନ୍ଦ୍ର । ହଁ ଆସନ୍ତା କାଲି ପୂର୍ଣ୍ଣିମା !

Digitized by srujanika@gmail.com

ସେଦିନ ବି ପୂର୍ଣ୍ଣିମା ଥିଲା—ଯୋଉଦିନ ଫେରି ଆସିଥିଲା ତା'ର ବନ୍ଧୁ ହରିନାମ୍‌ର ଲୁଗାପଟା, ପୋଷାକ ପତ୍ର । ଶତ୍ରୁ ଗୁଳିରେ ଅତର୍କିତ ଭାବରେ ଆକ୍ରାନ୍ତ ହୋଇ ମଧ୍ୟ ହରିନାମ୍ ପଛକୁ ହଟିଯାଇ ନ ଥିଲା । ବନ୍ଧୁର ପୋଷାକପତ୍ର ଦେବାକୁ ଯାଇ ହରିନାମ୍‌ର ମା'କୁ ଭେଟିଥିଲା ସେ । ଆଖିର ଲୁହ ଭିତରୁ ଅଳ୍ପ ହସିଥିଲା ବୁଢ଼ୀ ।

—"ମା'ର ଇଜ୍ଜତ୍ ରଖିବାକୁ ଜୀବନ ବି ଦେବାକୁ ପଡ଼େ । ପୁଅ ମୋର ମଣିଷ ଭଳି ମରିଛଟେ ।"

ସେଇ କଥା ବସି ଭାବୁଥିଲା ସେ । ଆଉ ସେଇ କଥା ପାଟିରୁ ବାହାରି ପଡ଼ିଥିଲା ତା'ର ।

—"ଇଜ୍ଜତ୍ ପାଇଁ ଜୀବନ ଦବା ଦରକାର ।"

ପାଟିରେ ତା'ର ହାତ ଥୋଇଥିଲା ସେ—ତା'ର ସ୍ତ୍ରୀ ।

—"ଥାଉ ଏତେ ଭାବନା ସେକଥା । ବୁଦ୍ଧି ବିଚାରି କାମ କରିବାଇ ଭଲ । ନ ହେଲେ ଅଯଥା ବିପଦକୁ ଡାକି ଆଣିବା ସାର ହବ— ।"

ଚମକି ପଡ଼ିଲା ସେ ।

କ'ଣ ଗୋଟେ ଶବ୍ଦ ହେଲା ?

ଜାଣେ ସେ—ଏଠି ଖୁବ୍ ଦୂରର ଶବ୍ଦ ଶୁଭେ ପାଖରେ ଭଳି । ଚୁରଆଡ଼େ ସତର୍କ ଆଖିରେ ଦେଖିନେଲା ସେ । ସବୁ ଠିକ୍ ଆଗଭଳି ନିର୍ଜୀବ, ନିସ୍ତବ୍ଧ ଆଉ ନିର୍ଜନ ।

ଖାଇ ସାରିଛି ସେ । ଅନ୍ୟମନସ୍କ ଭାବେ ତମ୍ବୁ ଖୁଣ୍ଟକୁ ଆଉଜି ବସି କେମିତି କ୍ଳାନ୍ତ ଆଖି ବୁଜି ହୋଇ ଆସିଛି ତା'ର । କେତେ ସମୟ ବିତିଗଲା ।

Digitized by srujanika@gmail.com

ଚନ୍ଦ୍ର ପାହାଡ଼ର ଆଶ୍ରୟ ଛାଡ଼ି, ଆଗଭର ହୋଇ ବାହାରିଛି— ଶ ପଥରେ—ଅଭିଯାନରେ । ତାକୁ ବାଧା ଦେବାକୁ ସାରା ଆକାଶରେ ତାରାଟିଏ ସୁଦ୍ଧା ଦିଶୁନି । କିନ୍ତୁ ମାଟି ଉପରେ ଠିଆ ହୋଇଛି, ବିସ୍ତୀର୍ଣ୍ଣ ବରଫ ପ୍ରାନ୍ତ ଭିତରେ ଗୋଟିଏ କଳା ବିନ୍ଦୁଟିଭଳି ସୀମାନ୍ତରକ୍ଷୀ ବୀର ଜଓ୍ୱାନ୍ । ଜନ୍ମଭୂମିର ସୀମାନ୍ତରେ ଅନଧିକାର ପ୍ରବେଶ କରୁଥିବା ସବୁରିକି ବାଧା ଦେବ ସେ—ଦେହର ଶେଷ ରକ୍ତବିନ୍ଦୁ ଥିବାଯାଏ ।

ଚନ୍ଦ୍ର ଆହୁରି ଉପରକୁ ଆସିଛି, ପ୍ରାୟ ମୁଣ୍ଡ ଉପରକୁ । ଦୂର ପାହାଡ଼ର ଫାଙ୍କରେ ନଇଁ ଆସିଛି ଗଭୀର ଅନ୍ଧାର । ପାହାଡ଼ର ଛାଇ ନୁହେଁ—ଚନ୍ଦ୍ର ଯେ ଠିକ୍ ମୁଣ୍ଡ ଉପରେ । ଜମାଟ୍ ବନ୍ଧା ସେଇ କଳା ଅନ୍ଧାର ସତେ ଯେମିତି ଆଗେଇ ଆସୁଛି; ଆସୁଛି ଆହୁରି ପାଖକୁ, ଆହୁରି ପାଖକୁ ।

ସ୍ତବ୍ଧ ହୋଇ ଚାହିଁ ରହିଛି ଆକାଶର ଜହ୍ନ । ଚାହିଁ ରହିଛି ଧାଡ଼ି ଧାଡ଼ି ପାହାଡ଼ । ଚଳନ୍ତ ସେ ଅନ୍ଧାର ପାହାଡ଼ର ସୀମା ଛାଡ଼ି ବରଫ ପଡ଼ିଆ ଭିତରେ ଆଗେଇ ଆସିଛି ବେଶ୍ ପାଖକୁ । କିନ୍ତୁ ଅନ୍ୟମନସ୍କ ମନ ତା'ର ଦେହର ବନ୍ଧନ ଛାଡ଼ି ଚାଲିଯାଇଛି କେତେ ହଜାର ମାଇଲ ଦୂରକୁ । କ୍ଲାନ୍ତ ଆଖିରେ ତନ୍ଦ୍ରାର ଘୋର । ନିସ୍ତବ୍ଧ ପ୍ରାନ୍ତରରେ ନିଃଶବ୍ଦରେ ଆଗେଇ ଆସୁଥିଲା ଛାଇଟା । ପାଖକୁ ଆସିଲାରୁ ବୁଝିହେଲା ଜମାଟ୍ ଅନ୍ଧାର ନୁହେଁ, ସେଇଟା କେତେଗୁଡ଼ିଏ ଛାଇର ସମଷ୍ଟି ।

ସମସ୍ତର ଗତି ସ୍ଥିର, ଅଚଞ୍ଚଳ । ଚନ୍ଦ୍ରର ଅଭିଯାନ ସତେ ଯେପରି ବାଧା ପାଇଛି ହାଲ୍କା ରେଶମ୍ ଚାଦର ଭଳି ଛୋଟ ମେଘ ଖଣ୍ଡିକରେ । ସେ ନିସ୍ତବ୍ଧ, ଅଚଞ୍ଚଳତା ମଧ୍ୟରେ ଚଳନଶୀଳ ଏକମାତ୍ର ସେ ଛାଇଛାଇଆ ଅନ୍ଧାର । ଦୂରତାର ବ୍ୟବଧାନକୁ ଘୁଞ୍ଚାଇବା ସତେ ଯେପରି ତା'ର ଏକମାତ୍ର ଲକ୍ଷ୍ୟ ।

ହଠାତ୍ ସାମାନ୍ୟ ଶବ୍ଦରେ ଆଖି ଖୋଲିଗଲା ତା'ର ।

କେତେ ମୁହୂର୍ତ୍ତ ମାତ୍ର ମସ୍ତିଷ୍କ ତା'ର ସଚଳ ହୋଇଉଠିଲା । କିନ୍ତୁ—ଆଶ୍ଚର୍ଯ୍ୟ ! ହାତ ଗୋଡ଼ ଯେ ନିର୍ଦ୍ଦେଶ ମାନିବାକୁ ନାରାଜ । ତେବେ

Digitized by srujanika@gmail.com

କ'ଣ ? କେତେ ମୁହୂର୍ତ୍ତ ଲାଗି ଏକ ଅବ୍ୟକ୍ତ ଆତଙ୍କରେ ଭରିଗଲା ତା'ର ମନ । ଭୟାର୍ତ୍ତ ଆଖି ତା'ର ବୁଲିଗଲା—ଆଗର ଛାଇଗୁଡ଼ା, ଆଉ ପାଖରେ ତା'ର ପଡ଼ି ରହିଥିଲା ଘରି ବ୍ୟାଗ୍‌ଟା । ସେଥିରେ ଥିଲା ମୋଟା, ଓଜନିଆ ଶୀତ ପୋଷାକ । ଖାଇବା ପୂର୍ବରୁ ତାକୁ ପିନ୍ଧିବାକୁ ହୋଇଥାନ୍ତା; କିନ୍ତୁ ସେ ପିନ୍ଧିନି ।

ଦେହର ସମସ୍ତ ଜୋର୍ ଠୁଳକରି ହାତ ବଢ଼ାଇଲା ସେ ।

ଲୁଗାପଟାକୁ ନୁହେଁ । ତା'ର ଦରକାର ନ ଥିଲା ଆଉ । ସେ ଜାଣିଥିଲା ତା'ର ଅଙ୍ଗ ପ୍ରତ୍ୟଙ୍ଗର ଏ ଜଡ଼ତା ଦୂର କରିବାର ସାଧ୍ୟ ତା'ର ନାହିଁ, ଫ୍ଲାସ୍କ ଖୋଲି ଗରମ କଫିଟା ଏକା ଢୋକରେ ପିଇନେଲା ସେ । ଦେହ ଭିତରର ସେ ଜଡ଼ତା ସାମାନ୍ୟ ହାଲ୍‌କା ହେଲା ମାତ୍ର । ବ୍ୟାଗ୍‌ରୁ କିଛି ଗୋଟେ କାଢ଼ିଲା ସେ । ଆଖି ଆଗରେ ବିଦେଶୀ ଶତ୍ରୁ ।

ମୁହୂର୍ତ୍ତ ମୁହୂର୍ତ୍ତ କରି ସମୟ ବିତି ଯାଉଥିଲା ।

କଳା ଛାଇଗୁଡ଼ାକ ନିଃଶବ୍ଦରେ ଆଗେଇ ଆସିଲେ । ପାଖକୁ, ପାଖକୁ, ଆହୁରି ପାଖକୁ । ଦେହ ଓ ମନର ସମସ୍ତ ଶକ୍ତି ଠୁଳକରି ସେ କିଛି ଗୋଟେ ଫିଙ୍ଗିଦେଲା କଳା ଛାଇ ଗୁଡ଼ାକର ଠିକ୍ ମଝିକୁ ।

ଭୟଙ୍କର ଶବ୍ଦ କରି ବିସ୍ଫୋରଣ ହେଲା ।

ଜମାଟ୍ ଅନ୍ଧାରଟା ଭାଙ୍ଗି ଟିକ୍ ଟିକ୍ ହୋଇଗଲା—ଟିକ୍ ଟିକ୍ ହୋଇ ଭାଙ୍ଗିଗଲା ସେ ଜମାଟ୍ ନିସ୍ତବ୍‌ଧତା । ଶୁଣିବାକୁ କିନ୍ତୁ ପାଖ ଆଖରେ କେହି ନ ଥିଲେ ।

●

Digitized by srujanika@gmail.com